

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୩୦ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 30 October 2026

Vol.No. 36 ■ No.283 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net

ବାତ୍ୟା ଅର୍ଣ୍ଣବରେ ବେହାଲ ଗଞ୍ଜାମ: ୨୨ ଗାଁ ଜଳବନ୍ଦୀ

ବନ୍ୟା ସ୍ଥିତି ପରଖିବେ ମୁଖ୍ୟମନ୍ତ୍ରୀ: ଆଜି ଗଞ୍ଜାମ ଗସ୍ତ

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ବେହାଲ ଗଞ୍ଜାମ ଜିଲ୍ଲା। ପ୍ରବଳ ବର୍ଷାରେ ଜିଲ୍ଲାର ଅନେକ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ ୨୨ଟି ଗାଁ ଜଳବନ୍ଦୀରେ ରହିଛି। ପାତ୍ରପୁର ବ୍ଲକ୍‌ରେ ସର୍ବାଧିକ ୫୪୬ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଅତୀତର ବର୍ଷା ରେକର୍ଡ ଭାଙ୍ଗିଛି ଗଞ୍ଜାମ। ଧରାକୋଟ ବ୍ଲକ୍‌ର ଦୁଇଟି ଗାଁରେ ପାଣି ପଶିଥିବାରୁ ଲୋକେ ଛାତ ଉପରେ ଆଶ୍ରୟ ନେଇଛନ୍ତି । ବୋଟ୍ ଯୋଗେ ଉଦ୍ଧାର କାର୍ଯ୍ୟରେ ବାଧା ଉପୁଜୁଥିବାରୁ ହେଲିକପ୍ଟର ସହାୟତାରେ ଲୋକଙ୍କୁ ଉଦ୍ଧାର କରିବାକୁ ଯୋଜନା ହୋଇଛି । ଏଥିପାଇଁ କେନ୍ଦ୍ର ସରକାରଙ୍କ ସହ ଯୋଗାଯୋଗରେ ରହିଛନ୍ତି ରାଜ୍ୟ ସରକାର । ଆବଶ୍ୟକ ପଡ଼ିଲେ ନାଭାଲ ଓ ଏୟାରଫୋର୍ସର ସହାୟତା ନିଆଯିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ବର୍ଷାର ବିପ୍ଳବ। ଲଗାଣ ବର୍ଷା ଯୋଗୁଁ ଅନେକ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ପାତ୍ରପୁର ବ୍ଲକ୍‌ରେ ୫୪୬ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ଜିଲ୍ଲାର ୨୨ଟି ଗାଁ ଜଳବନ୍ଦୀରେ ରହିଛି। ସାନଖେମୁଣ୍ଡି, ଧରାକୋଟ, ପୁରୁଷୋତ୍ତମପୁର ବ୍ଲକ୍‌ର ପାଣ୍ଡିଆ ଏବଂ ସୋରଡ଼ା ଅଞ୍ଚଳ ବିଶେଷ ଭାବେ ପ୍ରଭାବିତ ହୋଇଛି। ଧରାକୋଟ ବ୍ଲକ୍‌ର ଦୁଇଟି ଗାଁରେ ଲୋକେ ଘର ଛାତ ଉପରେ ଆଶ୍ରୟ ନେଇଥିବା ସୂଚନା ମିଳିଛି। ଜିଲ୍ଲାର ୨୨ଟି ବ୍ଲକ, ୨୦୮ଟି ଗ୍ରାମ ପଞ୍ଚାୟତ, ୨୯୯ଟି ଗାଁ ଏବଂ ୧୮ଟି ସହରାଞ୍ଚଳ ପ୍ରଭାବିତ ହୋଇଛି ।



◆◆ପୃଷ୍ଠା ୭

ସୃଷ୍ଟି ହେଲା ଲଘୁଚାପ

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ଦକ୍ଷିଣ ଆଣ୍ଡାମାନ ସାଗର ସୃଷ୍ଟି ହେଲା ଲଘୁଚାପ। ଆଗାମୀ ୨୪ ଘଣ୍ଟାରେ ଏହା ଘନୀଭୂତ ହୋଇ ସ୍ପଷ୍ଟଚିହ୍ନିତ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ସେହିପରି ପରବର୍ତ୍ତୀ ୨୪ଘଣ୍ଟାରେ ଏହା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ କଣ ରହିବ, ତାହା ସ୍ପଷ୍ଟ ହୋଇନାହିଁ। ଏକ ଘୂର୍ଣ୍ଣିବଳୟ ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଦୁଇ ଦିନ ତଳେ ସୃଷ୍ଟି ହୋଇ ସକ୍ରିୟ ରହିବା ପରେ ଆଜି ଲଘୁଚାପରେ ପରିଣତ ହୋଇଛି। ଅନ୍ୟପକ୍ଷରେ 'ଅର୍ଣ୍ଣବ' ଆହୁରି ଦୁର୍ବଳ ହୋଇ ଗଭୀର ଅବପାତରୁ ଅବପାତରେ ପରିଣତ ହୋଇ ଦକ୍ଷିଣ ଛତିଶଗଡ଼ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଓଡ଼ିଶା ନିକଟରେ କେନ୍ଦ୍ରୀଭୂତ ହୋଇଛି। ଆଜି ସନ୍ଧ୍ୟା ସୁଦ୍ଧା ଏହା ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶା ଓ ଛତିଶଗଡ଼ର କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ବଲାଙ୍ଗିର, ନୂଆପଡ଼ା, ସୋନପୁର, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଏହି ସବୁ ଜିଲ୍ଲାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

କର୍କଟ ଔଷଧ ଦାମ୍‌ରେ ବଡ଼ ହ୍ରାସ: ୭୩% ଔଷଧ ହେବ ଶସ୍ତା !

ନୂଆଦିଲ୍ଲୀ,୨୯/୧୦ : କର୍କଟ ରୋଗୀଙ୍କ ପାଇଁ ବଡ଼ ଆଶ୍ୱସ୍ତି ! ଦେଶରେ ୫୪୩ଟି କର୍କଟ ଔଷଧ ବ୍ରାଣ୍ଡ ଓ ପ୍ୟାକ୍‌ର ଦରରେ ହୋଇଛି ବଡ଼ ପରିବର୍ତ୍ତନ। ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣର ନିଷ୍ପତ୍ତି ପରେ ୩୯୭ଟି ଔଷଧର ଦାମ୍ କମିଛି। ଅର୍ଥାତ୍ ପ୍ରାୟ ୭୩ ପ୍ରତିଶତ ଔଷଧ ହେବ ଶସ୍ତା। ନଭେମ୍ବର ୯ରୁ ନୂଆ ଦର ଲାଗୁ ହେବ। କେତେକ ଔଷଧର ଦାମ୍ ୮୦ ପ୍ରତିଶତରୁ ଅଧିକ କମିଥିବା ବେଳେ, ଆଉ କିଛି ଦାମୀ ଔଷଧର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। କର୍କଟ ଚିକିତ୍ସା ଖର୍ଚ୍ଚ ଅନେକ ପରିବାର ପାଇଁ ବଡ଼ ଚିନ୍ତାର କାରଣ। ଏଭଳି ସ୍ଥିତିରେ ୫୪୩ଟି କର୍କଟ ଔଷଧ ବ୍ରାଣ୍ଡ ଓ ପ୍ୟାକ୍‌ର ମୂଲ୍ୟରେ ପରିବର୍ତ୍ତନ କରାଯାଇଛି। ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣର ନିଷ୍ପତ୍ତି ଅନୁସାରେ ୩୯୭ଟି ଔଷଧର ଦାମ୍ ହ୍ରାସ ପାଇଛି। ଏଥିମଧ୍ୟରୁ ପ୍ରାୟ ୨୧୭ଟି ଔଷଧର ଦାମ୍ ଅଧାରୁ ଅଧିକ କମିଛି। ୯୭ଟି ବ୍ରାଣ୍ଡର ଦର ୭୦ ପ୍ରତିଶତରୁ ଅଧିକ ଏବଂ ୫୦ଟି ବ୍ରାଣ୍ଡର ଦର ୮୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ତେବେ ୧୪୬ଟି ବ୍ରାଣ୍ଡ-ପ୍ୟାକ୍‌ର ଦାମ୍‌ରେ କୌଣସି ପରିବର୍ତ୍ତନ ହୋଇନାହିଁ। ନୂଆ ମୂଲ୍ୟ ନିର୍ଦ୍ଧାରଣ ପରେ କେତେକ ଔଷଧର ଦାମ୍‌ରେ ବଡ଼ ହ୍ରାସ ହୋଇଛି। ସ୍ୟାମ୍‌ଟେପା ଇଞ୍ଜେକ୍ସନର ଦାମ୍ ପୂର୍ବରୁ ୮୦ ହଜାର ଟଙ୍କାରୁ ଅଧିକ ଥିବା ବେଳେ ଏହା ଏବେ ପ୍ରାୟ ୭ ହଜାର ଟଙ୍କାକୁ ଖସିଥିବା ସୂଚନା ମିଳିଛି। ସେହିପରି, ଆଲ୍‌ବୋପ୍ରୋ ଔଷଧର ୨୧ଟି କ୍ୟାପସୁଲ୍ ଥିବା ପ୍ୟାକ୍‌ର ଦାମ୍ ୪୦ ହଜାର ଟଙ୍କାରୁ ହ୍ରାସ ପାଇ ୬ ହଜାର ୮୦୦ ଟଙ୍କା ହୋଇଛି। ଏହି ଦର ହ୍ରାସ ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ କମାଇବାରେ କେତେ ସହାୟକ ହେଉଛି, ତାହା ଉପରେ ନଜର ରହିବ।

◆◆ପୃଷ୍ଠା ୭

ଆଜି ମିଳିବ ୨୪ତମ ପିଏମ୍ କିଷାନ କିସ୍ତି: ରାଜ୍ୟର ୩୫ ଲକ୍ଷ ଚାଷୀ ପାଇବେ ୭୦୦ କୋଟି ଟଙ୍କା

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ କିଷାନ ଉତ୍ସବ ଦିବସ ଅବସରରେ ଅକ୍ଟୋବର ୩୦ (ଶୁକ୍ରବାର) ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍ କିଷାନ) ଯୋଜନାର ୨୪ତମ କିସ୍ତି ଚାଷୀଙ୍କ ବ୍ୟାଙ୍କ୍ ଖାତାକୁ ଆସିବ। ଏହି କ୍ରମରେ, ଓଡ଼ିଶାର ୩୫ ଲକ୍ଷ ୩୯ ହଜାର ୨୯୭ ଜଣ ଚାଷୀଙ୍କ ଖାତାକୁ ମୋଟ ୭୦୭,୮୫,୯୪,୦୦୦ ଟଙ୍କା ହସ୍ତାନ୍ତର କରାଯିବ। ଏନେଇ ଗୁଜରାଟର ବନାସକାଣ୍ଠା ଠାରେ ଜାତୀୟସ୍ତରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶବ୍ୟାପୀ ଚାଷୀଙ୍କୁ ଏହି କିସ୍ତି ପ୍ରଦାନ କରିବେ। ଏହି ପରିପ୍ରେକ୍ଷୀରେ, ଓଡ଼ିଶା ପାଇଁ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ବାହ୍ନ ୯ଟାରେ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୫ ଲକ୍ଷ ୩୯ ହଜାର ୨୯୭ ଜଣ ଚାଷୀଙ୍କ ଖାତାକୁ ମୋଟ ୭୦୭,୮୫,୯୪,୦୦୦ ଟଙ୍କା ହସ୍ତାନ୍ତର କରାଯିବ। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ଅନ୍ୟ ଉଚ୍ଚାଧିକାରୀମାନେ ଉପସ୍ଥିତ ରହିବେ।

ରାଜ୍ୟସଭା କ୍ରସଭୋଟିଂ ବିବାଦ: ନିଲମ୍ବିତ ୫ ବିଜେଡି ବିଧାୟକଙ୍କୁ ହାଇକୋର୍ଟଙ୍କ ନୋଟିସ୍

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ବିଜେଡି ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ମାମଲା ଏବେ ନୂଆମୋଡ଼ ନେଇଛି । ହାଇକୋର୍ଟ ଏହି ମାମଲାରେ ବିଜେଡିରୁ ନିଲମ୍ବିତ ୫ଜଣ ବିଧାୟକଙ୍କୁ ନୋଟିସ୍ ଜାରି କରି ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପଟେ ହାଇକୋର୍ଟଙ୍କ ଏହି ନୋଟିସ୍ ପରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ଏକ ସାମ୍ବାଦିକ ସମ୍ମିଳନୀ କରି ବିଧାନସଭା ବାଚସ୍ପତିଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କ ଖଣ୍ଡପୀଠ ରାଜ୍ୟସଭା କ୍ରସଭୋଟିଂ ମାମଲାର ଶୁଣାଣି କରି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଏବଂ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ନୋଟିସ ଜାରି କରିଛନ୍ତି। ସେମାନଙ୍କୁ ଡିସେମ୍ବର ୪ତାରିଖ ସୁଦ୍ଧା ନିଜର ଜବାବ ରଖିବାକୁ କୁହାଯାଇଥିବା ଜଣାପଡ଼ିଛି। ଖଣ୍ଡପୀଠ ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୭ ଜାନୁୟାରୀ ୧୧ତାରିଖକୁ ଧାର୍ଯ୍ୟ କରିଛନ୍ତି। ଏପଟେ ହାଇକୋର୍ଟଙ୍କ ଏହି ନୋଟିସ୍ ପରେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସାମ୍ବାଦିକ ସମ୍ମିଳନୀ କରି କଡ଼ା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ,ବିଜେଡି ଟିକେଟରେ ଜିତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ଦଳ ସହିତ ବେଇମାନି କରି ଅନ୍ୟ ଦଳକୁ ଭୋଟ୍ ଦେଇଥିବା ବିଧାୟକଙ୍କ ବିରୋଧରେ ହାଇକୋର୍ଟ ନିଶ୍ଚିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ବାଚସ୍ପତି କୌଣସି ପକ୍ଷ ରଖିବାର ଅବସର ନଦେଇ ପ୍ରକ୍ରିୟାଗତ ତ୍ରୁଟି ଦର୍ଶାଇ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ଭାବେ ଏକତରଫା ଭାବେ ଆବେଦନ ଖାରଜ କରିଥିଲେ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି। ସେ ମଧ୍ୟ ଆଡଭୋକେଟ ଜେନେରାଲଙ୍କ ଆଭିମୁଖ୍ୟ ଉପରେ କ୍ଷୋଭ ବ୍ୟକ୍ତ କରି କହିଛନ୍ତି ଯେ, ଏଜି ରାଜନୈତିକ ବକ୍ତବ୍ୟ ରଖିବା ଓ ବାଚସ୍ପତିଙ୍କ ତରଫରୁ ଏଭଳି ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ବିଧାନସଭା କାର୍ଯ୍ୟବିଧି କିମ୍ବା ଭାରତୀୟ ସମ୍ବିଧାନରେ



◆◆ପୃଷ୍ଠା ୭

୨ ଦିନ ବଦଳରେ ୩ ଦିନ ଓଡ଼ିଶାରେ ରାଷ୍ଟ୍ରପତି

ରାଇରଙ୍ଗପୁର ଗସ୍ତର ନୂଆ କାର୍ଯ୍ୟସୂଚୀ ଜାରି


ଭୁବନେଶ୍ୱର, ୨୯/୧୦ (ନି.ପ୍ର): ବଦଳିଲା ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟସୂଚୀ । ଦୁଇ ଦିନ ପରିବର୍ତ୍ତେ ତିନି ଦିନ ଓଡ଼ିଶାରେ ରହିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ନଭେମ୍ବର ୩ରୁ ୫ ତାରିଖ ଯାଏଁ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରେ ରହି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି । ଏହି ଗସ୍ତ ଅବସରରେ ରେଳ ଯୋଗାଯୋଗ, ସ୍ୱାସ୍ଥ୍ୟସେବା, କ୍ରୀଡ଼ା ଓ ଆଦିବାସୀ ସଂସ୍କୃତିକୁ ଗୁରୁତ୍ୱ ଦିଆଯିବ। ଏଥିସହ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କାର୍ଯ୍ୟକ୍ରମ ରହିଛି । ନଭେମ୍ବର ୩ ତାରିଖ ସକାଳ ୧୦ଟାରେ ରାଷ୍ଟ୍ରପତି ଭବନରୁ ବାହାରିବେ ଦ୍ରୌପଦୀ ମୁର୍ମୁ । ସ୍ୱତନ୍ତ୍ର ବିମାନରେ ଦିଲ୍ଲୀରୁ ପଶ୍ଚିମବଙ୍ଗର କଳାଇକୁଣ୍ଡା ବିମାନବନ୍ଦରରେ ପହଞ୍ଚିବେ । ସେଠାରୁ ସଡ଼କ ପଥରେ ମୟୂରଭଞ୍ଜ ଅଭିମୁଖେ ଯାତ୍ରା କରିବେ । ରାସ୍ତାରେ ଝାଡ଼ଖଣ୍ଡର ବହଡ଼ାଗୋଡ଼ା ଫରେଷ୍ଟ ଗେଷ୍ଟହାଉସରେ ମଧ୍ୟାହ୍ନ ଭୋଜନ କରିବେ । ଅପରାହ୍ନ ସାଢ଼େ ୪ଟାରେ ରାଇରଙ୍ଗପୁରରେ ପହଞ୍ଚିବା ପରେ ସାଢ଼େ ୫ଟାରେ ବହଳଦାସ୍ଥିତ ପ୍ରସିଦ୍ଧ ମା' କିଚେକେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ଓ ଆରତିରେ ସାମିଲ ହେବେ । ପରେ ରାଇରଙ୍ଗପୁରସ୍ଥିତ ବାସଭବନରେ ରାତ୍ରି ଯାପନ କରିବେ । ଗସ୍ତର ଦ୍ୱିତୀୟ ଦିନରେ ସକାଳ ସାଢ଼େ ୯ଟାରେ ରାଇରଙ୍ଗପୁରର ମହୁଲଡିହାସ୍ଥିତ ଲକ୍ଷ୍ମୀ ମଣ୍ଡପରେ ପୂଜାର୍ଚ୍ଚନା କରିବେ ରାଷ୍ଟ୍ରପତି । ଏହାପରେ ନବନିର୍ମିତ ପ୍ରତିରକ୍ଷା ଏକ୍ସ-ସର୍ଭିସମ୍ୟାନ୍ ସିଏସ୍‌ଡି କ୍ୟାଣ୍ଟିନ୍ ପରିଦର୍ଶନ କରିବେ । ଏହି ଦିନ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ପି.ଡି. ହିନ୍ଦୁଜା ହସ୍ପିଟାଲ୍ ଆଣ୍ଡ ମେଡିକାଲ୍ ରିସର୍ଚ୍ଚ ସେଣ୍ଟର ମଧ୍ୟରେ ନେଫ୍ରୋଲୋଜି ମେଡିକାଲ୍ କ୍ୟାମ୍ପ ସମ୍ପର୍କିତ ବୁଝାମଣାପତ୍ର ସ୍ୱାକ୍ଷର ହେବ । ଏଥିସହ କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନା ଅଧୀନରେ ଖିଚିଂର ମା' କିଚେକେଶ୍ୱରୀ ମନ୍ଦିରର ପୁନରୁଦ୍ଧାର ପାଇଁ ଶିଳାନ୍ୟାସ କରାଯିବ । ରେଳ ଯୋଗାଯୋଗ କ୍ଷେତ୍ରରେ ମଧ୍ୟ ରହିଛି ବଡ଼ କାର୍ଯ୍ୟକ୍ରମ ।



◆◆ପୃଷ୍ଠା ୭

ଡିଜିଟାଲ୍ ଠକେଇରେ ବ୍ୟାଙ୍କର ଅବହେଳା ପଡ଼ିବ ମହଙ୍ଗା: ପୀଡ଼ିତଙ୍କୁ ମିଳିବ କ୍ଷତିପୂରଣ

ନୂଆଦିଲ୍ଲୀ,୨୯/୧୦ : ଦେଶରେ ବଢ଼ୁଥିବା ସାଇବର ଅପରାଧ ଓ ଡିଜିଟାଲ୍ ଆରେଷ୍ଟ ଠକେଇକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। ଡିଜିଟାଲ୍ ଠକେଇ ମାମଲାରେ ବ୍ୟାଙ୍କର ଅବହେଳା ପ୍ରମାଣିତ ହେଲେ ପୀଡ଼ିତଙ୍କୁ କ୍ଷତିପୂରଣ ଦେବା ନେଇ ବ୍ୟବସ୍ଥା କରିବାକୁ କୋର୍ଟ ଗୁରୁତ୍ୱ ଦେଇଛନ୍ତି। ଏଥିସହ ଗ୍ରାହକଙ୍କ ଟଙ୍କା ଠକେଇ ହେବା ପୂର୍ବରୁ ସନ୍ଦେହଜନକ କାରବାରକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଏନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)କୁ ଏକ ପ୍ରସ୍ତାବିତ ନିୟାମକ ଢାଞ୍ଚା ଅଧୀନରେ ଆସୁଥିବା ସମସ୍ତ ଅଧିକୃତ ଆର୍ଥିକ ସଂସ୍ଥାର ତାଲିକା ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କମରେ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିବା ଉଚିତ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି। ଟଙ୍କା ଅନ୍ୟ ଖାତାକୁ ସ୍ଥାନାନ୍ତର ହେବା ପୂର୍ବରୁ ସନ୍ଦେହଜନକ କାରବାର ଚିହ୍ନଟ କରି ତାହାକୁ ରୋକିବା ଉପରେ ମଧ୍ୟ ଜୋର୍ ଦିଆଯାଇଛି। ସେହିପରି, ଗଣମାଧ୍ୟମରେ ବାରମ୍ବାର ସଚେତନତା ସୃଷ୍ଟି କରାଯିବା ସତ୍ତ୍ୱେ ଲୋକେ ଡିଜିଟାଲ୍ ଆରେଷ୍ଟ ଠକେଇର ଶିକାର ହେଉଥିବାରୁ ପ୍ରଧାନ ବିଚାରପତି ନିରାଶା ପ୍ରକାଶ କରିଛନ୍ତି। ଆରବିଆଇର ପ୍ରସ୍ତାବିତ କଣ୍ଡ ସଂଶୋଧନ ନିର୍ଦ୍ଦେଶାବଳୀ, ୨୦୨୬କୁ ମଧ୍ୟ କୋର୍ଟ ଯାଞ୍ଚ କରିବେ। ଏହା ନଭେମ୍ବର ୩୦ ସୁଦ୍ଧା ଅଧିସୂଚିତ ହେବା ଏବଂ ଡିସେମ୍ବରରେ କାର୍ଯ୍ୟକାରୀ ହେବା ନେଇ ଆଶା କରାଯାଉଛି। ଶୁଣାଣି ସମୟରେ ଆମିକସ୍ କ୍ୟୁରି ଗତ ସପ୍ତାହର ଏକ ଘଟଣା ସମ୍ପର୍କରେ କୋର୍ଟଙ୍କୁ ଜଣାଇଥିଲେ। ଏଥିରେ ଜଣେ ମହିଳା ପ୍ରାୟ ୨.୫ କୋଟି ଟଙ୍କା ହରାଇଥିବା ଅଭିଯୋଗ ହୋଇଥିଲା।



◆◆ପୃଷ୍ଠା ୭


ସିପିଏସଇ ପରୀକ୍ଷା ପାଇଁ ତଥ୍ୟ ଯାଂଚ ଅବଧି ନଭେମ୍ବର ୮କୁ ବୃଦ୍ଧି

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ମିଳିତ ପୋଲିସ୍ ସେବା ପରୀକ୍ଷା–୨୦୨୪ (ସିପିଏସଇ-୨୦୨୪) ଅନ୍ତର୍ଗତ ଉପ-ନିରୀକ୍ଷକସ୍ତରୀୟ ପରୀକ୍ଷା ପାଇଁ ଆବେଦନ କରିଥିବା ପ୍ରାର୍ଥୀମାନଙ୍କ ନିମନ୍ତେ ନିଜର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ ତଥା ବୈଧୀକରଣ କରିବାର ସମୟସୀମାକୁ ଆଉ ୧୦ ଦିନ ବୃଦ୍ଧି କରାଯାଇଛି । ଏବେ ପ୍ରାର୍ଥୀମାନେ ଆସନ୍ତା ନଭେମ୍ବର ୮ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରିବେ । ଓଡିଶା ୟୁନିଫର୍ମଡ୍ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସଏସସି) ପକ୍ଷରୁ ସମସ୍ତ ପ୍ରାର୍ଥୀଙ୍କୁ, ବିଶେଷତଃ ବୟସ କୋହଳ ବ୍ୟବସ୍ଥା ଅନ୍ତର୍ଗତ ଯୋଗ୍ୟ ପ୍ରାର୍ଥୀଙ୍କ ସମେତ, ଯେଉଁମାନେ ୨୦୨୫ ମସିହାରେ ବିଜ୍ଞାପିତ ମିଳିତ ପୋଲିସ୍ ସେବା ପରୀକ୍ଷା–୨୦୨୪ ଅଉପ-ନିରୀକ୍ଷକ ସ୍ତରୀୟ ପରୀକ୍ଷାଧ ପାଇଁ ଆବେଦନ

◆◆ପୃଷ୍ଠା ୭

ଇସ୍ରାଏଲରେ ଆଗାମୀ ପ୍ରଧାନମନ୍ତ୍ରୀ ହେବ କିଏ ? ନେତାନ୍ୟାହୁ ନା ଆଇଜନକଟ୍

ନୂଆଦିଲ୍ଲୀ,୨୯/୧୦ : ଇସ୍ରାଏଲରେ ବଢ଼ିବ କି ମୁସଲମାନଙ୍କ ଦବଦବା ?ଯେଉଁ ଦେଶକୁ ସାରା ବିଶ୍ୱ ମୁସଲମି ବିରୋଧୀ ବୋଲି ଜାଣିଛି , ସେଠି ପ୍ରଧାନମନ୍ତ୍ରୀ ଗାଦୀରେ କିଏ ବସିବ ଏକଥା କ'ଣ ସେଠିକାର ମୁସଲିମ୍ ପାର୍ଟି ଧାର୍ଯ୍ୟ କରିବ ? ଏବେ ଏହି ପ୍ରଶ୍ନ ସାରା ବିଶ୍ୱ ରାଜନୀତିରେ । କାରଣ ଏଠିକାର ମୁଖିଆଙ୍କ ଉପରେ ନିର୍ଭର କରେ ଅନ୍ୟ ଦେଶଙ୍କ ସମ୍ପର୍କ । ଇସ୍ରାଏଲ ଛୋଟ ଦେଶଟେ ହେଲେ ବି ଏହାର ରାଜନୈତିକ ଇତିହାସ ଭାରି ଜଟିଳ ମନେହୁଏ । ଏଠିକାର ଯେଉଁ ଆରବ୍ ପାର୍ଟିର ଅଧିକାଂଶ ଭୋଟର ମୁସଲମାନ ସେମାନଙ୍କ ସଂଖ୍ୟା ଏବେ ଇସ୍ରାଏଲ ଭୋଟିଂରେ କିଙ୍ଗ ମେକରର କାମ କରୁଛି । ଏହାର ଅର୍ଥ ନେତାନ୍ୟାହୁ ଏବଂ ଆଇଜନକ୍ଟୋଟ୍ ଦୁହିଁଙ୍କ ଆଖି ଏବେ ଏହି ମୁସଲିମ୍ ପାର୍ଟି ଉପରେ। ଏ ପାର୍ଟି ଯାହାକୁ ସମର୍ଥନ ଦେବ ସେ ହେବ ଦେଶର ମୁଖିଆ। ଏବେ ପ୍ରଶ୍ନ ...ଏ ମୁସଲିମ୍ ପାର୍ଟି କାହାକୁ ଦେବେ ସମର୍ଥନ ? ଦିନେ ଯେଉଁ



◆◆ପୃଷ୍ଠା ୭

କୋରାପୁଟ ଜିଲ୍ଲା ୪ମାସ ହେବ ମିଳୁନି ଭତ୍ତା : ଦୁର୍ଦ୍ଦିନରେ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ

ଜୟପୁର,୨୯/୧୦ (ନି.ପ୍ର): କୋରାପୁଟ ଜିଲ୍ଲାରେ ଗତ ୪ମାସ ହେବ ମିଳୁନି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତା। ଫଳରେ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଦୁର୍ଦ୍ଦିନ ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳିଛି। ପରିଣତ ବୟସରେ ପ୍ରତ୍ୟେକ ମାସରେ ମିଳୁଥିବା ଏହି ଭତାକୁ ଆଶ୍ରାକରି ସେମାନେ କୌଣସି ପ୍ରକାର ଚଳି ଯାଉଥିଲେ। କିନ୍ତୁ ଗତ ୪ମାସ ହେବ ଭତା ନମିଳିବାରୁ ଏହା ଉପରେ ଆଶ୍ରାକରି ଜୀବନ ବିତାଉଥିବା ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଭତା ଟଙ୍କା ପାଇବା ନେଇ କୋରାପୁଟ ଜିଲ୍ଲାର କୋରାପୁଟ, ଜୟପୁର, ବୈପାରିଗୁଡ଼ା, ବୋରିଗୁମ୍ମା, କୁନ୍ଦୁରା, ଲମତାପୁଟ, କୋଟପାଡ଼ ବ୍ଲକ କାର୍ଯ୍ୟାଳୟକୁ ଯାଇ ହିତାଧିକାରିମାନେ ନୟାନ୍ତ ହେଲେଣି। ପ୍ରଶାସନ ତରଫରୁ ଆଧାର ସହ ବ୍ୟାଙ୍କ ପାସ ବୁକ ଲିଙ୍କ କଲେ ଭତା ଟଙ୍କା ଆସିବ ବୋଲି କହୁଛନ୍ତି। କିନ୍ତୁ ବହୁ ହିତାଧିକାରି ଆଧାର ଲିଙ୍କ କରିବା ପରେ ମଧ ଭତା ଟଙ୍କା ଆସିନଥିବା ଅଭିଯୋଗ କରିଛନ୍ତି। ଗତ ତିନିମାସ ତଳେ ମଧ ୪ ମାସର ଭତା ଟଙ୍କା ଆସିନଥିବାବେଳେ ବର୍ତମାନ ବି ଭତା ଟଙ୍କା ସମସ୍ୟା ରହିଛି। ରାଜ୍ୟ ଓ କେନ୍ଦ୍ର ସରକାର ସମାଜର ଅସହାୟ, ନିଃସ୍ୱ, ଦରିଦ୍ୟ ଓ ଭିନ୍ନକ୍ଷମମାନଙ୍କୁ ସାମାଜିକ ନିରାପତା ଯୋଗାଇ ଦେଇ ସେମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ନିମନ୍ତେ ଏଭଳି ଯୋଜନାମାନ ପ୍ରଣୟନ କରିଛନ୍ତି। କିନ୍ତୁ ଏହିସବୁ ସାମାଜିକ ନିରାପତା ଯୋଜନାର ସୁଫଳ ଯଦି ସେହିମାନଙ୍କୁ ନମିଳେ ଯାହାଙ୍କ ପାଇଁ ଏହା ପ୍ରଣୟନ ହୋଇଛି ତେବେ ଏତେସବୁ ଯୋଜନା କେବଳ ଯାହା କାଗଜ କଲମରେ ସିମିତ ହେବା ବ୍ୟତୀତ ଆଉ କିଛିମାନେ ନାହିଁ ବୋଲି ଭତା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ପରିବାର ସଦସ୍ୟ କହିଛନ୍ତି। ସରକାରଙ୍କ ଏଭଳି ଯୋଜନାରେ ଯୋଡ଼ି ହୋଇଥିବା ନିଃସ୍ୱ, ଅସହାୟ, ଅବହେଳିତ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଯଦି ସେଥିରୁ ବଂଚିତ ହୁଅନ୍ତି ଓ ଏହାମଧ୍ୟରେ କିଛି ଅଘଟଣ ଘଟେ ତେବେ ଏଭଳି ଯୋଜନାର ମୂଲ୍ୟ କ'ଣ ବୋଲି ହିତାଧିକାରୀମାନେ ପ୍ରଶ୍ନ କରିଛନ୍ତି। ଭତା ଟଙ୍କା ଉପରେ ଭରସା କରି ନିଜ ପାଇ ଔଷଧ କିଣିବା ସହ ଅନ୍ୟ କାର୍ଯ୍ୟ କରିଥାନ୍ତି। ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ମାତ୍ର ଏକ ହଜାର ଟଙ୍କା, ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାତ୍ର ମାସିକ ସାଢ଼େ ୩ ହଜାର ଟଙ୍କା ଯୋଗାଇବାରେ ବିଜେପି ସରକାର ବିଫଳ ହୋଇଛି ବୋଲି ବିରୋଧି ଦଳର ନେତାମାନେ ଅଭିଯୋଗ କରିଛନ୍ତି। ଯେଉଁ ରାଜ୍ୟରେ ସରକାର ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ଅସହାୟମାନଙ୍କ ବିପଦରେ ଛିଡ଼ା ହୋଇପାରୁ ନାହାନ୍ତି ସେଠାରେ ସରକାର ଅନ୍ୟ ଦିଗ ପ୍ରତି କିପରି ଯତ୍ନବାନ ହେବେ। ଏହି ଭିନ୍ନକ୍ଷମ ସରକାର କିପରି ଭିନ୍ନକ୍ଷମ ଲୋକମାନଙ୍କୁ ଭତା ଦେବ ତାହା ଏବେ ଚିନ୍ତାର ବିଷୟ ଅଟେ। ତେଣୁ ରାଜ୍ୟ ସରକାର ତୁରନ୍ତ ଗରିବ, ବୃଦ୍ଧା ବୃଦ୍ଧ, ଭତା ହିତାଧିକାରିଙ୍କ ଭତା ଟଙ୍କା ଦେବା ପାଇ ସାଧାରଣରେ ଦାବି ହୋଇଛି।

ଆଗରପଡ଼ା ଡାକ୍ତରଖାନାରେ ରୋଗୀ ହନ୍ତସନ୍ତ: ସେବା ଗୃହରେ ପାଣି

ଭଦ୍ରକ,୨୯/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ପୁରାତନ ଆଗରପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ ସେବା କେନ୍ଦ୍ରରେ ପାଣି ଲହଡି ମାରିବାକୁ ନେଇ ଅସନ୍ତୋଷ ଦେଖାଦେଇଛି । ବିଭାଗୀୟ ଅବହେଳା ଓ ଠିକାଦାରଙ୍କ ମନମାନୀ ଯୋଗୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅଚଂଳବାସୀ ଅଭିଯୋଗ କରିଛନ୍ତି । ବାତ୍ୟା ଅର୍ଣ୍ଣବ ପ୍ରଭାବରେ ମଙ୍ଗଳବାର ଠାରୁ ଏଠାରେ ବର୍ଷା ଲାଗି ରହିଛି । ଠିକାଦାର ଦୀର୍ଘମାସ ହେବ କାର୍ଯ୍ୟ ଖଣ୍ଡିଆ କରି ପକାଇଥିବାରୁ ସିଡି ଦେଇ ପାଣି ପଶିବାରୁ କେନ୍ଦ୍ରରେ ପାଣି ଲହଡି ମାରୁଛି । ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହେବା ସହ ଡାକ୍ତରମାନେ ରୋଗୀ ମାନଙ୍କୁ ଠିକ୍ ଭାବେ ଦେଖି ନପାରିବା, ଷ୍ଟାପ ନର୍ସ କୋଠରୀରେ ବସି ନପାରିବା ସର୍ବୋପରି ରୋଗୀ ଓ ସମ୍ପର୍କୀୟ ମାନେ ନାନା ହଇରାଣ ହରକତ ହୋଇ ବେଡ ଉପରେ ଗୋଡ ଟେକି ବସି ରହିବା ପରି ଘଟଣା ପରିଲକ୍ଷିତ ହେଉଛି । ଏହି ପାଣି ଗୃହ ମଧ୍ୟରେ ଥିବା ପାଇଖାନରେ ପଶି ଦୁର୍ଗନ୍ଧ ବାହାରିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସାଙ୍ଗକୁ ରୋଗୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି । ପ୍ରକାଶଥାଉକି ଏନଆରଏଚଏମ୍ ପକ୍ଷରୁ ପାଖାପାଖି ୫୫ ଲକ୍ଷ ଟଙ୍କାରେ ସାଧାରଣ ରୋଗୀ ସେବା ଗୃହର ଉପର ମହାଲା କାର୍ଯ୍ୟ ଦୀର୍ଘ ୭ ମାସ ହେବ ମନ୍ଥର ଗତିରେ ଚାଲିଥିବା ବେଳେ ଦ୍ୱିତୀୟ ମହଲା କାର୍ଯ୍ୟ ଆରମ୍ଭ ହୋଇନି । ଠିକାଦାର ପ୍ରଥମ ମହାଲାରେ ଛାତ ପକାଇଥିବା ବେଳେ ଦେଢ ମାସ ପରେ ମଧ ସେଣ୍ଟ୍ରିଂ ପଟା ବାଉଁସ ଖୋଲା ଯାଇନାହିଁ । ଏହିକାମ ବେଳେ ଠିକାଦାର ସିଡି ଘରକୁ ଭାଙ୍ଗିଥିବା ବେଳେ ତହିଁରେ ଛାତ ନପଡିବା ଯୋଗୁ ବିଶେଷକରି ବର୍ଷା ଋତୁରେ ପାଣି ଗଳି ରୋଗୀ ସେବା କେନ୍ଦ୍ରରେ ଦୀର୍ଘମାସ ହେବ ପଶୁଛି । ରୋଗୀ ଓ କର୍ମଚାରୀଙ୍କ ସୁବିଧା ପାଇଁ ଏନଆରଏଚ୍ଏମ୍ ପକ୍ଷରୁ କାର୍ଯ୍ୟ କରାଯାଉଛି, ହେଲେ ଅବଧି ସରିବାକୁ ବସିଥିବା ବେଳେ ଉପର ମହଲା ଛାତ, ଶିଢି ଛାତ, ପ୍ଲାଷ୍ଟର, ଟାଇଲ୍, ରଙ୍ଗ ଆଦି ବାକି ରହିଛି । ସଠିକ୍ ସମୟରେ ଏହି କାର୍ଯ୍ୟ ହୋଇ ନପାରିବାରୁ ଅଫିସ୍ ଓ ପାଥୋଲାବ୍‌ର ସୁବିଧା ରୋଗୀ ଓ ସମ୍ପର୍କୀୟ ମାନେ ନପାଇ ହନ୍ତସନ୍ତ ହେଉଛନ୍ତି । କାର୍ଯ୍ୟଖଣ୍ଡିଆ ହୋଇ ପଡିବା ଏବଂ ଏଠାକୁ ଆସୁଥିବା ରୋଗୀଙ୍କ ଅସୁବିଧା ଦୂର ପାଇଁ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଣି ଶୁଶ୍ରୀ ସଙ୍ଗିତା ବିଶ୍ୱାଳ ଏକାଧିକବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରିଥିଲେ ମଧ କାର୍ଯ୍ୟର ମନ୍ଥରତା ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ତେବେ ତୁରନ୍ତ କାର୍ଯ୍ୟ ସାରି ରୋଗୀଙ୍କ ସେବାରେ ଗୃହକୁ ହସ୍ତାନ୍ତରପାଇଁ ଅଚଂଳବାସୀ ଦୃଢ ଦାବୀ କରିଛନ୍ତି । ଏନେଇ ବିଭାଗୀୟ ଯନ୍ତ୍ରୀ ମୋବେସରା ଖାନମ୍‌ଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ଅକ୍ଟୋବରରେ କାର୍ଯ୍ୟ ସରିବାର ଥିଲା ବିଳମ୍ବ ଯୋଗୁ ଠିକାଦାରଙ୍କୁ ସୋକଜ୍ ନୋଟିସ୍ ସହ ଦରକାର ହେଲେ ଜୋରିମାନା କରାଯିବ ବୋଲି ଏହି ପ୍ରତିନିଧିଙ୍କୁ କହିଛନ୍ତି ।

ବହୁଚର୍ଚ୍ଚିତ କବିରାଜ ହତ୍ୟାକାଣ୍ଡର ପର୍ଦ୍ଦାଫାସ

ଗ୍ରାମ୍ୟ ବିବାଦରୁ ପ୍ରତିଶୋଧ ପାଇଁ ହତ୍ୟା ଅଭିଯୁକ୍ତ ଗିରଫ, ଦୁଇଟି ବାଇକ ସହ ରକ୍ତଭିଜା କଟୁରୀ ଜବତ



ବାରିପଦା,୨୯/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା କବିରାଜ ତଥା ମାଝିବାବା ରାମେଶ୍ୱର ପିଙ୍ଗୁଆ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ଗୋରୁମହିଷାଣୀ ପୋଲିସ। ଏହି ଘଟଣାରେ ତାଣ୍ଡିପାଣି ଗ୍ରାମର ଜେନା ନାଏକ (୫୦)ଙ୍କୁ ଗିରଫ କରାଯାଇଛି। ହତ୍ୟାରେ ବ୍ୟବହୃତ କଟୁରୀ ସମେତ ଦୁଇଟି ମୋଟରସାଇକେଲ ଓ ମୃତକଙ୍କ ଦୁଇଟି ମୋବାଇଲ ଫୋନ ଜବତ ହୋଇଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ଗତ ୨୪ ତାରିଖ ସକାଳେ ରାମେଶ୍ୱର ନିଜ ବାଇକରେ ଜଡ଼ିବୁଟି ଔଷଧ ବିକ୍ରି କରିବାକୁ ବିଶୋଇ ହାଟକୁ ଯାଇଥିଲେ। ରାତିରେ ଘରକୁ ନଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିଥିଲେ। ୨୫ ତାରିଖ ସକାଳେ ଲୁହାଶିଳା-କାକୁଡ଼ିରୁମା ଜଙ୍ଗଲ ରାସ୍ତାରେ ତାଙ୍କ ମୃତଦେହ ମିଳିଥିଲା। ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ମୃତକଙ୍କ ପତ୍ନୀ ସୁଗିମଣି ପିଙ୍ଗୁଆଙ୍କ ଅଭିଯୋଗ କ୍ରମେ ଗୋରୁମହିଷାଣୀ ଥାନାରେ କେସ ନଂ ୧୨୩/୨୦୨୬, ଧାରା ୧୦୩(୧) ବିଏନଏସ ଅନୁଯାୟୀ ମାମଲା ରୁଜୁ ହୋଇଥିଲା।ପୋଲିସର ତଦନ୍ତ ଅନୁଯାୟୀ, ଗ୍ରାମର ଏକ ବିବାଦର ସମାଧାନ ବୈଠକରେ ଜେନା ନାଏକଙ୍କୁ ଜୋରିମାନା ଓ ଗ୍ରାମରୁ ବାସନ୍ଦ କରିବା ନେଇ ଚେତାବନୀ ଦିଆଯାଇଥିଲା। ଏହାକୁ କେନ୍ଦ୍ର କରି ସେ ପ୍ରତିଶୋଧପରାୟଣ ହୋଇ ହତ୍ୟା ଯୋଜନା କରିଥିବା ପୋଲିସ କହିଛି। ହତ୍ୟା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ରକ୍ତଭିଜା ପୋଷାକ, ହେଲମେଟ ଓ ଚପଲକୁ ଏକ ନାଳରେ ଫିଙ୍ଗି ଦେଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ରାଇରଙ୍ଗପୁର ଏସପି ସୁରେଶ ଚନ୍ଦ୍ର ପାତ୍ର, ରାଇରଙ୍ଗପୁର ଏସଡିପିଓ ବୀରେନ୍ଦ୍ର ସେନାପତି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମଗ୍ର ଶିକ୍ଷା ସମୀକ୍ଷା ବୈଠକ

- ଜିଲ୍ଲାରେ ଶିକ୍ଷାର ମାନ ବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ନାମଲେଖା ବ୍ୟବଧାନ ଦୂର ଉପରେ ଗୁରୁତ୍ୱ
- ଡ୍ରପ୍-ଆଉଟ୍ ପିଲାଙ୍କ ମୁଖ୍ୟସ୍ରୋତରେ ସାମିଲ ନେଇ ଆଲୋଚନା
- ବିପଦସଙ୍କୁଳ କୋଠା ଭଙ୍ଗା ଏବଂ ସ୍କୁଲ ଗୁଡ଼ିକରେ ସ୍ମାର୍ଟ ଟିଭି ଓ ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ବ୍ୟବସ୍ଥା ତ୍ୱରାନିତ ପାଇଁ ନିର୍ଦ୍ଦେଶ

ଝାରସୁଗୁଡ଼ା,୨୯/୧୦ (ନି.ପ୍ର): ଜିଲ୍ଲାପାଳ ତଥା ସମଗ୍ର ଶିକ୍ଷା ଅଧ୍ୟକ୍ଷ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଶିକ୍ଷାଗତ କାର୍ଯ୍ୟକ୍ରମ, ଡ୍ରପ୍-ଆଉଟ୍ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା, ନାମଲେଖା ବ୍ୟବଧାନର ସଂଶୋଧନ, ପିଏମ୍-ଶ୍ରୀ ଯୋଜନାର ଅଗ୍ରଗତି ତଥା ଅନ୍ୟାନ୍ୟ ପ୍ରମୁଖ ଶିକ୍ଷା ଭିତ୍ତିଭୂମି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।ସମୀକ୍ଷା କାଳରେ ଜିଲ୍ଲାପାଳ ଡ୍ରପ୍ ବକ୍ସ ରେ ପଡ଼ିରହିଥିବା ସମସ୍ତ ମାମଲାକୁ ତୁରନ୍ତ ଫଇସଲା କରିବା ସହ ଚିହ୍ନଟ ହୋଇଥିବା ଡ୍ରପ୍-ଆଉଟ୍ ପିଲାମାନଙ୍କୁ ସେମାନଙ୍କ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ଆସନ୍ତା ଏକ ସପ୍ତାହ ମଧ୍ୟରେ ନାମ ଲେଖାଇ ମୁଖ୍ୟସ୍ରୋତକୁ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପୂର୍ବ ବର୍ଷ ତୁଳନାରେ ବିଦ୍ୟାଳୟ ଦେଖାଯାଇଥିବା ନାମଲେଖା ବ୍ୟବଧାନକୁ ତୁରନ୍ତ ଯାଞ୍ଚ କରି ଆଗାମୀ ସପ୍ତାହକ ମଧ୍ୟରେ ସଂଶୋଧନ କରିବାକୁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ କୁହାଯାଇଛି। ସେହିପରି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସମ୍ପୃକ୍ତ ତହସିଲଦାର ଓ ବିଡ଼ିଓମାନଙ୍କ ସହିତ ଆଲୋଚନା କରି ୧୦ ଦିନ ମଧ୍ୟରେ ପ୍ରସ୍ତାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାର ବିକାଶ ନିମନ୍ତେ ଜିଲ୍ଲାରେ ଉଲ୍ଲାସ ପଞ୍ଜୀକରଣ ପ୍ରକ୍ରିୟାକୁ ବ୍ୟାପକ କରିବା ଏବଂ ପୂର୍ବରୁ ଚିହ୍ନଟ ହୋଇଥିବା ବିପଦସଙ୍କୁଳ ବିଦ୍ୟାଳୟ ଗୃହଗୁଡ଼ିକୁ ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବା ପାଇଁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ପିଏମ୍-ଶ୍ରୀ ସ୍କୁଲଗୁଡ଼ିକରେ ପୋଷାକ ବଣ୍ଟନ ପ୍ରକ୍ରିୟା ଶେଷ ହୋଇଥିବାରୁ, ଯୋଗାଣକାରୀ ସଂସ୍ଥାଙ୍କଠାରୁ ଗୁଣବତ୍ତା ସମ୍ପର୍କିତ ଘୋଷଣାନାମା ସଂଗ୍ରହ କରିବା ଏବଂ ନିୟମାନୁଯାୟୀ ଯାଞ୍ଚ ପରେ ଗୋଟିଏ ସପ୍ତାହ ମଧ୍ୟରେ ଆବଣ୍ଟିତ ପାଣ୍ଠିର ଉପଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ପିଏମ୍-ଶ୍ରୀ ଯୋଜନାର ଅନ୍ୟାନ୍ୟ କାର୍ଯ୍ୟକଳା ନିମନ୍ତେ ଉଦ୍ଦିଷ୍ଟ ଅର୍ଥକୁ ଚଳିତ ଅକ୍ଟୋବର ଶେଷ ସୁଦ୍ଧା ସରକାରୀ ନିୟମ ଅନୁସାରେ ଖର୍ଚ୍ଚ ସାରିବାକୁ କୁହାଯାଇଛି। ବିଦ୍ୟାଳୟ ଶିକ୍ଷାରେ ଡିଜିଟାଲ୍ ସଂସ୍କାର ଆଣିବା ଲକ୍ଷ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆଙ୍କ ଦ୍ୱାରା ଦିଆଯାଇଥିବା ଏକ ପ୍ରସ୍ତାବକୁ ଜିଲ୍ଲାପାଳ ଅନୁମୋଦନ କରିଛନ୍ତି। ଏହି ନିଷ୍ପତ୍ତି ଅନୁସାରେ ଜିଲ୍ଲାର ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ସ୍ମାର୍ଟ ଟିଭି ଏବଂ ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ସରକାରୀ ଓ ଅନୁଦାନପ୍ରାପ୍ତ) କୁ ଇ-କଣ୍ଟେଣ୍ଟ ସୁବିଧା ଥିବା ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ଯୋଗାଇ ଦିଆଯିବ। ବୈଠକରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତା ବୃଦ୍ଧି ପାଇଁ ଚାଲିଥିବା ଉଡିଆନ୍ ତାରା କାର୍ଯ୍ୟକ୍ରମର ଶ୍ରେଣୀଓ୍ୱାରୀ ସଫଳ ରୂପାୟନ ସମ୍ପର୍କରେ ମଧ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମସ୍ତ ନିଷ୍ପତ୍ତିକୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପୂରଣ କରିବା, ନିୟମିତ ତଦାରଖ କରିବା ଏବଂ ପ୍ରତ୍ୟେକ ସ୍ତରରେ ଉତ୍ତରଦାୟିତ୍ୱ ବଜାୟ ରଖିବାକୁ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ସମଗ୍ର ଶିକ୍ଷାର ତଥା ଡିପିଓ କାର୍ଯ୍ୟାଳୟର ବୈଷୟିକ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ।

ସହରାଂଚଳରେ ପ୍ରାକୃତିକ ଜଳ ନିଷ୍କାସନ ପଥ ଓ ଜଳାଶୟ ସୁରକ୍ଷା ନେଇ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୯/୧୦ (ନି.ପ୍ର): ସହରାଂଚଳରେ ଜଳବନ୍ଦୀ ଓ ବନ୍ୟା ସମସ୍ୟା ହ୍ରାସ କରିବା ସହ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥା ଓ ଜଳାଶୟଗୁଡ଼ିକର ସୁରକ୍ଷା ପାଇଁ ଏକ ରାଜ୍ୟବ୍ୟାପୀ ଢାଂଚା ପ୍ରସ୍ତୁତ କରିବାକୁ ପ୍ରସ୍ତାବ ରଖିଛି ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ । ଏହି ପ୍ରସ୍ତାବରେ ପ୍ରାକୃତିକ ଜଳ ନିଷ୍କାସନ ପଥ, ଜଳାଶୟ, ଆର୍ଦ୍ରଭୂମି ଓ ବନ୍ୟାଜଳ ସଂରକ୍ଷଣ କ୍ଷେତ୍ରଗୁଡ଼ିକର ଚିହ୍ନଟ, ସୁରକ୍ଷା, ପୁନରୁଦ୍ଧାର ଓ ନିୟମିତ ନିରୀକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି ।

ଏ ସଂକ୍ରାନ୍ତୀୟ ପ୍ରସ୍ତାବିତ ମାନକ କାର୍ଯ୍ୟପଦ୍ଧତି (ଏସ୍ଓପି) ଉପରେ ଆଲୋଚନା ପାଇଁ ଆଜି ଭୁବନେଶ୍ୱରସ୍ଥିତ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଶ୍ରୀମତୀ ପାଢ଼ୀ ସମସ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା ଅଂଚଳରେ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥାର ସୁରକ୍ଷା ପାଇଁ ଏକ ସମନ୍ୱିତ ଓ ବୈଜ୍ଞାନିକ ଆଭିମୁଖ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଜଳ ନିଷ୍କାସନ ପଥ, ପୋଖରୀ, ଆର୍ଦ୍ରଭୂମି ଓ ଅନ୍ୟାନ୍ୟ ବନ୍ୟାଜଳ ସଂରକ୍ଷଣ କ୍ଷେତ୍ରଗୁଡ଼ିକର ବ୍ୟବସ୍ଥିତ ଚିହ୍ନଟ ଓ ମାନଚିତ୍ର ପ୍ରସ୍ତୁତି ନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ । ବିଶେଷକରି ଜଳବନ୍ଦୀ ଓ ବନ୍ୟାପ୍ରବଣ ଅଂଚଳଗୁଡ଼ିକୁ ପ୍ରାଥମିକତା ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

ପ୍ରାକୃତିକ ଜଳ ନିଷ୍କାସନ ପଥଗୁଡ଼ିକୁ ଜବରଦଖଲ, ଅନଧିକୃତ ପୋତିବା, ଅବରୋଧ ଓ ଜଳ ପ୍ରବାହର ଦିଗ ପରିବର୍ତନ ଭଳି କାର୍ଯ୍ୟରୁ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ । ସହର ଯୋଜନା ଓ ଭିତିଭୂମି ବିକାଶ ସମୟରେ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥାର ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ବିଭିନ୍ନ ବିଭାଗ ଓ ସହରାଂଚଳ ସ୍ଥାନୀୟ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ସେ ଜୋର୍ ଦେଇଥିଲେ । ପ୍ରସ୍ତାବିତ ଏସ୍ଓପିର ମୁଖ୍ୟ ନୀତି ହେଉଛି "ପ୍ରାକୃତିକ ଜଳ ନିଷ୍କାସନ ଓ ବନ୍ୟାଜଳ ସଂରକ୍ଷଣ କ୍ଷମତାରେ କୌଣସି ନିଟ୍ କ୍ଷତି ନହେବା" । ଏହାର ଉଦ୍ଦେଶ୍ୟ ହେଉଛି, ବିକାଶମୂଳକ କାର୍ଯ୍ୟ ଯୋଗୁଁ ଜଳ ନିଷ୍କାସନ ପଥର ସଂଯୋଗ ବ୍ୟବସ୍ଥା ବାଧାପ୍ରାପ୍ତ ନହେବା କିମ୍ବା ଅତିରିକ୍ତ ବର୍ଷାଜଳ ଧାରଣ କରୁଥିବା ଅଂଚଳଗୁଡ଼ିକର ସଂରକ୍ଷଣ କ୍ଷମତା ହ୍ରାସ ନପାଇବା ସୁନିଶ୍ଚିତ କରିବା। ଏହି ଢାଂଚା ଅନୁଯାୟୀ, ରାଜ୍ୟର ସମସ୍ତ ସହରାଂଚଳରେ ଗୁରୁତ୍ୱପୂର୍ଣ୍ଣ ଜଳ ନିଷ୍କାସନ ନେଟୱର୍କ ଓ ଜଳାଶୟଗୁଡ଼ିକର ସର୍ଭେ, ଭୌଗୋଳିକ ଅବସ୍ଥିତି ନିର୍ଦ୍ଧାରଣ ଏବଂ ଭୌଗୋଳିକ ସୂଚନା ବ୍ୟବସ୍ଥା (ଜିଆଇଏସ୍) ଆଧାରିତ ମାନଚିତ୍ର ପ୍ରସ୍ତୁତି କରାଯିବା ପ୍ରସ୍ତାବ ରହିଛି। ଏହି ତଥ୍ୟଗୁଡ଼ିକୁ ସହରାଂଚଳ ବିକାଶ ଯୋଜନା, ଜମି ବ୍ୟବହାର ଯୋଜନା ଏବଂ ସମନ୍ୱିତ ବର୍ଷାଜଳ ନିଷ୍କାସନ ମାଷ୍ଟର ପ୍ଲାନ୍ ରେ ସାମିଲ କରାଯିବ । ଏହାଦ୍ୱାରା ଯୋଜନା ପ୍ରସ୍ତୁତି, ନିର୍ମାଣ ଅନୁମତି ପ୍ରକ୍ରିୟା ଓ ବନ୍ୟା ପରିଚାଳନା ଅଧିକ ସୁଦୃଢ଼ ହୋଇପାରିବ । ପ୍ରସ୍ତାବରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କମିଟି ଏବଂ ସ୍ୱତନ୍ତ୍ର କାର୍ଯ୍ୟାନ୍ୱୟନ ଟାସ୍କଫୋର୍ସ ଗଠନର ବ୍ୟବସ୍ଥା ମଧ ରହିଛି । ଏହି କମିଟି ଓ ଟାସ୍କଫୋର୍ସଗୁଡ଼ିକ ଜଳ ନିଷ୍କାସନ ପଥ ଓ ଜଳାଶୟଗୁଡ଼ିକର ଚିହ୍ନଟ, ସୁରକ୍ଷା, ପୁନରୁଦ୍ଧାର ଏବଂ ନିରୀକ୍ଷଣ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବା ପ୍ରସ୍ତାବିତ ହୋଇଛି ।

ଏଥିସହ ନିୟମିତ ଯାଂଚ, ବିଶେଷକରି ମୌସୁମୀ ପୂର୍ବରୁ ନିରୀକ୍ଷଣ, ଜବରଦଖଲ ଓ ପୁନରୁଦ୍ଧାର ସମ୍ପର୍କିତ ପଦକ୍ଷେପର ଡିଜିଟାଲ୍ ଦଲିଲୀକରଣ ଏବଂ ନିୟମିତ ତଦାରଖ ବ୍ୟବସ୍ଥା ଗ୍ରହଣ କରାଯିବା ପ୍ରସ୍ତାବ ରହିଛି । ଜଳ ନିଷ୍କାସନ ସମ୍ବନ୍ଧୀୟ ସମସ୍ୟାର ସମାଧାନ ଓ ବିପଦପ୍ରବଣ ଅଂଚଳଗୁଡ଼ିକର ସୁରକ୍ଷା ପାଇଁ ବିଭାଗୀୟ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଉପରେ ମଧ ଏହି ଢାଂଚାରେ ଗୁରୁତ୍ୱ ଦିଆଯାଇଛି ।

ସୁରକ୍ଷିତ ଜଳ ନିଷ୍କାସନ ପଥ ଓ ଜଳାଶୟଗୁଡ଼ିକୁ ପ୍ରଭାବିତ କରୁଥିବା ବିକାଶମୂଳକ ପ୍ରସ୍ତାବଗୁଡ଼ିକର ଯାଂଚ ପ୍ରଚଳିତ ଆଇନଗତ ବ୍ୟବସ୍ଥା ଓ ବୈଷୟିକ ମାନଦଣ୍ଡ ଅନୁଯାୟୀ କରାଯିବ । ଏହାଦ୍ୱାରା ଜଳ ନିଷ୍କାସନ ପଥର ନିରବଚ୍ଛିନ୍ନ ସଂଯୋଗ ଓ ବନ୍ୟାଜଳ ସଂରକ୍ଷଣ କ୍ଷମତାର ସୁରକ୍ଷା ନିଶ୍ଚିତ କରାଯାଇପାରିବ ।

ଶ୍ରୀ ସତ୍ୟସାଇ ପେଟ୍ରୋଲ ପମ୍ପରେ ଭୟଙ୍କର ବିସ୍ଫୋରଣ: ଜଣେ ପେଟ୍ରୋଲ ପମ୍ପ କର୍ମଚାରୀ ମୃତ, ୪ଘଣ୍ଟା ଶବ ରଖି ରାସ୍ତା ଅବରୋଧ



ନୀଳଗିରି,୨୯/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ସହର ବାଲିଗୋହିରୀ ସ୍ଥିତ ଶ୍ରୀ ସତ୍ୟସାଇ ପେଟ୍ରୋଲପମ୍ପର ଏକ ପୁରୁଣା ଟାଙ୍କିକୁ ଗ୍ୟାସକଟର ସାହାଯ୍ୟରେ କଟାଯାଉଥିବାବେଳେ ସକାଳ ୯.୫ମିନିଟ ସମୟରେ ହଠାତ୍ ବିସ୍ଫୋରଣ ହେବାରୁ ଘଟଣାସ୍ଥଳରେ ପେଟ୍ରୋଲପମ୍ପରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଜୀବନ ଯାଇଛି ।ଫଳରେ ଉତ୍ୟକ୍ତ ସ୍ଥାନୀୟଲୋକଙ୍କ ସହିତ ପରିବାରଲୋକେ କ୍ଷତିପୂରଣ ଦାବୀରେ ଶେରଗଡ ଉଦଳା ୧୯ନଂ ରାଜ୍ୟରାଜପଥ ବାଲିଗୋହିରୀ ପେଟ୍ରୋଲପମ୍ପ ନିକଟରେ ଶବରଖି ଦୀର୍ଘ ୪ଘଣ୍ଟା ଧରି ରାସ୍ତାଅବରୋଧ କରିଥିଲେ ।ସୂଚନାରୁ ଜଣାଯାଇଛି, ହିନ୍ଦୁସ୍ଥାନ ପେଟ୍ରୋଲିୟମ କମ୍ପାନୀ ଏକ ଠିକାସଂସ୍ଥାକୁ ଉକ୍ତ ସତ୍ୟସାଇ ପେଟ୍ରୋଲ ପମ୍ପର ପୁରୁଣାଟାଙ୍କି ବଦଳାଇ ନୂଆଟାଙ୍କି ବସାଇବାପାଇଁ କାର୍ଯ୍ୟାଦେଶ ଦେଇଥିଲା। ଉକ୍ତ ଠିକା ସଂସ୍ଥାର କର୍ମଚାରୀ ନୂଆଟାଙ୍କି ବସାଇବାପରେ ପୁରୁଣାଟାଙ୍କି ଦୁଇଟିରୁ ଗୋଟିଏ ଟାଙ୍କିକୁ ୩ଜଣ କର୍ମଚାରୀ ଏକ ଗ୍ୟାସକଟର ସାହାଯ୍ୟରେ କାଟୁଥିବା ସମୟରେ ପେଟ୍ରୋଲ ସଂସ୍ପର୍ଶରେ ଆସି ହଠାତ୍ ବିସ୍ଫୋରଣ ହୋଇଥିଲା ।ଏହି ଭୟଙ୍କର ବିସ୍ଫୋରଣରେ ଉକ୍ତ ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ରେମୁଣାବ୍ଲକ ମୁଖୁରାପଞ୍ଚାୟତ ବିମ୍ବୁରିଆ ଗ୍ରାମର ଗଣନାଥ ସିଂହଙ୍କ ୬୩ବର୍ଷୀୟ ପୁତ୍ର ବିରେନ୍ଦ୍ର ସିଂହ(ହୁଆ)ଙ୍କ ଘଟଣାସ୍ଥଳରେ ମୃତ୍ୟୁହୋଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲାଯେ ବୀରେନ୍ଦ୍ରଙ୍କ ମୁଣ୍ଡ, ହାତ ଓ ଗୋଡ଼ର ଖଣ୍ଡବିଖଣ୍ଡିତ ଦେହାବଶେଷ ୧୦୦ମିଟର ଦୂରକୁ ଛିଟିକି ପଡ଼ିଥିବା ସ୍ଥାନୀୟଲୋକ ସୂଚନା ଦେଇଛନ୍ତି। ଏଥିସହ ପେଟ୍ରୋଲ ପମ୍ପକୁ ଲାଗି ରହିଥିବା ଏକ ବିଲ୍ଡିଙ୍ଗର କବାଟ, ଝରକାର କାଚ ଭାଙ୍ଗି ବିଛିଡି ପଡ଼ିଥିବା ଦେଖିବାକୁ ମିଳିଛି ।ପ୍ରାଥମିକ ଅବସ୍ଥାରେ ବିରେନ୍ଦ୍ରଙ୍କୁ ନୀଳଗିରି ଡ଼ାକ୍ତରଖାନା ନିଆଯାଇଥିଲେ ହେଁ,ଡାକ୍ତର ତାଙ୍କୁ ମୃତଘୋଷଣା କରିଥିବା ବେଳେ ଠିକସଂସ୍ଥାର ଆହତ ଦୁଇକର୍ମଚାରୀଙ୍କୁ ମଧ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସିତ କରାଯାଉଛି । ଆଇନଶୃଙ୍ଖଳାକୁ ଆଖିଆଗରେ ରଖି ୧ପ୍ଲାଟୁନ୍ ପୋଲିସଫୋର୍ସ ମୁତୟନ କରାଯାଇ ପେଟ୍ରୋଲପମ୍ପକୁ ବ୍ୟାରିକେଡ଼ କରାଯାଇଥିବା ବେଳେ ଏଭଳି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱଦେଇ ସ୍ଥାନୀୟ ପୋଲିସ ପେଟ୍ରୋଲପମ୍ପ ମାଲିକ ଦୀପ୍ତିକାନ୍ତ ମହାପାତ୍ରଙ୍କ ସମେତ ଠିକାସଂସ୍ଥାର ଦୁଇଜଣ କର୍ମଚାରୀଙ୍କୁ ଅଟକ ରଖିଥିବା ଜଣାପଡିଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ନୀଳଗିରିର ଭାରପ୍ରାପ୍ତ ତହସିଲଦାର ଶୁଭଶ୍ରୀ ଜେନା,ବାଲେଶ୍ୱରର ଅତିରିକ୍ତ ଏସପି ଦେବଜ୍ୟୋତି ଦାଶ, ନୀଳଗିରି ଏସଡିପିଓ ନିର୍ମଳା ଗୋଛାୟତଙ୍କ ସମେତ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ବରହମପୁର ଆଇଆଇସି ଜନ ପଟ୍ଟନାୟକ, ବାଲେଶ୍ୱର ସଦର ଆଇଆଇସି ଅଜୟ ମୁର୍ମୁ,ଖନ୍ତାପଡ଼ା ଆଇଆଇସି ଆଲୋକ କୁମାର ବେହେରାଙ୍କ ଉପସ୍ଥିତିରେ ଲୋକଙ୍କୁ ବୁଝାସୁଝାକରି ପରିସ୍ଥିତିକୁ ଶାନ୍ତକରିଥିବା ଦେଖାଯାଇଥିଲା। ପରେ ହିନ୍ଦୁସ୍ଥାନ ପେଟ୍ରୋଲିୟମର କର୍ମକର୍ତ୍ତା, ସତ୍ୟସାଇ ପେଟ୍ରୋଲପମ୍ପ ମାଲିକ ଦିପ୍ତିକାନ୍ତ ମହାପାତ୍ର, ବାଲେଶ୍ୱର ଲେବର ଅଫିସର ହରି ସାମଲ, ସମାଜସେବୀ ଶିଶିର କୁମାର ରାଉତ ଏବଂ ମୃତ ବୀରେନ୍ଦ୍ରଙ୍କ ସାନଭାଇ ଯୋଗେନ୍ଦ୍ର ସିଂହଙ୍କ ସମେତ ମାଜିଷ୍ଟ୍ରେଟ ଏବଂ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ହୋଇ ରାସ୍ତାରୋକ୍ ହଟିଥିଲା ।ତେବେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପାଇଁ ଜଣେ ସରଳ ନିଷ୍କପଟ ଗରୀବଲୋକର ଜୀବନ ଯାଇଥିବାରୁ ସାଧାରଣରେ ନିନ୍ଦା କରାଯାଇଛି।

ପ୍ରକାଶ ସାହୁଙ୍କୁ ସାହିତ୍ୟ ସମ୍ମାନ


ଭଦ୍ରକ,୨୯/୧୦ (ନି.ପ୍ର): ପୁରୀ ନବେକଳେବର ରୋଡ଼ସ୍ଥିତ ମା ଗାୟତ୍ରୀ ପୀଠ ଠାରେ ଦୈନିକ ଅପରାହ୍ନ ଖବରକାଗଜ ପକ୍ଷରୁ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ, ସଭା, ପୁସ୍ତକ ଉନ୍ମୋଚନ ଓ ସାରସ୍ୱତ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ବିଶିଷ୍ଟ ଅତିଥି, ରାଜ୍ୟର ବିଭିନ୍ନ ଜିଲ୍ଲାରୁ କବି କବୟତ୍ରୀ ଓ ଅପରାହ୍ନର ସଂଯୋଜକ ମାନେ ଯୋଗ ଦେଇଥିଲେ । ଅପରାହ୍ନ ପୁରୀ ଜିଲ୍ଲା ସଂଯୋଜକ ମୃତ୍ୟୁଞ୍ଜୟ ଦକ୍ଷୀଣରାୟଙ୍କ ଆବାହକତ୍ୱରେ ଆୟୋଜିତ ସଭାକୁ ଅପରାହ୍ନର ସମ୍ପାଦକ ବଂଶିଧର ଜେନା ଅଧ୍ୟକ୍ଷତା କରିଥିଲେ । ଏଥିରେ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ, କବି ପ୍ରଶାନ୍ତ ଦାସ,ଶ୍ରୀଲିପ୍ସା ପ୍ରିନଟିଂ ମିଡିଆର ପ୍ରକାଶିକା ଲକ୍ଷ୍ମୀପ୍ରିୟା ଦାସ, ପ୍ରବଚକ ଗୁରୁପ୍ରସାଦ ମହାପାତ୍ର, ପୁରୀ ଜିଲ୍ଲା ଲୋକ ସଂପର୍କ ଅଧିକାରୀ ସନ୍ତୋଷ ସେଠୀ, ସମାଜସେବୀ ପ୍ରମୋଦ ଆଚାର୍ଯ୍ୟ ପ୍ରମୁଖ ମଂଚାସୀନ ଥିଲେ । ଏହିଅବସରରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ଆଦର୍ଶ ଶିକ୍ଷାବିତ୍ ତଥା ସମାଜସେବୀ ପ୍ରକାଶ ଚନ୍ଦ୍ର ସାହୁଙ୍କୁ ରାଜ୍ୟ ସ୍ତରୀୟ ସାହିତ୍ୟ ସମ୍ମାନରେ ଉତରୀୟ, ପୁଷ୍ପଗୁଚ୍ଛ, ସମ୍ବର୍ଦ୍ଧନାପତ୍ର ପ୍ରଦାନ କରାଯାଇଛି ।

ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ସପ୍ତାହ ପାଳନ ଅବସରରେ କଂଗ୍ରେସ ସେବାଦଳ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୨୯/୧୦ (ନି.ପ୍ର): ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ସପ୍ତାହ ବ୍ୟାପି ବଳିଦାନ ଦିବସ ପ୍ରଦେଶ କଂଗ୍ରେସ ସେବାଦଳର ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମକୁ ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ ଇନ୍ଦିରା ଗାନ୍ଧୀଙ୍କର ତ୍ୟାଗ, ଦେଶଗଠନ କ୍ଷେତ୍ରରେ ତାଙ୍କର ସ୍ୱପ୍ନ, ସଂକଳ୍ପ ଓ ଏହାକୁ ସାକାର କରିବା ଦିଗରେ ତାଙ୍କର ଯେଉଁ ନିଷ୍ଠା ଦେଶବାସୀ ଉପଲବ୍ଧି କରିଛନ୍ତି ତାହା ଅତୁଳନୀୟ ଓ ଚିରସ୍ମରଣୀୟ । ସାହସ, ଶକ୍ତି, ନାରୀ ଶକ୍ତିର ପରାକାଷ୍ଠା ଓ ଅତୁଳନୀୟ ନିର୍ଭିକତା ତାଙ୍କର ବଳିଷ୍ଠ ନେତୃତ୍ୱ ଓ କର୍ତବ୍ୟ ପାଳନ କ୍ଷେତ୍ରରେ ସ୍ପଷ୍ଟ ଭାବେ ପରିଦୃଷ୍ଟ ହୋଇଛି । ତାଙ୍କର ଜୀବନ ଦର୍ଶନ ଆମ ମମସ୍ତଙ୍କ ପାଇଁ ଅନୁସରଣୀୟ । କଂଗ୍ରେସ ସେବାଦଳ ସଂଗଠନ ଦେଶର ହିତପାଇଁ ଏକ ସମର୍ପିତ ସଶକ୍ତ ସଂଗଠନ । ଇନ୍ଦିରାଜୀଙ୍କର ଆଦର୍ଶ ଏବଂ କର୍ତବ୍ୟ ନିଷ୍ଠାରେ ଏହି ସଂଗଠନ ଅନୁପ୍ରାଣିତ । ଓଡ଼ିଶାରେ ସେବାଦଳ ଏକ ପ୍ରଭାବୀ ଏବଂ ଦାୟିତ୍ୱପୂର୍ଣ୍ଣ ସଂଗଠନ ଭାବରେ ପ୍ରତିଷ୍ଠିତ ହୋଇସାରିଛି ।

ଥାଇରଏଡ୍ ସମସ୍ୟା ଅଛି କି ? ଜାଣନ୍ତୁ ଆପଣଙ୍କ ପାଇଁ କେଉଁ ଖାଦ୍ୟ ଭଲ ଏବଂ କେଉଁଟା ଖରାପ

ବେକରେ ଥିବା ଏକ ଛୋଟ ଗ୍ରନ୍ଥି ହେଉଛି ଥାଇରଏଡ୍, କିନ୍ତୁ ଏହାର କାମ ବହୁତ ବଡ଼ । ଏହା ଆମ ଶରୀରର ମେଟାବୋଲିଜିମ୍ (ଚୟାପଚୟ), ଶକ୍ତି ସ୍ତର, ହୃଦସ୍ପନ୍ଦନ ଏବଂ ମୁଡ୍ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ । ଯେତେବେଳେ ଏହି ଗ୍ରନ୍ଥି ଠିକ୍ ଭାବରେ କାମ କରେ ନାହିଁ, ସେତେବେଳେ କ୍ଲାନ୍ତ ଅନୁଭବ ହେବା, ଓଜନ ବଢ଼ିବା ଏବଂ କେଶ ଝଡ଼ିବା ଭଳି ସମସ୍ୟା ଦେଖାଦେଇଥାଏ । ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କ ଅନୁଯାୟୀ, ଥାଇରଏଡ୍ ସମସ୍ୟା ପାଇଁ ଔଷଧ ଜରୁରୀ, କିନ୍ତୁ ସଠିକ୍ ଖାଦ୍ୟପେୟ ମଧ୍ୟ ଏଥିରେ ବହୁତ ସାହାଯ୍ୟ କରିଥାଏ । ଏଣୁ କେଉଁ ଖାଦ୍ୟଗୁଡ଼ିକ ଆପଣଙ୍କ ଥାଇରଏଡ୍ ପାଇଁ ସବୁଠାରୁ ଭଲ ଏବଂ କେଉଁଥିରୁ ଆପଣ ଦୂରେଇ ରହିବା ଉଚିତ୍ ତାହା ଜାଣିବା ଜରୁରୀ ।



ଥାଇରଏଡ୍ ପାଇଁ ଶ୍ରେଷ୍ଠ ଖାଦ୍ୟ:

ସାମୁଦ୍ରିକ ଶୈବାଳ ଖାଦ୍ୟ : ନୋରି, କେଲ୍ପ ଏବଂ ୱାକାମେ ଭଳି ସାମୁଦ୍ରିକ ଶୈବାଳରେ ପ୍ରଚୁର ପରିମାଣରେ ଆୟୋଡିନ୍ ଥାଏ । ଥାଇରଏଡ୍ ହରମୋନ୍ ତିଆରି ପାଇଁ ଆୟୋଡିନ୍ ଅତ୍ୟନ୍ତ ଜରୁରୀ । ଯଦି ଆପଣଙ୍କର ପୂର୍ବରୁ ଥାଇରଏଡ୍ ରୋଗ ଅଛି, ତେବେ ଏହାକୁ ଅଧିକ ଖାଇବାରୁ ଦୂରେଇ ରୁହନ୍ତୁ ।

ବ୍ରାଜିଲ୍ ନଟ୍ସ : ଏଗୁଡ଼ିକ ସେଲେନିୟମର ଏକ ଉତ୍କୃଷ୍ଟ ଉତ୍ସ । ସେଲେନିୟମ୍ ଥାଇରଏଡ୍ ହରମୋନକୁ ସକ୍ରିୟ କରିବାରେ ସାହାଯ୍ୟ କରେ ଏବଂ ଗ୍ରନ୍ଥିକୁ କ୍ଷତିଗ୍ରସ୍ତ ହେବାରୁ ରକ୍ଷା କରେ । ପ୍ରତିଦିନ ମାତ୍ର ଗୋଟିଏ କିମ୍ବା ଦୁଇଟି ବ୍ରାଜିଲ୍ ନଟ୍ସ ଖାଇବା ଦ୍ୱାରା ଶରୀରର ସେଲେନିୟମ୍ ଆବଶ୍ୟକତା ପୂରଣ ହୋଇପାରିବ ।

ଅଣ୍ଡା: ଅଣ୍ଡାରେ ଆୟୋଡିନ୍ ଏବଂ ସେଲେନିୟମ୍ ସହିତ ଉଚ୍ଚମାନର ପ୍ରୋଟିନ୍ ମଧ୍ୟ ମିଳିଥାଏ । ଥାଇରଏଡ୍ ପାଇଁ ସମ୍ପୂର୍ଣ୍ଣ ଅଣ୍ଡା (କେବଳ ଅଣ୍ଡାର ଧଳା ଅଂଶ ନୁହେଁ) ଖାଇବା ଅଧିକ ଲାଭଦାୟକ ।

ଦହି ଏବଂ ଦୁଗ୍ଧଜାତ ଦ୍ରବ୍ୟ: ଏଥିରେ ଆୟୋଡିନ୍ ଏବଂ ଭିଟାମିନ୍ ଡି ଉଭୟ ରହିଥାଏ । ଭିଟାମିନ୍ ଡି'ର ଅଭାବରୁ ଅଟୋଇମ୍ୟୁନ୍ ଥାଇରଏଡ୍ ରୋଗ ହୋଇପାରେ । ତେଣୁ, ଏହାକୁ ନିଜ ଖାଦ୍ୟରେ ନିଶ୍ଚିତ ଭାବରେ ସାମିଲ କରନ୍ତୁ ।

କେଉଁ ଖାଦ୍ୟରୁ ଦୂରେଇ ରହିବେ: ଜ୍ରୁସିଫେରସ୍ ପନିପରିବା: ବ୍ରୋକୋଲି, ବନ୍ଧାକୋବି ଭଳି ପନିପରିବାରେ ଗୋଇଟ୍ରୋଜେନ୍ ନାମକ ଏକ ପଦାର୍ଥ ଥାଏ । ଏହା ଥାଇରଏଡର ଆୟୋଡିନ୍ ଶୋଷିବା କ୍ଷମତାକୁ କମ୍ କରିପାରେ । ଯଦି ଆପଣଙ୍କର ଆୟୋଡିନ୍ ଅଭାବ ଅଛି, ତେବେ ଏହି ପନିପରିବାକୁ କମ୍ ମାତ୍ରାରେ ଖାଆନ୍ତୁ ।

ସୋୟା ଉତ୍ପାଦ: ଟୋଫୁ ଏବଂ ସୋୟା କ୍ଷୀର ଭଳି ସୋୟା ଉତ୍ପାଦଗୁଡ଼ିକ ଆପଣଙ୍କ ଥାଇରଏଡ୍ ଶୋଷଣରେ ବାଧା ସୃଷ୍ଟି କରିପାରେ । ଯଦି ଆପଣ ଥାଇରଏଡ୍ ଔଷଧ ଖାଉଛନ୍ତି, ତେବେ ଔଷଧ ଖାଇବାର କିଛି ଘଣ୍ଟା ମଧ୍ୟରେ ସୋୟା ଖାଆନ୍ତୁ ନାହିଁ ।

ଗ୍ଲୁଟେନ୍: ହାଶିମୋଟୋ ଥାଇରଏଡାଇଟିସ୍ ଭଳି ରୋଗ ଥିବା ଲୋକଙ୍କ ପାଇଁ ଗ୍ଲୁଟେନ୍ ସମସ୍ୟା ସୃଷ୍ଟି କରିପାରେ । ଯଦି ଆପଣଙ୍କୁ ଗ୍ଲୁଟେନ ସମ୍ବେଦନଶୀଳତା ଅଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରି ଗ୍ଲୁଟେନ୍-ମୁକ୍ତ ଖାଦ୍ୟ ଗ୍ରହଣ କରିବା ଭଲ ହୋଇପାରେ ।

ବିଶେଷ ସୂଚନା: ଖାଦ୍ୟପେୟରେ କୌଣସି ବଡ଼ ପରିବର୍ତ୍ତନ କରିବା ପୂର୍ବରୁ, ବିଶେଷକରି ଯଦି ଆପଣଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ଅଛି, ତେବେ ନିଜ ଡାକ୍ତର କିମ୍ବା ବିଶେଷଜ୍ଞଙ୍କ ସହ ନିଶ୍ଚୟ ପରାମର୍ଶ କରନ୍ତୁ ।





ସକାଳୁ ଖାଲି ପେଟରେ ଲେମ୍ବୁ ପାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ଭଲ ନା' ଖରାପ ?

ଅଧିକାଂଶ ଲୋକ ସକାଳୁ ଉଠିବା ମାତ୍ରେ ଏକ ସୁସ୍ଥ ରୁଟିନ୍ ଆରମ୍ଭ କରିବା ପାଇଁ ଏକ ଗ୍ଲାସ୍ ଉଷୁମ ପାଣିରେ ଲେମ୍ବୁ ମିଶାଇ ପିଇଥା'ନ୍ତି । ପ୍ରକୃତରେ, ଏହାର କାରଣ ହେଉଛି ଏହି ପାଣି ଆମ ଶରୀରକୁ ଡିଟକ୍ସ କରିଥାଏ କିନ୍ତୁ ଲେମ୍ବୁ ପାଣି ଡିଟକ୍ସିଂ ଡ୍ରିଙ୍କ୍ ନୁହେଁ । ଗ୍ୟାଷ୍ଟ୍ରୋ ଏବଂ ଲିଭର ବିଶେଷଜ୍ଞ ଡାକ୍ତର ସୌରଭ ସେଠୀ କହିଛନ୍ତି ଯେ ଏହି ପାଣିକୁ ଡିଟକ୍ସିଫାୟର ଭାବନ୍ତୁ ନାହିଁ କାରଣ ଏଥିରେ ଏପରି କୌଣସି ଉପାଦାନ ନାହିଁ । ଏହା ଓଜନ କମାଇବାରେ ସାହାଯ୍ୟ କରେ ଏବଂ ପେଟ ମଧ୍ୟ ସଫା ରଖେ କିନ୍ତୁ ଏହାକୁ ଖାଲି ପେଟରେ ପିଇବା ଠିକ୍ ନୁହେଁ। ଏକ୍ସପର୍ଟମାନେ କ'ଣ କୁହନ୍ତି ?

ଡାକ୍ତର ସୌରଭଙ୍କ ମତରେ ଲେମ୍ବୁ ପାଣି ପିଇବା ଭଲ । କିନ୍ତୁ କିଛି ଲୋକ ଯେଉଁମାନେ ଏହାକୁ ସକାଳ ସମୟରେ ଉଷୁମ କିମ୍ବା ଗରମ ପାଣି ସହିତ ପିଅନ୍ତି ସେମାନେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ମଧ୍ୟ ଜାଣିବା ଉଚିତ୍ । ଲେମ୍ବୁ ପାଣି ଭିଟାମିନ-ସି, ଆଣ୍ଟିଅକ୍ସିଡେଣ୍ଟ ଏବଂ ଅନେକ ଗୁଣରେ ଭରପୂର ହୋଇଥାଏ । କିନ୍ତୁ ଏହାକୁ ସକାଳ ବଦଳରେ ଦିନରେ ପିଇବା ଉଚିତ୍ । ବିଶେଷ କରି ସେହି ଲୋକମାନଙ୍କୁ ଯେଉଁମାନେ ପୂର୍ବରୁ ହିଁ ବ୍ଲୋଟିଙ୍ଗ୍ କିମ୍ବା ଗ୍ୟାସ ସମସ୍ୟାରେ ପାଡ଼ିତ ଅଛନ୍ତି ।

ଲେମ୍ବୁପାଣି ପିଇବାର ଫାଇଦା କ'ଣ ?

ଏକ୍ସପର୍ଟମାନେ କୁହନ୍ତି ଯେ ଲେମ୍ବୁ ଆମ ଶରୀରରେ ହାଇଡ୍ରେସନ୍ ସ୍ତରକୁ ବଢ଼ାଇବାରେ ସାହାଯ୍ୟ କରେ । ଏହା ୱାଟର ଏବଜର୍ପସନକୁ ବଢ଼ାଏ ଏବଂ ଏନର୍ଜି ଲେବଲକୁ ମଧ୍ୟ ବଢ଼ାଏ । ଯଦି ଆମେ ପ୍ରତିଦିନ ୧ଟି ଲେମ୍ବୁ ଖାଉ ତେବେ ସେଥିରୁ ଆମକୁ ପର୍ଯ୍ୟାପ୍ତ ଭିଟାମିନ-ସି ମିଳିଥାଏ । ଏହି ଭିଟାମିନ ସ୍କିନ୍ କୋଲାଜେନକୁ ବଢ଼ାଏ । ଲେମ୍ବୁ ଖାଇବା ଦ୍ୱାରା ଇମ୍ୟୁନିଟି ମଧ୍ୟ ମଜବୁତ ହୁଏ ଏବଂ ଏହାଦ୍ୱାରା ଆଇରନର ସ୍ତର ମଧ୍ୟ ବଢ଼େ । ଲେମ୍ବୁ ପାଣି ଆମ ପେଟ ପାଇଁ ଭଲ ହୋଇଥାଏ । ଏହାକୁ ପ୍ରତିଦିନ ପିଇବା ଦ୍ୱାରା ହାଇଡ୍ରେସନ ସହିତ ଡାଇଜେସନ ମଧ୍ୟ ଉନ୍ନତ ହୋଇଥାଏ । ଲେମ୍ବୁ ପାଣି ପିଇବା ଦ୍ୱାରା ଭଲ ବ୍ୟାକ୍ଟେରିଆ ବଢ଼ନ୍ତି । ଏହା ଦ୍ୱାରା ଓଜନ କମ ହୁଏ ନାହିଁ କିନ୍ତୁ ଓଜନ ବଢ଼େ ମଧ୍ୟ ନାହିଁ । ଏହା ଓଜନକୁ ନିୟନ୍ତ୍ରିତ ରଖେ ।

ଲେମ୍ବୁ ପାଣିର ପାର୍ଶ୍ୱ ପ୍ରତିକ୍ରିୟା

ଲୋକମାନେ ସକାଳ ସମୟରେ ଖାଲି ପେଟରେ ଉଷୁମ ପାଣିରେ ଏହାକୁ ପିଇଥା'ନ୍ତି । ଏହା ଏସିଡିଟି, ବ୍ଲୋଟିଙ୍ଗ୍ ଏବଂ ଗ୍ୟାସର ସମସ୍ୟାକୁ ବଢ଼ାଇପାରେ । ଆପଣ ଖାଇସାରିବା ପରେ ଏହାକୁ ପିଇପାରନ୍ତି କାରଣ ଏହାଦ୍ୱାରା ପାଚନ ସଠିକ୍ଭାବରେ ହୋଇଥାଏ । ଗରମ ପାଣିରେ ଲେମ୍ବୁ ଚିପୁଡ଼ି ପିଇବା ଆଦୌ ଠିକ୍ ନୁହେଁ କାରଣ ଅଧିକ ଗରମ ହେବା ଦ୍ୱାରା ଭିଟାମିନ-ସି ବ୍ରେକଆଉଟ୍ ହୋଇଯାଏ । ଏହି କାରଣରୁ ତାହାର ପୋଷକ ତତ୍ତ୍ୱ ଆମକୁ ମିଳିପାରେ ନାହିଁ। ଯଦି ଆପଣ ଗରମ ପାଣିରେ ଏହାକୁ ପିଉଛନ୍ତି ତେବେ ଧ୍ୟାନ ରଖନ୍ତୁ ପାଣିକୁ ପ୍ରଥମେ ଉଷୁମ ସ୍ତରକୁ ଆଣନ୍ତୁ ତା'ପରେ ଲେମ୍ବୁ ମିଶାଇ ପିଅନ୍ତୁ।

ଲେମନ ୱାଟରର ସ୍ତର ଏସିଡିକ ହୋଇଥାଏ, ଏହା ଆମ ଦାନ୍ତ ଉପରେ ପ୍ରଭାବ ପକାଇପାରେ । ଯେଉଁକାରଣରୁ ଦାନ୍ତରେ ଖଟା ଏବଂ ସେନସିଟିଭିଟି ହୋଇପାରେ । ଲେମ୍ବୁ ପାଣି ପିଇବା ପାଇଁ ଆପଣଙ୍କୁ ଷ୍ଟ୍ରର ବ୍ୟବହାର କରିବା ଉଚିତ କିମ୍ବା ଏକ ସମୟରେ ହିଁ ଏହାକୁ ପିଇନେବା ଉଚିତ । ଏହାକୁ ପିଇସାରିବା ପରେ କୁଲୁକୁଞ୍ଚା ନିଶ୍ଚୟ କରନ୍ତୁ । ଲେମ୍ବୁ ପାଣି ଆମ ଶରୀରକୁ ଡିଟକ୍ସ କରେ ନାହିଁ । ଲେମ୍ବୁ ପାଣି ପିଇବା ଦ୍ୱାରା ହାଇଡ୍ରେସନ ଏବଂ ଇନଡାଇଜେସନର ସମସ୍ୟା ଦୂର ହୋଇଥାଏ ।







ସାଧାରଣ ଥଣ୍ଡା, ସର୍ଦ୍ଦି କିମ୍ବା ଆଲର୍ଜି ଯୋଗୁଁ କାଶ ହେବା ଏକ ସାଧାରଣ କଥା । କିନ୍ତୁ ଦୀର୍ଘ ସମୟ ଧରି କାଶ ଲାଗି ରହିଲେ ଏହାକୁ ଅଣଦେଖା କରିବା ଉଚିତ ନୁହେଁ। କାରଣ, ଲଗାତାର କାଶ ଆଇ୍ମା, ବ୍ରୋଙ୍କାଇଟିସ୍, ଫୁସ୍ଫୁସ୍ ସଂକ୍ରମଣ କିମ୍ବା ଯକ୍ଷ୍ମା (ଟିବି) ଭଳି ରୋଗର ସଙ୍କେତ ହୋଇପାରେ। ବିଶେଷକରି ତିନି ସପ୍ତାହ କିମ୍ବା ତା'ଠାରୁ ଅଧିକ ସମୟ ଧରି କାଶ ଲାଗି ରହିଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

କାଶ ହେଉଛି ଶରୀରର ଏକ ସ୍ୱାଭାବିକ ପ୍ରତିକ୍ରିୟା। ଏହା ଶ୍ୱାସନଳୀରୁ ଧୂଳି, କଫ ଏବଂ ଅନ୍ୟ ଉତ୍ତେଜକ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରେ। ତେବେ ଦୀର୍ଘ ସମୟ ଧରି କାଶ ହେବା ପଛରେ ବିଭିନ୍ନ କାରଣ ରହିପାରେ। ଆଲର୍ଜି, ଆଇ୍ମା, ବ୍ରୋଙ୍କାଇଟିସ୍, ଧୂମପାନ ଏବଂ ପେଟର ଅମ୍ଳ ଖାଦ୍ୟନଳୀ ଦେଇ ଗଳାକୁ ଉଠିବା ଯୋଗୁଁ ମଧ୍ୟ କାଶ ହୋଇପାରେ।

ବିନା କାରଣରେ ଓଜନ ହ୍ରାସ :

ଦୀର୍ଘ ସମୟ ଧରି କାଶ ହେବା ସହ କଫ ବାହାରିବା, ଜ୍ୱର, ରାତିରେ ଅଧିକ ଝାଳ ବାହାରିବା ଏବଂ ବିନା କାରଣରେ ଓଜନ ହ୍ରାସ ପାଇବା ଯକ୍ଷ୍ମା ରୋଗର ଲକ୍ଷଣ ହୋଇଥାଏ। ତେଣୁ ଏପରି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେଇ ଆବଶ୍ୟକ ପରୀକ୍ଷା କରାଇବା ଉଚିତ। ତେବେ କେବଳ କାଶ ହେଉଥିବାରୁ ଯକ୍ଷ୍ମା ହୋଇଛି ବୋଲି ଧରିନେବା ଠିକ୍ ନୁହେଁ। ସେହିପରି ଲଗାତାର କାଶ ସହ ଛାତିରେ ଯନ୍ତ୍ରଣା, ନିଃଶ୍ୱାସ ନେବାରେ କଷ୍ଟ, ଅଧିକ ଜ୍ୱର, ଭୋକ କମିବା କିମ୍ବା ବିନା କାରଣରେ ଓଜନ ହ୍ରାସ ଭଳି ଲକ୍ଷଣକୁ ଅଣଦେଖା କରନ୍ତୁ ନାହିଁ। କଫରେ ରକ୍ତ ପଡ଼ିଲେ ତୁରନ୍ତ ଚିକିତ୍ସା ସହାୟତା ନିଅନ୍ତୁ।

ଫୁସ୍ଫୁସ୍ର କାର୍ଯ୍ୟକ୍ଷମତା ପରୀକ୍ଷା:

ତିନି ସପ୍ତାହରୁ ଅଧିକ ସମୟ ଧରି କାଶ ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। କାଶର ଅବଧି, ଅନ୍ୟ ଲକ୍ଷଣ ଏବଂ ଧୂମପାନ ଅଭ୍ୟାସ ବିଷୟରେ ଜାଣିବା ପରେ ଡାକ୍ତର ଆବଶ୍ୟକତା ଅନୁଯାୟୀ କଫ ପରୀକ୍ଷା, ଛାତିର ଏକ୍ସ-ରେ କିମ୍ବା ଫୁସ୍ଫୁସ୍ର କାର୍ଯ୍ୟକ୍ଷମତା ପରୀକ୍ଷା କରାଇପାରନ୍ତି। ପରୀକ୍ଷାର ଫଳାଫଳ ଏବଂ କାଶର କାରଣ ଆଧାରରେ ଚିକିତ୍ସା କରାଯାଏ।

ଏହା ସହ ପର୍ଯ୍ୟାପ୍ତ ପାଣି ପିଇବା, ଧୂଳି ଓ ଧୂଆଁଠାରୁ ଦୂରେଇ ରହିବା ଏବଂ ଧୂମପାନ ବନ୍ଦ କରିବା ଉପକାରୀ ହୋଇପାରେ। ଡାକ୍ତରଙ୍କ ପରାମର୍ଶ ବିନା ଆଣ୍ଟିବାୟୋଟିକ୍ କିମ୍ବା ଅନ୍ୟ ଔଷଧ ସେବନ କରନ୍ତୁ ନାହିଁ। ଦୀର୍ଘସ୍ଥାୟୀ କାଶକୁ ସାଧାରଣ ଥଣ୍ଡା ଭାବି ଅଣଦେଖା କରିବା ବିପଦଜନକ ହୋଇଥାଏ।

ପ୍ରଚୁର ଖରା, ତଥାପି ଭିଟାମିନ୍-ଡି ଅଭାବ: ୧୦ରୁ ୭ ଜଣଙ୍କ ରିପୋର୍ଟ ଦେଖି ବଢ଼ିଲା ଚିନ୍ତା

ବର୍ଷର ଅଧିକାଂଶ ସମୟ ଏଠାରେ ପ୍ରଚୁର ସୂର୍ଯ୍ୟକିରଣ ମିଳୁଥିଲେ ମଧ୍ୟ ଲୋକଙ୍କ ଶରୀରରେ ଦେଖାଦେଉଛି ଭିଟାମିନ୍-ଡିର ଅଭାବ । ଆଶ୍ଚର୍ଯ୍ୟର କଥା ହେଉଛି, ଏହି ସମସ୍ୟା କେବଳ ବୟସ୍କଙ୍କ ମଧ୍ୟରେ ସୀମିତ ନାହିଁ । ଶିଶୁ ଓ କିଶୋରଙ୍କଠାରେ ମଧ୍ୟ ଭିଟାମିନ୍-ଡିର ମାତ୍ରା କମ୍ ରହୁଛି । ଏହା ହାଡ଼ର ମଜଭୁତି, କ୍ୟାଲସିୟମ୍ ଶୋଷଣ ଏବଂ ମାଂସପେଶୀର ସଠିକ୍ କାର୍ଯ୍ୟ ପାଇଁ ଅତ୍ୟନ୍ତ ଜରୁରୀ । ମେଟ୍ରୋପୋଲିସ୍ ହେଲ୍ଥକେୟାର ପକ୍ଷରୁ ୨୦୨୫ ଜାନୁଆରୀରୁ ୨୦୨୬ ମେ' ମଧ୍ୟରେ କରାଯାଇଥିବା ୧୧.୬ ଲକ୍ଷରୁ ଅଧିକ ଭିଟାମିନ୍-ଡି ପରୀକ୍ଷାର ତଥ୍ୟ ବିଶ୍ଳେଷଣ କରାଯାଇଥିଲା । ଏଥିରୁ ଜଣାପଡ଼ିଛି ଯେ ପରୀକ୍ଷା କରାଇଥିବା ପ୍ରାୟ ୧୦ ଜଣଙ୍କ ମଧ୍ୟରୁ ୭ ଜଣଙ୍କ ଶରୀରରେ ଭିଟାମିନ୍-ଡିର ମାତ୍ରା କମ୍ ରହିଛି କିମ୍ବା ଆବଶ୍ୟକ ସ୍ତରଠାରୁ ତଳେ ରହିଛି । ଏହି ତଥ୍ୟ ପରୀକ୍ଷା କରାଇଥିବା ଲୋକଙ୍କ ଉପରେ ଆଧାରିତ, ସମଗ୍ର ଭାରତୀୟ ଜନସଂଖ୍ୟାର ପ୍ରତିନିଧିତ୍ୱ କରେ ନାହିଁ ।

ବିଶେଷଜ୍ଞଙ୍କ ମତରେ, ଦୀର୍ଘ ସମୟ ଘର ଭିତରେ ରହିବା, ଅଫିସ୍‌ରେ କାମ କରିବା, ମୋବାଇଲ୍ ଓ କମ୍ପ୍ୟୁଟରରେ ଅଧିକ ସମୟ ବିତାଇବା ଏହାର ପ୍ରମୁଖ କାରଣ । ଏହା ସହ ଖାଦ୍ୟରେ ଆବଶ୍ୟକ ପୋଷକତତ୍ତ୍ୱର ଅଭାବ, ବାୟୁ ପ୍ରଦୂଷଣ ଏବଂ ଶରୀରକୁ ଅଧିକ ଘୋଡ଼ାଇ ରଖୁଥିବା ପୋଷାକ ମଧ୍ୟ ଭିଟାମିନ୍-ଡି ଉତ୍ପାଦନକୁ ପ୍ରଭାବିତ କରିପାରେ । ଭିଟାମିନ୍-ଡି ଅଭାବରେ ହାଡ଼ ଦୁର୍ବଳ ହେବା ସହ ମାଂସପେଶୀରେ ଦୁର୍ବଳତା ଓ ହାଡ଼ରେ ଯନ୍ତ୍ରଣା ହୋଇପାରେ। ଶିଶୁଙ୍କ କ୍ଷେତ୍ରରେ ଗୁରୁତର ଅଭାବ ହେଲେ ରିକେଟ୍ସ ଭଳି ସମସ୍ୟା ଦେଖାଦେଇପାରେ।

କିଶୋରାବସ୍ଥାରେ ହାଡ଼ର ବିକାଶ ଦ୍ରୁତ ହେଉଥିବାରୁ ଏହି ସମୟରେ ଭିଟାମିନ୍-ଡିର ଆବଶ୍ୟକତା ଅଧିକ ଗୁରୁତ୍ୱପୂର୍ଣ୍ଣ । ଫର୍ଟିଫାଏଡ୍ କ୍ଷୀର, ଅଣ୍ଡା, ତେଲିଆ ମାଛ ଏବଂ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଗ୍ରହଣ କରିବା ଉପକାରୀ। ତେବେ କେବଳ ସକାଳର ଧୂପ ଉପରେ ନିର୍ଭର କରିବା ଯଥେଷ୍ଟ ନ ହୋଇପାରେ। ଧୂପର ତୀବ୍ରତା, ସମୟ ଓ ଚର୍ମର ପ୍ରକାର ଅନୁସାରେ ଭିଟାମିନ୍-ଡି ଉତ୍ପାଦନ ବଦଳିଥାଏ। ତେଣୁ ଅତ୍ୟଧିକ ଧୂପରୁ ନିଜକୁ ସୁରକ୍ଷିତ ରଖିବା ମଧ୍ୟ ଜରୁରୀ । ଡାକ୍ତରଙ୍କ ପରାମର୍ଶ ବିନା ଭିଟାମିନ୍-ଡି ସପ୍ଲିମେଣ୍ଟ ଖାଇବା ଉଚିତ୍ ନୁହେଁ। ଦୀର୍ଘଦିନ ଧରି ହାଡ଼ ଯନ୍ତ୍ରଣା କିମ୍ବା ମାଂସପେଶୀରେ ଦୁର୍ବଳତା ରହିଲେ ଡାକ୍ତରଙ୍କ ପରାମର୍ଶ ନେଇ ଆବଶ୍ୟକ ପରୀକ୍ଷା କରାଇବା ଉଚିତ୍। ସୁସ୍থ ହାଡ଼ ପାଇଁ ଉପଯୁକ୍ତ ଖାଦ୍ୟ, ନିୟମିତ ବ୍ୟାୟାମ ଓ ସଚେତନ ଜୀବନଶୈଳୀ ଅତ୍ୟନ୍ତ ଜରୁରୀ ।

ହୃଦୟ ପାଇଁ ଜହର ୧୦ ଖାଦ୍ୟ

ମିଠା ଦହି,ଧଳା ବ୍ରେଡ୍...

ବର୍ତ୍ତମାନର ଧାଁଦଉଡ଼ ଜୀବନରେ ଫାଷ୍ଟଫୁଡର ପ୍ରଚଳନ ଅଧିକ ବଢ଼ିଛି । ଲୋକଙ୍କ ପାଖରେ ଖାଦ୍ୟ ଚୟନ ପାଇଁ ଆଉ ସମୟ ନାହିଁ ତେଣୁ କମ୍ ସମୟ ଭିତରେ ଯାହା ମିଳିଲା ପେଟ ପୁରିବା କଥା ଭାବି ଫାଷ୍ଟଫୁଡ ଖାଉଛନ୍ତି । ଯାହାଦ୍ୱାରା ନାନାଦି ରୋଗ ଶରୀରକୁ କୁଣିଆ ହୋଇ ପ୍ରବେଶ କରୁଛନ୍ତି । ତା'ପରେ ଡାକ୍ତରଖାନା, ମେଡିସିନ୍ ଏହାର ଖର୍ଚ୍ଚ ଅଲଗା । ତେଣୁ ବେଳ ଥାଉ ଥାଉ ଉପଯୁକ୍ତ ଧ୍ୟାନ ନଦେଲେ ଶରୀରକୁ ସଡ଼ିବାରୁ କେହି ବଞ୍ଚାଇ ପାରିବେ ନାହିଁ । ତେବେ ଏହାରି ଭିତରେ କିଛି ହେଲ୍ଥ କନ୍ସିୟସ୍ ଲୋକ ମଧ୍ୟ ରହିଛନ୍ତି ଯେ ନିଜ ସ୍ୱାସ୍ଥ୍ୟର ଖୁବ୍ ଯତ୍ନ ନିଅନ୍ତି । ବଜାରରୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟକର ଖାଦ୍ୟ ଆଣି ଘରେ ପ୍ରସ୍ତୁତ କରି ଖାଆନ୍ତି । କିନ୍ତୁ ସବୁ ହେଲ୍ଥି ବୋଲାଉଥିବା ଖାଦ୍ୟ ବି ବେଳେବେଳେ ଶରୀର ଉପରେ ମହଙ୍gା ପଡ଼େ । ଅର୍ଥାତ ବାହାରକୁ ହେଲ୍ଥି ଦେଖାଯାଉଥିବା ଖାଦ୍ୟ ପ୍ରକୃତରେ ହୃଦୟ ପାଇଁ ଭଲ ହୋଇନଥାଏ । ଏଭଳି ଖାଦ୍ୟ ଶରୀରରେ ଆର୍ଟରିଜ ବା ଧମନୀରେ ପ୍ଲାକ୍ ଜମାଇବା ଭଳି କାମ କରିଥାଏ । ଯାହାଦ୍ୱାରା ହୃଦରୋଗର ଆଶଙ୍କା ମଧ୍ୟ ବଢ଼ିଥାଏ । ଯଦି ଆପଣ ଚାହୁଛନ୍ତି ଯେ କମ୍ ବୟସରୁ ଆପଣଙ୍କୁ ହାର୍ଟଆଟାକର ସମସ୍ୟା ଭୋଗିବାକୁ ନପଡ଼େ ତା'ହେଲେ ଏଭଳି ଖାଦ୍ୟରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ ।

ଏହି ତାଲିକାରେ ପ୍ରଥମରେ ଆସେ ଗ୍ରେନୋଲା ବାର୍ସ ଯାହା ଉଭୟ ଓଟ୍ସ ଏବଂ ନଟ୍ସରେ ପ୍ରସ୍ତୁତ ହୋଇଥାଏ । କିନ୍ତୁ ଏଥିରେ ମିଶ୍ରିତ ହୋଇଥିବା ଅତ୍ୟଧିକ ଚିନି ଏବଂ ପାମ୍ ଅଏଲ ଯୋଗୁଁ ସ୍ୱାସ୍ଥ୍ୟ ପ୍ରତି ଅହିତକର ହୋଇଥାଏ । ଆପଣ ଏହି ତାଲିକାରେ ମିଠା ଦହିକୁ ମଧ୍ୟ ନେଇପାରିବେ । କାରଣ ଏଥିରେ ମଧ୍ୟ ଅତ୍ୟଧିକ ଚିନିର ବ୍ୟବହାର ହୋଇଥାଏ । ଯାହା ହୃଦୟ ପାଇଁ ଆଦୌ ଭଲ ନୁହେଁ । ବଜାରରେ ସହଜରେ ମିଳୁଥିବା ମଫିନକୁ ମଧ୍ୟ ହେଲ୍ଥି ବୋଲି କୁହାଯାଏ କାରଣ ଏଥିରେ ଫାଇବର ଥାଏ । କିନ୍ତୁ ଚିନି ଏବଂ ତେଲ ସବୁ ସ୍ୱାସ୍ଥ୍ୟକର ଗୁଣକୁ ମାରିଦିଏ । ପ୍ୟାକେଟ୍ ଜୁସକୁ ମଧ୍ୟ ଆପଣ ଏହି ତାଲିକାରେ ନେଇପାରିବେ । ଏହି ଜୁସକୁ ଶତ ପ୍ରତିଶତ ଫାଇବର ଥିବା ବୋଲି କୁହାଯାଏ କିନ୍ତୁ ଏଥିରେ ଅଧିକ ସୁଗର ଥାଏ ଯାହାଦ୍ୱାରା ଶୀଘ୍ର ଓଜନ ବଢ଼େ ଏବଂ ହୃଦୟ ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼େ ।

ଉଚ୍ଚ-ମାନର ନିଯୁକ୍ତି ବିନା ସମୃଦ୍ଧି ଅସମ୍ଭବ

ଭାରତର ଅର୍ଥନୈତିକ ବିକାଶର କାହାଣୀ ବିଶ୍ୱ ଦରବାରରେ ଏକ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ, ଏହାର ନିଯୁକ୍ତି କ୍ଷେତ୍ରରେ ଥିବା ବ୍ୟବଧାନ ଏକ କଠୋର ବାସ୍ତବତା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । କେବଳ ଉଚ୍ଚ ଉତ୍ପାଦନଶୀଳ ନିଯୁକ୍ତି ମାଧ୍ୟମରେ ହିଁ ଭାରତ ବ୍ୟାପକ ସମୃଦ୍ଧି ସୃଷ୍ଟି କରିପାରିବ ଏବଂ ଏଥିପାଇଁ ଦେଶର ଶ୍ରମିକମାନଙ୍କୁ ନିମ୍ନ ମୂଲ୍ୟଯୁକ୍ତ କାର୍ଯ୍ୟରୁ ଉଚ୍ଚ ମୂଲ୍ୟଯୁକ୍ତ କାର୍ଯ୍ୟକୁ ସ୍ଥାନାନ୍ତରିତ କରିବାର ନିତାନ୍ତ ଆବଶ୍ୟକତା ରହିଛି । ଚଳିତ ବର୍ଷ ବିଶ୍ୱ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ ଜୋର୍ଡାନ, ମାଇକ୍ରୋନେସିଆ, ଫିଲିପାଇନ୍ସ, ଶ୍ରୀଲଙ୍କା ଏବଂ ଭିଏତନାମ ଭଳି ପାଞ୍ଚଟି ଦେଶ ଉଚ୍ଚ-ମଧ୍ୟମ ଆୟ ବର୍ଗକୁ ଉନ୍ନୀତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଭିଏତନାମର ଉଦାହରଣ ଆମ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ ଅଟେ । ୨୦୦୯ ମସିହାରେ ଭିଏତନାମ ନିମ୍ନ-ମଧ୍ୟମ ଆୟ ସ୍ଥିତିର ସୀମା ଅତିକ୍ରମ କରିଥିଲା ଏବଂ ମାତ୍ର ୧୬ ବର୍ଷ ମଧ୍ୟରେ ଏହା ଉଚ୍ଚ-ମଧ୍ୟମ ଆୟ ବର୍ଗରେ ପହଞ୍ଚିପାରିଛି । ଅନ୍ୟପକ୍ଷରେ, ଭାରତ ୨୦୦୭ ମସିହାରେ ନିମ୍ନ-ମଧ୍ୟମ ଆୟ ବର୍ଗରେ ପ୍ରବେଶ କରିଥିଲେ ସୁଦ୍ଧା, ୧୯ ବର୍ଷ ପରେ ମଧ୍ୟ ସେହି ଗୋଟିଏ ବର୍ଗରେ ଅଟକି ରହିଛି । ଚୀନର ଉତ୍ଥାନ ଆହୁରି ଦ୍ରୁତ ଥିଲା, ଯାହା ନିମ୍ନ-ମଧ୍ୟମ ଆୟ ବର୍ଗରେ ବର୍ଗୀକୃତ ହେବାର ମାତ୍ର ୧୩ ବର୍ଷ ପରେ ୨୦୧୦ ମସିହାରେ ଉଚ୍ଚ-ମଧ୍ୟମ ଆୟ ସ୍ଥିତିରେ ପହଞ୍ଚିପାରିଥିଲା । ଯଦି ଭାରତର ଆୟ ଡଲାର ହିସାବରେ ଗତ ଦଶନ୍ଧିର ୫.୪ ପ୍ରତିଶତ ପରିବର୍ତ୍ତେ ୮.୫ ପ୍ରତିଶତ ହାରରେ ବୃଦ୍ଧି ପାଏ, ତେବେ ବର୍ତ୍ତମାନର ଉଚ୍ଚ-ମଧ୍ୟମ ଆୟ ସ୍ଥିତିରେ ପହଞ୍ଚିବା ପାଇଁ ଭାରତକୁ ପ୍ରାୟ ଛଅ ବର୍ଷ ସମୟ ଲାଗିବ । ବିଶ୍ୱ ବ୍ୟାଙ୍କର ସଦ୍ୟତମ ତଥ୍ୟ ଅନୁଯାୟୀ ବର୍ତ୍ତମାନ ଉଚ୍ଚ-ମଧ୍ୟମ ଆୟ ବର୍ଗର ସୀମା ମୁଣ୍ଡପିଛା ଆୟ ପ୍ରାୟ ୪,୫୧୬ ଡଲାରରୁ ଆରମ୍ଭ ହେଉଥିବା ବେଳେ ଭାରତର ମୁଣ୍ଡପିଛା ଆୟ ଏବେ ବି ୨,୫୦୦ ଡଲାର ପାଖାପାଖି ରହିଛି । ଏହିଭଳି ଏକ ପରିବର୍ତ୍ତନ ଅସମ୍ଭବ ନୁହେଁ, କିନ୍ତୁ ଦେଶର ବିକାଶର ସମ୍ଭାବନାକୁ ନେଇ ଆଶାବାଦୀ ହେବାର କାରଣ ଥିବା ବେଳେ କିଛି କଠୋର ବାସ୍ତବତାର ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିବ ।

ଭାରତୀୟ ଅର୍ଥନୀତିର ବର୍ତ୍ତମାନର ସ୍ଥିତିକୁ ବିଶ୍ଳେଷଣ କଲେ ପାଞ୍ଚଟି ପ୍ରମୁଖ ପରିସଂଖ୍ୟାନ ସାମ୍ନାକୁ ଆସେ, ଯାହା ଉଭୟ ଆଶା ଏବଂ ନିରାଶାର ଚିତ୍ର ପ୍ରଦାନ କରିଥାଏ । ପ୍ରଥମତଃ, ବିଶ୍ୱ ବ୍ୟାଙ୍କର ତଥ୍ୟ ଅନୁଯାୟୀ ଗୋଟିଏ ଦଶନ୍ଧିରୁ କମ୍ ସମୟ ମଧ୍ୟରେ ଭାରତର ଶ୍ରମଶକ୍ତି ୧୦୦ ନିୟୁତରୁ ଅଧିକ ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ ବେକାରୀ ହାର କମିଥିବାର ଦେଖାଯାଇଛି, ଯାହା ସୂଚାଉଛି ଯେ ଅର୍ଥନୀତି କୌଣସି ପ୍ରକାରେ ଯଥେଷ୍ଟ ନିଯୁକ୍ତି ସୃଷ୍ଟି କରିବାରେ ସଫଳ ହୋଇଛି । କିନ୍ତୁ କେବଳ ନିଯୁକ୍ତ ହେବା ବା ଆତ୍ମନିଯୁକ୍ତ ହେବା, ଉତ୍ପାଦନଶୀଳ ଭାବରେ ନିଯୁକ୍ତ ହେବା ସହିତ ସମାନ ନୁହେଁ । ଦେଶର ଗରିବ ଶ୍ରେଣୀର ଲୋକମାନେ ବେକାର ହୋଇ ବସିବାର ବିଳାସପୂର୍ଣ୍ଣ ସୁବିଧା ପାଇନଥାନ୍ତି, ତେଣୁ ସେମାନେ ବଞ୍ଚିବା ପାଇଁ ଯେକୌଣସି ସୁଯୋଗ ପାଇଲେ ତାହାକୁ ଆପଣେଇ ନିଅନ୍ତି । ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି ଏବଂ ପିଏଲଏଫଏସର ତଥ୍ୟ ଅନୁଯାୟୀ, ଶ୍ରମଶକ୍ତିରେ ବୃଦ୍ଧି ପାଇଥିବା ସଂଖ୍ୟାର ପ୍ରାୟ ଦୁଇ-ତୃତୀୟାଂଶ ହେଉଛନ୍ତି ମହିଳା, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଆତ୍ମନିଯୁକ୍ତ ଏବଂ କୃଷି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ବାସ୍ତବରେ, ଦେଶର ମୋଟ ଶ୍ରମଶକ୍ତିର ୪୩ ପ୍ରତିଶତ ଏବେ ବି କୃଷି କ୍ଷେତ୍ରରେ ନିୟୋଜିତ ଅଛନ୍ତି ଏବଂ ଅଣ-କୃଷି ଶ୍ରମଶକ୍ତିର ୭୯ ପ୍ରତିଶତ ଅଣସଂଗଠିତ ଉଦ୍ୟୋଗରେ କାର୍ଯ୍ୟରତ ଅଛନ୍ତି । ଏହି ଦୁଇଟି ଯାକ କ୍ଷେତ୍ରରେ ମୂଲ୍ୟ ସଂଯୋଗ ବା ଭ୍ୟାଲ୍ୟୁ ଆଡେଡ୍ ଅତ୍ୟନ୍ତ ନଗଣ୍ୟ ଅଟେ । ଗୋଟିଏ ଦେଶ କେବଳ ସେତେବେଳେ ଧନୀ ହୋଇଥାଏ ଯେତେବେଳେ ଏହାର ଶ୍ରମଶକ୍ତି ଅଣସଂଗଠିତ କ୍ଷେତ୍ରରୁ ସଂଗଠିତ କ୍ଷେତ୍ରକୁ ଏବଂ ନିମ୍ନ ଉତ୍ପାଦନଶୀଳ ନିଯୁକ୍ତିରୁ ଉଚ୍ଚ ଉତ୍ପାଦନଶୀଳ ନିଯୁକ୍ତିକୁ ସ୍ଥାନାନ୍ତରିତ ହୋଇଥାଏ । ଆମ ଦେଶରେ କୃଷି ଉପରେ ଏହି ଅତ୍ୟଧିକ ନିର୍ଭରଶୀଳତା ପ୍ରଚ୍ଛନ୍ନ ବେକାରୀର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରୁଛି, ଯେଉଁଠାରେ ଆବଶ୍ୟକତା ଠାରୁ ଅଧିକ ଲୋକ ଗୋଟିଏ କାମରେ ନିୟୋଜିତ ଅଛନ୍ତି, କିନ୍ତୁ ସେମାନଙ୍କର ଅର୍ଥନୈତିକ ଅବଦାନ ବହୁତ କମ୍ ରହିଛି ।

ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଉତ୍ପାଦନ କ୍ଷେତ୍ର ବା ମ୍ୟାନୁଫାକ୍ଚରିଂ ସେକ୍ଟରର ସ୍ଥିତି । ସରକାରୀ ତଥ୍ୟ ଅନୁଯାୟୀ, ପଞ୍ଜୀକୃତ କାରଖାନା ସଂଖ୍ୟା ୨୦୦୪-୦୫ ମସିହାରେ ୧.୩ ଲକ୍ଷ ଥିବାବେଳେ ୨୦୨୪-୨୫ ମସିହା ସୁଦ୍ଧା ତାହା ଦ୍ୱିଗୁଣିତ ହୋଇ ୨.୬ ଲକ୍ଷରେ ପହଞ୍ଚିଛି। ତଥାପି ଦେଶର ମୋଟ ଘରୋଇ ଉତ୍ପାଦ ବା ଜିଡିପି ଏବଂ ନିଯୁକ୍ତି କ୍ଷେତ୍ରରେ ମ୍ୟାନୁଫାକ୍ଚରିଂର ଅଂଶବିଶେଷ ବୃଦ୍ଧି ପାଇନାହିଁ । ଐତିହାସିକ ଭାବରେ ଏହା ଦଶନ୍ଧି ଦଶନ୍ଧି ଧରି ପ୍ରାୟ ୧୫ରୁ ୧୭ ପ୍ରତିଶତ ମଧ୍ୟରେ ସୀମିତ ରହିଛି । ୨୦୨୦-୨୧ ଏବଂ ୨୦୨୪-୨୫ ମଧ୍ୟରେ, ସଂଗଠିତ ଉତ୍ପାଦନ କ୍ଷେତ୍ର ଅପେକ୍ଷା ଗିଗ୍ ଅର୍ଥନୀତିରେ ଅଧିକ ଶ୍ରମିକ ନିଯୁକ୍ତି ପାଇଛନ୍ତି । ନୀତି ଆୟୋଗଙ୍କ ଏକ ରିପୋର୍ଟ ଅନୁଯାୟୀ, ଭାରତରେ ଗିଗ୍ ଶ୍ରମିକଙ୍କ ସଂଖ୍ୟା ୭୭ ଲକ୍ଷରୁ ବୃଦ୍ଧି ପାଇ ୨୦୨୯-୩୦ ସୁଦ୍ଧା ୨.୩୫ କୋଟିରେ ପହଞ୍ଚିବାର ଆକଳନ କରାଯାଇଛି, କିନ୍ତୁ ଏହି କ୍ଷେତ୍ରରେ ଚାକିରିର ନିରାପତ୍ତା ଏବଂ ସାମାଜିକ ସୁରକ୍ଷାର ଘୋର ଅଭାବ ରହିଛି । କାରଖାନାର ଚଟାଣ ସର୍ବଦା ବ୍ୟାପକ ଉର୍ଦ୍ଧ୍ୱମୁଖୀ ଗତିଶୀଳତା ବା ଅପୱାର୍ଡ ମୋବିଲିଟି ପାଇଁ ଏକ ପ୍ରଭାବଶାଳୀ ପଥ ହୋଇଆସିଛି, କିନ୍ତୁ ଭାରତ କ୍ଷେତ୍ରରେ ଏହା ଘଟିନାହିଁ । ଯଦିଓ ଶ୍ରମିକ ପିଛା ମୂଲ୍ୟ ସଂଯୋଗ ବୃଦ୍ଧି ପାଇଛି, ତଥାପି ଶ୍ରମିକମାନଙ୍କର ମଜୁରୀ କମ୍ପାନୀଗୁଡ଼ିକର ଲାଭ ତୁଳନାରେ ବହୁତ ଧୀର ଗତିରେ ବୃଦ୍ଧି ପାଇଛି । ଉତ୍ପାଦନର ଅଧିକ ପୁଞ୍ଜି-ନିବିଡ଼ ପଦ୍ଧତି ଶ୍ରମିକମାନଙ୍କର ମୂଲଚାଲ କରିବାର କ୍ଷମତାକୁ ଦୁର୍ବଳ କରିଦେଇଛି । ପୁଞ୍ଜିପତିମାନଙ୍କ ପାଖରେ ଅଧିକ ଲାଭ କେନ୍ଦ୍ରୀଭୂତ ହେବା ଫଳରେ ସମାଜରେ ଆର୍ଥିକ ଅସମାନତା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଅର୍ଥନୈତିକ ବିକାଶର ଐତିହାସିକ ଧାରାକୁ ଅନୁଧ୍ୟାନ କଲେ ଜଣାପଡେ ଯେ, ବିକାଶଶୀଳ ଦେଶଗୁଡ଼ିକ ସାଧାରଣତଃ କୃଷି କ୍ଷେତ୍ରରୁ ଶିଳ୍ପ କ୍ଷେତ୍ରକୁ ଏବଂ ପରେ ସେବା କ୍ଷେତ୍ରକୁ ଗତି କରିଥାନ୍ତି । କିନ୍ତୁ ଭାରତ ସିଧାସଳଖ କୃଷିରୁ ସେବା କ୍ଷେତ୍ରକୁ ଲମ୍ଫ ପ୍ରଦାନ କଲା, ଯାହାକି ବହୁଳ ମାତ୍ରାରେ ଉତ୍ପାଦନଶୀଳ ନିଯୁକ୍ତି ସୃଷ୍ଟି କରିବାରେ ବିଫଳ ହୋଇଛି ।


ତୃତୀୟତଃ, ଏହି ଦଶନ୍ଧିର ଅଧିକାଂଶ ସମୟରେ ସରକାର ଦେଶର ଭିତ୍ତିଭୂମିର ଉନ୍ନତିକରଣ ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରିଛନ୍ତି । ରାଜପଥରୁ ଆରମ୍ଭ କରି ବିମାନବନ୍ଦର, ମାଲବାହୀ କରିଡର ଏବଂ ବନ୍ଦର ପର୍ଯ୍ୟନ୍ତ, ଏହି ଅତ୍ୟାବଶ୍ୟକ ଉନ୍ନତିକରଣ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ସହିତ ବିଶ୍ୱ ବଜାରରେ ପ୍ରତିଯୋଗିତାମୂଳକ କ୍ଷମତାରେ ଉନ୍ନତି ଆଣିଛି । କିନ୍ତୁ ଏହା ପରେ କ'ଣ ହେବ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରୀ ପୁଞ୍ଜି ବିନିଯୋଗର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଘରୋଇ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା । କିନ୍ତୁ ଏହି ପ୍ରକ୍ରିୟା ଆଶାନୁରୂପ ସଫଳ ହୋଇପାରିନାହିଁ ଏବଂ ଘରୋଇ କ୍ଷେତ୍ରକୁ ଏହି ଦାୟିତ୍ୱ ହସ୍ତାନ୍ତର କରାଯାଇପାରିନାହିଁ । କମ୍ପାନୀଗୁଡ଼ିକ ନିଜର ବାଲାନ୍ସ ସିଟ୍ ସଜାଡ଼ିଛନ୍ତି ଏବଂ ନୂତନ ନିଯୁକ୍ତି ସୃଷ୍ଟି କରିବା ପରିବର୍ତ୍ତେ ଅଂଶୀଦାରମାନଙ୍କୁ ଅର୍ଥ ଫେରାଇବା ସହିତ କେବଳ ମନୋନୀତ କ୍ଷେତ୍ରରେ ନିବେଶ କରିବାକୁ ପସନ୍ଦ କରୁଛନ୍ତି । ଯେପର୍ଯ୍ୟନ୍ତ ଘରୋଇ ଶିଳ୍ପପତିମାନେ ନୂତନ ପ୍ରକଳ୍ପ ଏବଂ କାରଖାନା ସ୍ଥାପନରେ ଆଗ୍ରହ ପ୍ରକାଶ ନକରିବେ, ସେପର୍ଯ୍ୟନ୍ତ କେବଳ ସରକାରୀ ଖର୍ଚ୍ଚ ଉପରେ ନିର୍ଭର କରି ନିଯୁକ୍ତି ସମସ୍ୟାର ସମାଧାନ କରାଯାଇପାରିବ ନାହିଁ ।

ଚତୁର୍ଥ ଆହ୍ୱାନଟି ହେଉଛି ଶକ୍ତି କ୍ଷେତ୍ର ସହିତ ଜଡିତ । ଗତ ଏକ ଦଶନ୍ଧି ମଧ୍ୟରେ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ଏକ ବ୍ୟାପକ ସମ୍ପ୍ରସାରଣ ହୋଇଛି, ଯେଉଁଥିରେ ସୌର ଶକ୍ତି ମୁଖ୍ୟ ଚାଳକ ସାଜିଛି । କିନ୍ତୁ ଏହା ନିଜସ୍ୱ କିଛି ନୂତନ ଆହ୍ୱାନ ସୃଷ୍ଟି କରିଛି । ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ, ବିଦ୍ୟୁତ ଚାହିଦା ବୃଦ୍ଧି ପାଇଥିଲେ ସୁଦ୍ଧା ଦିନ ସମୟରେ ବଳକା ଶକ୍ତି ଏବଂ ଅପର୍ଯ୍ୟାପ୍ତ ଟ୍ରାନ୍ସମିସନ ଭିତ୍ତିଭୂମି କାରଣରୁ ସୌର ଉତ୍ପାଦନକୁ ସୀମିତ କରିବାକୁ ପଡ଼ିଥିଲା । ସୌର ଶକ୍ତି ଉତ୍ପାଦନ, ଷ୍ଟୋରେଜ୍ ଏବଂ ଟ୍ରାନ୍ସମିସନ ଭିତ୍ତିଭୂମି ଠାରୁ ବହୁ ଆଗରେ ଦୌଡୁଛି । ବିଦ୍ୟୁତ କ୍ଷେତ୍ରରେ ଥିବା ଏହି ଦୁର୍ବଳତା ଭାରତର ଉତ୍ପାଦନ ଏବଂ ବୈଷୟିକ ମହତ୍ୱାକାଂକ୍ଷା ପାଇଁ ଏକ ବଡ଼ ପ୍ରତିବନ୍ଧକ ଅଟେ । କାରଖାନାଗୁଡ଼ିକୁ ନିର୍ଭରଯୋଗ୍ୟ ଏବଂ ଶସ୍ତା ବିଦ୍ୟୁତ ଯୋଗାଣର ଆବଶ୍ୟକତା ରହିଛି। ଡାଟା ସେଣ୍ଟର ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ପାଇଁ ମଧ୍ୟ ବିପୁଳ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ ଉତ୍ସ ଆବଶ୍ୟକ । ତେଣୁ ଏକ ଦୃଢ଼ ଔଦ୍ୟୋଗିକ ଏବଂ ବୈଷୟିକ ଭିତ୍ତିଭୂମି ନିର୍ମାଣ ପାଇଁ ବିଦ୍ୟୁତ ସଂରକ୍ଷଣ, ପରିବହନ ଏବଂ ସେଥିରେ ବ୍ୟାପକ ନିବେଶ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

ପଞ୍ଚମ ଏବଂ ସବୁଠାରୁ ଚିନ୍ତାଜନକ ପରିସଂଖ୍ୟାନଟି ହେଉଛି ଦେଶରେ ବୃଦ୍ଧି ପାଉଥିବା ଆର୍ଥିକ ବୈଷମ୍ୟ । ୟୁବିଏସ୍ ଗ୍ଲୋବାଲ୍ ୱେଲ୍ଥ ରିପୋର୍ଟ ଅନୁଯାୟୀ, ଭାରତରେ ବର୍ତ୍ତମାନ ୯.୪ ଲକ୍ଷ ଡଲାର କୋଟିପତି ବା ମିଲିୟନେୟାର ଅଛନ୍ତି । ଏହା ଦେଶକୁ ସ୍ୱିଜରଲ୍ୟାଣ୍ଡ ସହିତ ସମାନ ସ୍ତରରେ ଏବଂ ସ୍ପେନ୍ ଠାରୁ ସାମାନ୍ୟ ପଛରେ ରଖିଛି । ଆସନ୍ତା ବର୍ଷ ସୁଦ୍ଧା ଭାରତରେ ଏହି କୋଟିପତିଙ୍କ ସଂଖ୍ୟା ୧୦ ଲକ୍ଷ ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହାର ଅନେକ ପ୍ରଭାବ ପଡ଼ିବ । ବଜାରରେ ପ୍ରିମିୟମାଇଜେସନ୍ ବା ମୂଲ୍ୟବାନ ବିଳାସପୂର୍ଣ୍ଣ ସାମଗ୍ରୀର ଚାହିଦା ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇବ । ଧନୀ ପରିବାରଗୁଡ଼ିକ ବିଦେଶରେ ଶିକ୍ଷା, ବିନିଯୋଗ ଏବଂ ଭ୍ରମଣ ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଥିବାରୁ ବୈଦେଶିକ ମୁଦ୍ରାର ଚାହିଦା ମଧ୍ୟ ବୃଦ୍ଧି ପାଇବ । ଯଦିଓ ଧନୀ ବ୍ୟକ୍ତିମାନେ ସରକାରୀ ଟିକସ ରାଜସ୍ୱରେ ଅଧିକ ଯୋଗଦାନ କରନ୍ତି, ତଥାପି ଏହି ସଂଖ୍ୟାଗୁଡ଼ିକ ସୂଚାଉଛି ଯେ ଅର୍ଥନୀତି ଏକ ବ୍ୟାପକ ମଧ୍ୟବିତ୍ତ ଶ୍ରେଣୀ ସୃଷ୍ଟି କରିବା ଅପେକ୍ଷା ଦ୍ରୁତ ଗତିରେ କେବଳ ଅଧିକ ଧନୀ ଲୋକ ସୃଷ୍ଟି କରୁଛି । ବିଭିନ୍ନ ଅର୍ଥନୈତିକ ସର୍ବେକ୍ଷଣରୁ ମଧ୍ୟ ଜଣାପଡିଛି ଯେ ଦେଶର ଅଧିକାଂଶ ସମ୍ପତ୍ତି କେବଳ କିଛି ହାତଗଣତି ଲୋକଙ୍କ ପାଖରେ କେନ୍ଦ୍ରୀଭୂତ ହୋଇ ରହିଛି, ଯାହାକି ଏକ ସୁସ୍ଥ ଗଣତାନ୍ତ୍ରିକ ଅର୍ଥନୀତି ପାଇଁ ଆଦୌ ଶୁଭ ସଙ୍କେତ ନୁହେଁ ।

ପରିଶେଷରେ ଏହା କୁହାଯାଇପାରେ ଯେ, ଭାରତର ବିକାଶ ଯାତ୍ରାକୁ ଏକ ନିର୍ଣ୍ଣାୟକ ମୋଡ଼ ଦେବାକୁ ହେଲେ ଦେଶକୁ ନିଜର କର୍ମଜୀବୀମାନଙ୍କୁ ନିମ୍ନ ମୂଲ୍ୟଯୁକ୍ତ କାର୍ଯ୍ୟରୁ ଉଚ୍ଚ ମୂଲ୍ୟଯୁକ୍ତ କାର୍ଯ୍ୟକୁ ସ୍ଥାନାନ୍ତରିତ କରିବାକୁ ହିଁ ପଡ଼ିବ । ଦେଶକୁ ଏପରି କାରଖାନା ଏବଂ ଶିଳ୍ପଗୁଡ଼ିକର ଆବଶ୍ୟକତା ରହିଛି ଯାହା ବ୍ୟାପକ ସ୍ତରରେ ନିଯୁକ୍ତି ପ୍ରଦାନ କରିପାରିବ ଏବଂ ବିଶ୍ୱ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବ । ଏଥିପାଇଁ ସୁଦୃଢ଼ ସରକାରୀ ଭିତ୍ତିଭୂମି ସହିତ ଘରୋଇ ପୁଞ୍ଜିର ସକ୍ରିୟ ଅଂଶଗ୍ରହଣ ନିହାତି ଆବଶ୍ୟକ । ଉତ୍ପାଦନଶୀଳତା ବୃଦ୍ଧି, ଶ୍ରମିକମାନଙ୍କର ଦକ୍ଷତା ବିକାଶ ଏବଂ ଉପଯୁକ୍ତ ଶିଳ୍ପ ନୀତିର ସଠିକ୍ କାର୍ଯ୍ୟକାରିତା ମାଧ୍ୟମରେ ହିଁ ନିଯୁକ୍ତି ସଙ୍କଟର ସମାଧାନ କରାଯାଇପାରିବ । କେବଳ ଉଚ୍ଚ ଉତ୍ପାଦନଶୀଳ ନିଯୁକ୍ତି ସୃଷ୍ଟି କରିବା ମାଧ୍ୟମରେ ହିଁ ଭାରତ ବ୍ୟାପକ ସମୃଦ୍ଧି ହାସଲ କରିପାରିବ ଏବଂ ଏହାର ବିଶାଳ ଯୁବଗୋଷ୍ଠୀର ପ୍ରକୃତ ସାମର୍ଥ୍ୟକୁ ବିକାଶ ପ୍ରକ୍ରିୟାରେ ବିନିଯୋଗ କରିପାରିବ । ଏହି ଆହ୍ୱାନଗୁଡ଼ିକର ସଠିକ୍ ମୁକାବିଲା କରାଗଲେ ହିଁ ଭାରତ ଆଗାମୀ ଦିନରେ ଏକ ଉଚ୍ଚ-ମଧ୍ୟମ ଆୟକାରୀ ରାଷ୍ଟ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିବ ।

ଧ୍ୱନିର ଆଦ୍ୟ ସ୍ପନ୍ଦନ, ବ୍ରହ୍ମାଣ୍ଡୀୟ ସୃଷ୍ଟି ଓ 'ଓଁକାର' ତତ୍ତ୍ୱ



(ଇଂ) ବିଜୟ ମିଶ୍ର

କଥିତ ଓ ଲିଖିତ ଭାଷାର ଉତ୍ପତ୍ତି ତଥା ତାକୁ ଅକ୍ଷର ରୂପ ଦେଇ ନିଜ ମନର ଭାବ ବ୍ୟକ୍ତ କରିବାର ପ୍ରୟାସ ମାନବ ସମାଜରେ କେଉଁ କାଳରୁ ଆରମ୍ଭ ହୋଇଥିଲା, ତାହା ସର୍ବଦା ଏକ ଗବେଷଣା ତଥା ତାତ୍ତ୍ୱିକ ଆଲୋଚନାର ବିଷୟ ହୋଇରହିଛି । କିନ୍ତୁ ଏହା ନିରାଟ ସତ୍ୟ ଯେ କଥିତ ଭାଷା ବିଭିନ୍ନ ଧ୍ୱନିର ଏକ ସୁସଙ୍ଗଠିତ ସମ୍ମିଶ୍ରଣ । ଧ୍ୱନିର ସୃଷ୍ଟି ଏହି ଭୌତିକ ବ୍ରହ୍ମାଣ୍ଡ ତଥା ମାନବ ସମାଜର ଉତ୍ପତ୍ତିଠାରୁ ବହୁ ପୁରାତନ । ବେଦ, ଉପନିଷଦ ଓ ଶ୍ରୀମଦ୍‌ଭଗବଦ୍‌ଗୀତା ଆଦି ଭାରତୀୟ ଶାସ୍ତ୍ର ଅନୁଯାୟୀ, ସମଗ୍ର ବ୍ରହ୍ମାଣ୍ଡ ମୂଳତଃ 'ଓଁକାର' ଧ୍ୱନିରୁ ହିଁ ପ୍ରଥମେ ସୃଷ୍ଟି ହୋଇଥିଲା ।

ଋଗ୍‌ବେଦର ହିରଣ୍ୟଗର୍ଭ ସୂକ୍ତ ଅନୁସାରେ, ସୃଷ୍ଟିର ପ୍ରାରମ୍ଭରେ ଏକ ତେଜୋମୟ ତଥା ସ୍ୱର୍ଣ୍ଣିମ ଅଣ୍ଡାକୃତି ପିଣ୍ଡର ମହାବିସ୍ଫୋରଣରୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ, ସ୍ୱର୍ଗ ଓ ମର୍ତ୍ତ୍ୟଲୋକର ଆବିର୍ଭାବ ଘଟିଥିଲା। ବିଂଶ ଶତାବ୍ଦୀର ଆଧୁନିକ ପଦାର୍ଥ ବିଜ୍ଞାନ ମଧ୍ୟ ୧୯୩୧ ମସିହାରେ ପ୍ରତିପାଦିତ 'ବିଗ୍ ବ୍ୟାଙ୍ଗ୍' (**Big Bang**) ସିଦ୍ଧାନ୍ତ ମାଧ୍ୟମରେ ଦର୍ଶାଏ ଯେ, ଏକ ଅତ୍ୟନ୍ତ ସାନ୍ଦ୍ର ତଥା ଜ୍ୱଳନ୍ତ ଆଦିମ ପିଣ୍ଡର ମହାବିସ୍ଫୋରଣ ଯୋଗୁଁ ସମସ୍ତ ପଦାର୍ଥ ଚତୁର୍ଦ୍ଦିଗକୁ ବିଚ୍ଛୁରିତ ହୋଇଥିଲା । କାଳକ୍ରମେ ସେହି ଜ୍ୱଳନ୍ତ ପିଣ୍ଡଗୁଡ଼ିକ ଶୀତଳ ଓ କଠିନ ହୋଇ ମହାକାଶରେ ବିଭିନ୍ନ ଗ୍ରହ, ଉପଗ୍ରହ ଓ ନକ୍ଷତ୍ର ମଣ୍ଡଳୀରେ ପରିଣତ ହେଲେ। ଏହି ଅଗଣିତ ଜ୍ୟୋତିଷ୍କମାନଙ୍କ ମଧ୍ୟରେ ପୃଥିବୀ ଏକ ଅନୁକୂଳ ପରିବେଶ ପାଇବାରୁ ଏଠାରେ ପ୍ରାଣୀଜଗତ ତଥା ମାନବ ସଭ୍ୟତାର ଆବିର୍ଭାବ ସମ୍ଭବ ହୋଇପାରିଲା ।

ବିଗ୍ ବ୍ୟାଙ୍ଗ୍ କାଳର ଧ୍ୱନିକୁ ନେଇ ଆଧୁନିକ ପଦାର୍ଥ ବିଜ୍ଞାନ ଏକ ଆଶ୍ଚର୍ଯ୍ୟଜନକ ସତ୍ୟ ଉନ୍ମୋଚନ କରିଛି। ୨୦୦୧ ମସିହାରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନୀ ପ୍ରଫେସର ଜନ୍ କ୍ରାମର୍ ଆନାଲଗ୍ ସାଇନ୍ସ ଫିକ୍ସନ୍ ଆଣ୍ଡ ଫ୍ୟାକ୍ଟ (**Analog Science Fiction & Fact**) ପତ୍ରିକାରେ ଏକ ବିଜ୍ଞାନ-ଭିତ୍ତିକ ସ୍ତମ୍ଭ ଲେଖିଥିଲେ । ଏଥିରେ ସେ ମହାବିସ୍ଫୋରଣ (ବିଗ ବ୍ୟାଙ୍ଗ)ର ସମ୍ଭାବ୍ୟ ଧ୍ୱନି ବର୍ଣ୍ଣନା କରିଥିଲେ । ପରବର୍ତ୍ତୀ ସମୟରେ ୨୦୧୩ ମସିହାରେ ସେ ଉପଗ୍ରହ ମାଧ୍ୟମରେ ମହାକାଶରୁ ସଂଗୃହୀତ ଅଣୁତରଙ୍ଗ ବା 'କସ୍‌ମିକ୍ ମାଇକ୍ରୋୱେଭ୍ ବ୍ୟାକ୍‌ଗ୍ରାଉଣ୍ଡ ରେଡିଏସନ୍'କୁ ଗାଣିତିକ ପ୍ରକ୍ରିୟାରେ ବହୁଗୁଣିତ କରି କମ୍ପ୍ୟୁଟର ସହାୟତାରେ ଏକ ଶ୍ରାବ୍ୟ ଧ୍ୱନି-ନମୁନା ପ୍ରସ୍ତୁତ କରିଥିଲେ । ସେ ଦର୍ଶାଇଥିଲେ ଯେ, ସୃଷ୍ଟିର ଆଦ୍ୟକାଳରେ ଏକ ଗମ୍ଭୀର ଧ୍ୱନି ଉତ୍ପନ୍ନ ହୋଇଥିଲା, ଯାହାର ମାତ୍ରା ଉଚ୍ଚ ସ୍ୱରରୁ କ୍ରମଶଃ କ୍ଷୀଣ ହୋଇ ଏକ ଅନନ୍ତ ଅନୁରଣନରେ ପରିଣତ ହୋଇଥିଲା। ବିଜ୍ଞାନର ଏହି ପ୍ରାମାଣିକ ତଥ୍ୟ ଏବଂ ଭାରତୀୟ ଶାସ୍ତ୍ରୋକ୍ତ 'ଓଁକାର' ର ଆଦିମ ଧ୍ୱନି-ତତ୍ତ୍ୱ ମଧ୍ୟରେ ଥିବା ସାମଞ୍ଜସ୍ୟ ବାସ୍ତବରେ ଅତ୍ୟନ୍ତ ବିସ୍ମୟକର।

ଧ୍ୱନି କେବଳ ବାହ୍ୟ ପ୍ରକୃତି ମଧ୍ୟରେ ସୀମିତ ନୁହେଁ; ଏହାର ସିଧାସଳଖ ସମ୍ପର୍କ ମଣିଷର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସହିତ ଜଡ଼ିତ । ଭାରତୀୟ ପରମ୍ପରାରେ 'ନାଦ ଯୋଗ' ମାଧ୍ୟମରେ ବିଭିନ୍ନ ବ୍ୟାଧିର ଉପଶମ କରାଯାଉଥିଲା । ଆୟୁର୍ବେଦ ପଦ୍ଧତିରେ, ବିଶେଷକରି ମହର୍ଷି ଚରକଙ୍କ 'ଚରକ ସଂହିତା'ରେ 'ଦୈବବ୍ୟପାଶ୍ରୟ ଚିକିତ୍ସା'ର ଉଲ୍ଲେଖ ରହିଛି, ଯେଉଁଥିରେ ବିଭିନ୍ନ ବୈଦିକ ମନ୍ତ୍ରର ଧ୍ୱନି ପ୍ରୟୋଗ କରି ରୋଗ ନିରାକରଣ କରାଯାଉଥିଲା । ଉପଯୁକ୍ତ ମନ୍ତ୍ରୋଚ୍ଚାରଣ ଦ୍ୱାରା ଶରୀରର ସୂକ୍ଷ୍ମ ସ୍ନାୟୁତନ୍ତ୍ରୀ ଉଜ୍ଜୀବିତ ହୁଏ ।

ସେହିପରି ପ୍ରକୃତିର ସୁମଧୁର ଧ୍ୱନି—ଝରଣାର କୁଳୁକୁଳୁ ନାଦ, ବର୍ଷାର ରିମଝିମ ସ୍ୱର, ସାଗର ଢେଉର ଗର୍ଜନ କିମ୍ବା ପକ୍ଷୀଙ୍କ କାକଳି—ମନକୁ ଅବସାଦମୁକ୍ତ କରି ଶାନ୍ତି ପ୍ରଦାନ କରିଥାଏ । ଠିକ୍ ସେହିପରି ଅନ୍ୟାନ୍ୟ ଶବ୍ଦ ମଧ୍ୟ ମନୁଷ୍ୟ ହୃଦୟରେ ଭୟ, ଉଦ୍‌ବେଗ, ଉତ୍ସାହ କିମ୍ବା କରୁଣା ପରି ବିଭିନ୍ନ ଭାବର ସଞ୍ଚାର କରିଥାଏ ।

ପ୍ରାଚୀନ ଭାରତୀୟ ଶାସ୍ତ୍ର ଏବଂ ଅଷ୍ଟାଙ୍ଗ ଯୋଗ ସାଧନାରେ 'ଓଁକାର' ମନ୍ତ୍ରକୁ ସର୍ବୋତ୍ତମ ଶବ୍ଦ ବୋଲି ସ୍ୱୀକାର କରାଯାଇଛି । ବୈଦିକ ଗ୍ରନ୍ଥରେ 'ଓଁକାର'କୁ 'ଅନାହତ ନାଦ' କୁହାଯାଏ, ଯାହା କୌଣସି ଦୁଇଟି ବସ୍ତୁର ପରସ୍ପର ସଂଘର୍ଷ ବିନା ଅନ୍ତରୀକ୍ଷରେ ନିରନ୍ତର ଗୁଞ୍ଜରିତ ହେଉଛି । ଏହି ପବିତ୍ର ଧ୍ୱନି 'ଅ', 'ଉ' ଏବଂ 'ମ'—ଏହି ତିନୋଟି ଅକ୍ଷରର ସମାହାର । 'ଓଁକାର'ର ସଠିକ୍ ଉଚ୍ଚାରଣ ବିଧି ଅନୁଯାୟୀ, 'ଅ' ଧ୍ୱନି ଉନ୍ମୁକ୍ତ ମୁଖରେ ନାଭିଦେଶ ଓ ହୃଦୟରୁ ସୃଷ୍ଟି ହୁଏ; 'ଉ' ଧ୍ୱନି ମୁଖର ମଧ୍ୟଭାଗ ତଥା କଣ୍ଠ ଓ ତାଳୁ ଦେଇ ପ୍ରବାହିତ ହୁଏ; ଏବଂ ଶେଷରେ ଦୁଇ ଓଠ ବନ୍ଦ କରି 'ମ' ଧ୍ୱନିର ଅନୁନାସିକ ଗୁଞ୍ଜରଣ ସହିତ ଏହା ସମାପ୍ତ ହୁଏ । ଏଥିରେ 'ଅ' ଧ୍ୱନିର ଅବଧି ସଂକ୍ଷିପ୍ତ, 'ଉ' ଧ୍ୱନିର ଅବଧି ମଧ୍ୟମ ଏବଂ 'ମ' ଧ୍ୱନିର ଉଚ୍ଚାରଣ ସବୁଠାରୁ ଦୀର୍ଘ ହୋଇଥାଏ । ଏହି ତିନି ଅକ୍ଷର କ୍ରମଶଃ ସୃଷ୍ଟି, ସ୍ଥିତି ଓ ପ୍ରଳୟ ତଥା ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ଅବସ୍ଥାର ପ୍ରତୀକ। ଶ୍ରୀମଦ୍‌ଭଗବଦ୍‌ଗୀତାର ସପ୍ତମ ଅଧ୍ୟାୟର ଅଷ୍ଟମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ନିଜକୁ ଏହି ଆଦ୍ୟଧ୍ୱନି 'ଓଁକାର' ସହିତ ଅଭିନ୍ନ ବୋଲି ଘୋଷଣା କରି କହିଛନ୍ତି— ରସ ଅହମ୍ ଅପ୍‌ସୁ କୌନ୍ତେୟ

ପ୍ରଭା ଅସ୍ମି ଶଶି ସୂର୍ଯ୍ୟୟୋଃ ।
ପ୍ରଣବଃ ସର୍ବବେଦେଷୁ
ଶବ୍ଦଃ ଖେ ପୌରୁଷଂ ନୃଷୁ (୭୮)

ଅର୍ଥାତ୍: 'ହେ କୌନ୍ତେୟ! ମୁଁ ଜଳ ମଧ୍ୟରେ ରସ (ସ୍ୱାଦ), ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ମଧ୍ୟରେ ପ୍ରଭା (ପ୍ରକାଶ), ସମସ୍ତ ବେଦରେ ପ୍ରଣବ (ଓଁକାର), ଆକାଶରେ ଶବ୍ଦ ଏବଂ ମାନବ ମଧ୍ୟରେ ପୌରୁଷ (ସାମର୍ଥ୍ୟ) ଅଟେ।'

ପୁନଶ୍ଚ ଶ୍ରୀମଦ୍‌ଭଗବଦ୍‌ଗୀତାର ନବମ ଅଧ୍ୟାୟ, ଶ୍ଳୋକ ସତରରେ ମଧ୍ୟ ପ୍ରଭୁ ଶ୍ରୀକୃଷ୍ଣ କହିଛନ୍ତି —

ପିତା ଅହମ୍ ଅସ୍ୟ ଜଗତୋ
ମାତା ଧାତା ପିତାମହଃ।
ବେଦ୍ୟଂ ପବିତ୍ରମ ଓଁକାରଃ
ଋକ୍‌ସାମ ଯଜୁରେବ ଚ (୯/୧୭)

ଏହି ସମଗ୍ର ବିଶ୍ୱର ମୁଁ ହିଁ ପିତା, ମୁଁ ହିଁ ମାତା, ମୁଁ ହିଁ ପାଳନ କର୍ତ୍ତା ଏବଂ ପିତାମହ ଅଟେ। ମୁଁ ଶୁଦ୍ଧକାରୀ, ମୁଁ ସମସ୍ତ ଜ୍ଞାନର ଲକ୍ଷ୍ୟ ଏବଂ ପବିତ୍ର 'ଓଁକାର' ଧ୍ୱନି ଅଟେ । ମୁଁ ହିଁ ଋକ୍‌ବେଦ, ଶାମ ବେଦ ଓ ଯଜୁର୍ବେଦ ଅଟେ ।

ମାଣ୍ଡୁକ୍ୟ ଉପନିଷଦରେ ମଧ୍ୟ 'ଓଁକାର'ର ମହିମା ପ୍ରତିପାଦନ କରି କୁହାଯାଇଛି—

'ଓମିତ୍ୟେତଦକ୍ଷରମିଦଂ ସର୍ବଂ ତସ୍ୟୋପବ୍ୟାଖ୍ୟାନଂ
ଭୂତଂ ଭବଦ୍ ଭବିଷ୍ୟତ୍ ଇତି
ସର୍ବମ୍ ଓଁକାର ଏବ?

ଅର୍ଥାତ୍: ଏହି 'ଓଁ' ଅବିନାଶୀ ଅକ୍ଷର ହିଁ ସମଗ୍ର ସୃଷ୍ଟି । ଏହି ସମଗ୍ର ଦୃଶ୍ୟମାନ ଜଗତ ତାହାର ହିଁ ବିସ୍ତାର ଓ ବ୍ୟାଖ୍ୟା । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ—ଏହି ତ୍ରିକାଳରେ ଯାହା କିଛି ବିଦ୍ୟମାନ ଏବଂ କାଳର ପରିଧି ବାହାରେ ମଧ୍ୟ ଯାହା କିଛି ରହିଛି, ସବୁକିଛି ବାସ୍ତବରେ ଓଁକାର ମଧ୍ୟରେ ହିଁ ସମାହିତ । ମହର୍ଷି ପତଞ୍ଜଳିଙ୍କ ଯୋଗସୂତ୍ରରେ ମଧ୍ୟ ଉଲ୍ଲେଖ ରହିଛି—

'ତସ୍ୟ ବାଚକଃ ପ୍ରଣବଃ' (୧/୨୭)

ଅର୍ଥାତ୍, ସେହି ପରମଚେତନା ବା ଈଶ୍ୱରଙ୍କର ବାଚକ (ନାମ ଓ ସ୍ୱରୂପ) ହେଉଛି ପ୍ରଣବ ବା 'ଓଁକାର'।


ଆଧୁନିକ ଧ୍ୱନି-ଚିକିତ୍ସା ବିଜ୍ଞାନ ଅନୁସାରେ, 'ଓଁକାର' ଜପରୁ ଉତ୍ପନ୍ନ ପ୍ରାୟ ୪୩୨ ହର୍ଜ୍‌ଜ୍ (**Hz**) କମ୍ପନ ମସ୍ତିଷ୍କ ତରଙ୍ଗକୁ ଶାନ୍ତ କରି 'ପାରାସିମ୍ପାଥେଟିକ୍ ସ୍ନାୟୁ ପ୍ରଣାଳୀ'କୁ ସକ୍ରିୟ କରେ; ଯାହା ରକ୍ତଚାପ ନିୟନ୍ତ୍ରଣ କରିବା ସହ ମାନସିକ ଉଦ୍‌ବେଗ ଦୂର କରି ଶରୀର, ମନ ଓ ଚେତନାକୁ ସନ୍ତୁଳିତ କରିବାରେ ସାହାଯ୍ୟ କରିଥାଏ । ମାନସିକ ଚାପ ଓ ଅବସାଦ ନିୟନ୍ତ୍ରଣ କ୍ଷେତ୍ରରେ 'ଓଁକାର' ଜପର ପ୍ରଭାବ ବେଶ୍ ଚମତ୍କାର । 'ନ୍ୟାସନାଲ ସେଣ୍ଟର ଫର୍ ବାୟୋଟେକ୍ନୋଲୋଜି ଇନ୍‌ଫର୍ମେସନ୍' (**NCBI**)ର ଅଧ୍ୟୟନ ଅନୁଯାୟୀ, ଦୈନିକ ମାତ୍ର ପାଞ୍ଚ ମିନିଟ୍ ଓଁକାର ମନ୍ତ୍ର ଜପ ମାନସିକ ଚାପ ସ୍ତରକୁ ଯଥେଷ୍ଟ କମ୍ କରିପାରେ ତଥା ଚିତ୍ତକୁ ସ୍ଥିର କରି ଅବସାଦ ଲାଘବ କରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (**WHO**) ମଧ୍ୟ ମାନସିକ ସ୍ୱାସ୍ଥ୍ୟର ସୁରକ୍ଷାକୁ ମାନବ କଲ୍ୟାଣର ପ୍ରମୁଖ ଆଧାର ଭାବେ ଗୁରୁତ୍ୱ ଦେଇଛି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ପ୍ରାଚୀନ ଭାରତୀୟ ଋଷିମାନେ ଯେଉଁ ନାଦତତ୍ତ୍ୱକୁ ଗଭୀର ଧ୍ୟାନରେ ପ୍ରତ୍ୟକ୍ଷ କରିଥିଲେ, ଆଜିର ପଦାର୍ଥ ବିଜ୍ଞାନ ଓ ନ୍ୟୁରୋସାଇନ୍ସ କ୍ରମଶଃ ସେହି ନିରାଟ ସତ୍ୟକୁ ହିଁ ପ୍ରତିପାଦନ କରୁଛି ।

+କମାପଲ୍ଲୀ-ଗୋଇଲୁଣ୍ଡି ରୋଡ଼
ପୋଷ୍ଟ : ବ୍ରହ୍ମପୁର
ଗଞ୍ଜାମ, (ଓଡ଼ିଶା)
ପିନ - ୭୬୦୦୦୪
ମୋ:୯୪୩୯୯୭୯୯୬୬

ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜା: ଓଡ଼ିଶାର ଏକ ଗଣପର୍ବ



ଡ଼ଃ କାଳିକିଙ୍କର



ସ୍ୱାଧୀନତା ପୂର୍ବ ଭାରତ ବର୍ଷରେ ଯେତେବେଳେ ଢେଙ୍କାନାଳ ଇଂରେଜ ଶାସନ ଓ ଗଡ଼ଜାତ ରାଜାଙ୍କ ଶାସନ ଅଧୀନରେ ଥିଲା ଓ ପ୍ରଥମ ବିଶ୍ୱଯୁଦ୍ଧର ଭୟାବହତାରେ ସାରା ବିଶ୍ୱ ଆନ୍ଦୋଳିତ ଥିଲା ସେତେବେଳେ ୧୯୨୨/୨୩ ମସିହାବେଳେ ଢେଙ୍କାନାଳର ପଞ୍ଜାସାହି ନାମକ ଏକ ପଲ୍ଲୀରେ ବ୍ରଜ କିଶୋର ପଟ୍ଟନାୟକ କିଛି ଯୁବକଙ୍କୁ ନେଇ ମାଆ କମଳବିଳାସିନୀଙ୍କର ପୂଜା ଆରମ୍ଭ କଲେ। ବର୍ତ୍ତମାନର ସିଭିଲ କୋର୍ଟ ପଛ ପାଖ ଅର୍ଥାତ ମହାବୀର ହନୁମାନଙ୍କର ମୂର୍ତ୍ତିପାଖ ଅଂଚଳରେ ଏହା ଆରଂଭ ହୋଇଥିଲା ବୋଲି କୁହାଯାଏ। କାଳକ୍ରମେ ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜା ମହାବୀର ଅଞ୍ଚଳରେ ହୋଇଥିଲା ବୋଲି ସ୍ୱୀକାର କରାଯାଏ ।ଗଛର ଡାଳ, ପତ୍ରରେ ତୋରଣ ବନ୍ଧାହେଲା । କଦଳୀ ଗଛରେ ଦେବୀଙ୍କର ମଣ୍ଡପ ସଜା ହେଲା । ଛୋଟ ବଡ଼ ପେଟ୍ରୋମାକ୍ସ ଦ୍ୱାରା ଆଲୋକିତ କରାଗଲା । ମାଆ କମଳବିଳାସିନୀ ଦେବୀ ଗଜଲକ୍ଷ୍ମୀଙ୍କର ଜୟକାରରେ ଖଣ୍ଡମଣ୍ଡଳ କମ୍ପି ଉଠିଲା । କାଳକ୍ରମେ ଏହା ମିନାବଜାର ଓ ଅନ୍ୟ ଅଞ୍ଚଳକୁ ସମ୍ପ୍ରସାରିତ ହେଲା । ପ୍ରଜାମେଳି ଆନ୍ଦୋଳନ ସମୟରେ ଏ ପୂଜା କିଛିବର୍ଷ ବାଧାପ୍ରାପ୍ତ ହୋଇଥିଲେହେଁ ୧୯୪୦ ମସିହାପରେ ଏହା ବ୍ୟାପକ ଭାବରେ ପାଳିତ ହେଲା। ୧୯୪୩ ମସିହାରେ ମିନାବଜାର ଓ ଅନ୍ୟ ପୂଜାମଣ୍ଡପ ସ୍ଥାପିତ ହେଲା ।

ଆଜି ଏହି ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ତାର ଶତାବ୍ଦୀ ସମାରୋହ ପାଳନ କରି ସାରିଛି। ଏବେ ମହାବୀର ବଜାର, ମିନାବଜାର, ଗଣେଶ ବଜାର, ଜେଲଛକ, ବୁଢ଼ାମଣ୍ଡା ସମେତ ସମଗ୍ର ସହରର ବିଭିନ୍ନ ଅଞ୍ଚଳରେ ମାଆ ଗଜଲକ୍ଷ୍ମୀଙ୍କର ଭବ୍ୟ ମୂର୍ତ୍ତି ନିର୍ମାଣ କରି ଆଲୋକରେ ସୁସଜ୍ଜିତ କରି ପୂଜାର୍ଚ୍ଚନା ହେଉଛି । ଏହି ଉତ୍ସବ ଆଶ୍ୱିନ କୁମାର ପୂର୍ଣ୍ଣିମାରୁ ଆରଂଭ ହୋଇ ଏକାଦଶ ଦିବସ ବ୍ୟାପି ପାଳନ କରାଯାଏ । କେବଳ ଢେଙ୍କାନାଳ ସହର ବା ଢେଙ୍କାନାଳ ଜିଲ୍ଲାର ନୁହଁ ଏବେ ଏହି ଉତ୍ସବ ଦେଖିବାପାଇଁ ସାରା ଓଡିଶା ଓ ଓଡିଶା ବାହାରୁ ଲୋକେ ଆସୁଛନ୍ତି । ସାରା ସହର ଆଲୋକମାଳାରେ ଝଲସି ଉଠୁଛି।

ବିଶିଷ୍ଟ କବି ଅନନ୍ତ ପଟ୍ଟନାୟକଙ୍କ ସମେତ ରାଧାମୋହନ ଗଡ଼ନାୟକ ଓ ଏ ଅଞ୍ଚଳର କବିଙ୍କର କଲମରୁ ଝରେ-
ଆଲୋକର ଝରଣା ଛୁଟେ ଢେଙ୍କାନାଳ
ସହରେ

ମା' କଂଳାସିନୀ ବସିଛନ୍ତି
ଆଜି ଗଜ ସାଜି ପ୍ରହରେ
କୋଟି କୋଟି ମନେ
ଜାଗେ ଆନନ୍ଦର ସ୍ପନ୍ଦନ
ଲକ୍ଷ୍ମୀପୂଜା ପାଳେ ଆଜି
ସାରା ରାଜ୍ୟର ଜନ।

ଢେଙ୍କାନାଳର ଏହି ଗଣପର୍ବ ସମ୍ପର୍କରେ ଓଡ଼ିଶାର ବହୁ କବି, ଲେଖକ, ଗବେଷକ, ଚିନ୍ତାନାୟକ ବିଭିନ୍ନ ପ୍ରକାରର ମନ୍ତବ୍ୟ ପ୍ରଦାନ କରିଛନ୍ତି । କିଏ ଏହାକୁ ଉତ୍କଳୀୟ ସଂସ୍କୃତିର ମହାପର୍ବ କହୁଥିଲାବେଳେ କିଏ ଏହାକୁ ଜନ ଜାଗରଣର ପର୍ବ ବୋଲି କହନ୍ତି । ଆମ ଲୋକକଳା, ଲୋକ ସଂସ୍କୃତି ଆଦିକୁ ସମୃଦ୍ଧ କରି ରଖିବା ପାଇଁ ଏହି ଉତ୍ସବ ଜାଗୃତି ସୃଷ୍ଟି କରେ । ଅନେକେ ଏହି ପର୍ବକୁ ସମୃଦ୍ଧି ଓ ସୁଖ ଶାନ୍ତିର ପର୍ବ ବୋଲି କହନ୍ତି । ଏହି ପର୍ବ ଓ ଉତ୍ସବରେ ନିଜକୁ ସାମିଲ କଲେ ଜୀବନରେ ମହାଲକ୍ଷ୍ମୀଙ୍କର କରୁଣା ପ୍ରାପ୍ତି ହୁଏ ଓ ଜୀବନରେ ସମୃଦ୍ଧି ସାଧନ ହୁଏ । ଏହାକୁ ସ୍ନେହ, ମମତା, ପ୍ରେମ, ପ୍ରୀତି, ଶକ୍ତି ସଂପ୍ରୀତିର ପର୍ବ ବୋଲି କୁହାଯାଏ। ଏହି ଅଞ୍ଚଳର ପ୍ରଚଳିତ ଏକ କବିତା ଏଠାରେ ଉଲ୍ଲେଖ କରାଯାଇପାରେ-

ଝିଲିମିଲି ଆଲୋକର ମାଳା
ଢେଙ୍କାନାଳ ସହରରୁ
ଝରେ କାନ୍ତି ଭଳା
ମାଆ କମଳାସିନୀଙ୍କ ପାଦେ
ନୁହେଁ ଏକା ଭକ୍ତି
ଏଠାରେ ମିଳିତ ହୁଏ ସ୍ନେହ,
ପ୍ରୀତି ଶକ୍ତି।

ଅନେକ ତଥ୍ୟରୁ ଅନୁମାନ କରାଯାଏ ଯେ ମାଆ କମଳାସିନୀଙ୍କ ପୂଜା ପ୍ରଥମେ କରଣ ବା କାୟସ୍ଥମାନେ ତାଙ୍କ ଘରେ ବା ସାହିରେ କରୁଥିଲେ । ମାଟି, ପତ୍ର, ପୁଷ୍ପ ଆଦି ଶବରମାନେ ପାଣି ଓହଳା ପାହାଡ଼ର ଝରଣା ଓ ଜଙ୍ଗଲରୁ ସଂଗ୍ରହ କରି ଦେଉଥିଲେ । ପରେ ଏହା ରାଜାଙ୍କର ବା ରାଜପରିବାରର ସାହଚର୍ଯ୍ୟ ଲାଭ କଲା। ତେବେ ଢେଙ୍କାନାଳର ସମୃଦ୍ଧି କାମନା କରି ଏ ସହରର ବ୍ୟବସାୟୀ ମାନେ ମାଆ ଲକ୍ଷ୍ମୀଙ୍କର ପୂଜା ଆଡମ୍ବରର ସହ ଆରମ୍ଭ କରିଥିଲେ ବୋଲି ବିଚାର କରାଯାଏ ।

ଢେଙ୍କାନାଳର ଏହି ମହାଲକ୍ଷ୍ମୀ ପୂଜାର ଗଣପର୍ବକୁ କଟକର ପ୍ରସିଦ୍ଧ ବାଲିଯାତ୍ରା, ବରଗଡ଼ର ଧନୁଯାତ୍ରା, ବାଲେଶ୍ୱରର ଜଉକଣ୍ଢେଇ ମେଳା ସହ ତୁଳନା କରାଯାଇପାରେ । ଦୀର୍ଘ ଦୁଇ ସପ୍ତାହ ଧରି ଢେଙ୍କାନାଳ ଉତ୍ସବମୁଖର ହୋଇ ରହିଥାଏ । ରାସ୍ତାର ଦୁଇକଡ଼ରେ ହଜାର ହଜାର ଦୋକାନର ମେଳା ଲାଗିଥାଏ। ବିଭିନ୍ନ ପୂଜାମଣ୍ଡପରେ ଓଡିଶା ଓ ଓଡିଶା ବାହାରୁ ଆସିଥିବା ସାଂସ୍କୃତିକ ଦଳ ଉପସ୍ଥିତ ଦର୍ଶକଙ୍କର ମନ ମୋହି ନିଅନ୍ତି । କେଉଁଠି ଦେବୀ ରୂପାରେ ଝଲମଲ ହେଉ ଥାଆନ୍ତି ତ କେଉଁଠି ଦେବୀ ସୁନା ଓ ଅନ୍ୟ ଆଭୂଷଣରେ ଝଲସି ଉଠନ୍ତି । ଗଣେଶ ବଜାର, କୈବଲ୍ୟ ବଜାର, ମହାବୀର ବଜାର, ଜେଲଖାନା ଛକ, ମିନା ବଜାର ଆଦିରେ ଦେବୀ ମହଣ ମହଣ ଅଳଙ୍କାର ପରିଧାନ କରିଥାନ୍ତି। ଛୋଟରୁ ବଡ଼ ପ୍ରାୟ ପ୍ରତ୍ୟେକ ବେପାରୀ ଏହି ସମୟରେ ଭଲ ଆୟ ଉପାର୍ଜନ କରନ୍ତି। ରାଜ୍ୟ ଓ ରାଜ୍ୟବାହାରୁ ଶିଳ୍ପୀ, କାରିଗର ଓ କଳାକାରମାନେ ଦୀର୍ଘଦିନ ଲାଗି ମୃଣ୍ମୟୀ ମୂର୍ତ୍ତି, ମଣ୍ଡପ, ତୋରଣ, ଆଲୋକ ସଜ୍ଜା ଆଦି କରନ୍ତି । ବିଶାଳ ବାଣିଜ୍ୟମେଳା ମଧ୍ୟ ଲାଗେ । କଲିକତା, କଟକ ଆଦିର ଦୁର୍ଗାପୂଜା, ଭଦ୍ରଖର କାଳୀପୂଜା, ଚନ୍ଦନେଶ୍ୱରର ଚଡକ ମେଳା, ଶ୍ରୀକ୍ଷେତ୍ର ପୁରୀର ରଥଯାତ୍ରା ସହ ମଧ୍ୟ ଏହାକୁ ଅନେକେ ତୁଳନା କରନ୍ତି । ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜା ଗଣପର୍ବ ଉତ୍କଳୀୟ ସାଂସ୍କୃତିକ ଚେତନାର ଏକ ସମୁଜ୍ଜଳ ନିଦର୍ଶନ କହିଲେ ଭୁଲ ହେବ ନାହିଁ ।

+ଯୋଗାଯୋଗ- ସୌଭାଗିନୀ
ନିବାସ, ରଟିଲୋ, ରେଞ୍ଚ,
ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭

କବିତା କୋଣାର୍କ

ବିଡମ୍ବନା

ଡିସମ୍ବର ମେହେର

ଆଖି ଖୋଲି,
ଖୋଜି ବୁଲୁଛି
ମଣିଷପଣିଆକୁ
ଦରଦ
ବୁଝିଲାବାଲା ଆପଣାକୁ,
କଥା କଥାରେ ମନକିଣି
ହୃଦୟ ଜିତୁଥିବା
କୁହାମୁଣ୍ଡା କପିଲାକୁ ।।

ଅଣ୍ଡାଳି ହେଉଛି
ଦୁନିଆଁ ଭିତରେ
ସାହାରା ଦେଲାବାଲା କିଏ
ହାତ ବଢ଼େଇବ ବୋଲି,
ଛିଡା ହେଇଛି ବୟସର ଅପରାହ୍ନରେ
ଅର୍ଣ୍ଣବ ଦଲିଚକଟି
ଦୋହାଇ ଦେଉଛି ଏ କ୍ଷିଣ ଦେହକୁ
କିନ୍ତୁ ଏ ଛାତି
କେତେ ମୁକାବିଲା କରିଛି,
ଫାଇଲିନ, ହୁଡହୁଡ, ମହାବାତ୍ୟାକୁ ।

ଏଇତ ଭାଗ୍ୟର ଖେଳ
ବୁଢା ବରଗଛ ଭଳି
ଶାଖା ପ୍ରଶାଖ ମେଲି କେତେ
ଖୁସି ବାଣ୍ଟୁଥିଲି
ମୋ ଘର ପିଣ୍ଡାରେ ଗାଁପିଲେ
ସଭିଁଏ ଖେଳରେ ମାତିଥିଲେ,
ସକାଳୁ ସଂଜ ଯାଏଁ
ଆଜି ସେ ଥୁଣ୍ଟା, ମୁଁ ନିରାଶ୍ରୟ ।


ଦିଅଁ ଦେବତା ଠାକୁରାଣୀ
ସଭିଁଙ୍କୁ ଗୁହାରି କରେ
ଫେରେଇ ଦେବୁ କି
ମୋର୍ ସେ ମଲା ପୋ କେ
ଫେରେଇ ଦେବୁ କି
ମୋର୍ ସେ ମନର ହାରିକେ,
ମୋର ଜମିନ୍, ଜୀବନ୍,
ମୋର୍ ଘର୍ କୁରିଆକେ ।

ଚିତ୍କାର କରି ରଡେ
ଏ କି ବିଡମ୍ବନାରେ ଦଇବ
ଦିନେ ଏ ହାତରେ ହାତ ଧରିଥିଲି
ସେ ହାତରେ ନିଆଁ ଦେଲି
ଦିନେ ଏ ହାତରେ ବାଟ ଚଲେଇଥିଲି
ସେ ହାତରେ ପିଣ୍ଡ ଦେଲି
କେମିତି ସହିବ ଏ ଛାତି
ବୋହି ଯାଉଛି ହୃଦୟ ଭିତରୁ
ଛାତି ଚିରି
ଧାର ଧାର ରୁଧିର
ଓଃ କି କଷ୍ଟ!
କି ଭୁଲର ଏ ପ୍ରାୟଶ୍ଚିତ
କହି ଦିଅ ହେ, ଦଇବ
କହି ଦିଅ ହେ, ଦଇବ ।।

+ଗଣ୍ଡାବାହାଲି,ନୂଆପଡା

ନିଶାର୍ଦ୍ଧରେ ନିଦ ଭାଙ୍ଗେ

ନୀଳମଣି ଚାନ୍ଦ



ନିଶାର୍ଦ୍ଧରେ ଯେବେ ନିଦ ଭାଙ୍ଗିଯାଏ
ଉଠେ ମୁଁ ସହସା ଚେଇଁ
ନୟନରେ ନାଚେ ପ୍ରିୟା ତୁମ ଛବି
ଜାଣେନା ମୁଁ କାହିଁ ପାଇଁ ।

ମୁଁ ପାରେନି ଶୋଇ ମନେ ମନେ ଭାବେ
ତୁମେ ନିଷ୍ଚେ ଶୋଇଥିବ
ତୁମ ସପନରେ ଯଦି ମୁହିଁ ଆସେ
ପରମ ସୌଭାଗ୍ୟ ହେବ।

ତମସା ଆଗରେ ତୁମେ କହିଦେବ
ମନ କଥା ସବୁ ଖୋଲି
କେହି ନ ଜାଣିଲେ ସିଏ ଏକା ଜାଣୁ
ତୁମେ ମୋ'ର ପ୍ରିୟ ବୋଲି ।

ଜାଣେନା କାହିଁକି ଶୟନେ ସପନେ
ତୁମେ ଏତେ ମନେ ପଡ଼
ମୋ ପାଇଁ ତ ନିତି ସାମ୍ନା କରୁଛ
କେତେ କଷ୍ଟ ଦୁଃଖ ଝଡ଼
ନିଶି ଆସୁଥାଉ ତୁମେ ଶୋଇଯାଅ
ନ ପାରେ ମୁଁ ପଛେ ଶୋଇ
ଏତିକି କହିବି ତୁମେ ଏକା ମୋ'ର
ଜୀବନେ ତୁମକୁ ପାଇ ।

ମନ୍ତ ମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭



ସଂଗୀତ ନିର୍ଦ୍ଦେଶକ-ବିକାଶ ଦାସ

ସଂପ୍ରତି ଓଡିଆ ଚଳଚ୍ଚିତ୍ର ଜଗତରେ ଯେଉଁ କେତେ ଜଣ ସଂଗୀତ ନିର୍ଦ୍ଦେଶକ ଅଛନ୍ତି ସେମାନଙ୍କ ମଧ୍ୟରୁ ବିକାଶ ଦାସ ଅନ୍ୟତମ। ସଂଗୀତରେ ବିଧିବଦ୍ଧ ଭାବେ ଶିକ୍ଷା ପାଇବା ପରେ ସେ ପ୍ରଥମେ ହର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଭାଗ୍ୟ ହାତେ ଡୋରୀ ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ଦେଇ ଓଡିଆ ଚଳଚ୍ଚିତ୍ର ଜଗତରେ ପାଦ ଦେଇଥିଲେ। କିନ୍ତୁ ସେ ଲୋକଲୋଚନକୁ ଆସନ୍ତି ସୀତାରାମ ଅଗ୍ରୱାଲଙ୍କ ଆକାଶେ କି ରଙ୍ଗ ଲାଗିଲା ଚିତ୍ର ଜରିଆରେ। ସେ ସବୁବେଳେ ଶ୍ରୋତାଙ୍କ ମନକୁ ଛୁଇଁବା ଭଳି ଗୀତ କରିଥାନ୍ତି। ବର୍ତ୍ତମାନ ସୁଦ୍ଧା ୨୪ଟି ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ଦେଇ ସଫଳତାର ଶିର୍ଷରେ ପହଞ୍ଚି ପାରିଛନ୍ତି। ସେ ମଧ୍ୟ ଜଣେ ଭଲ ଗାୟକ।

ବିକାଶ ଦାସଙ୍କ ପିଲାଟି ଦିନରୁ ସଂଗୀତ ପ୍ରତି ଦୁର୍ବଳତା ଥିଲା। ସେ ତାଙ୍କ ମା'ଙ୍କ ଠାରୁ ପ୍ରେରଣା ପାଉଥିବା ବେଳେ ବାପା ଏସବୁକୁ ପସନ୍ଦ କରୁନଥିଲେ। କାରଣ ବାପା ଥିଲେ ଓ.ଏ.ଏସ୍ ଅଫିସର। ତେଣୁ ସେ ଚାହୁଁଥିଲେ ପୁଅ ଜଣେ ଆଇ.ଏ.ଏସ୍ ଅଫିସର ହେଉ ବୋଲି। ସେ ଛୋଟ ଥିବା ବେଳେ ତାଙ୍କ ବାପା ଭଉଣୀକୁ ଗୀତ ଶିଖାଇବା ପାଇଁ ସଂଗୀତ ଗୁରୁ ରାମ ଚନ୍ଦ୍ର ସାହୁଙ୍କୁ ଘରକୁ ଆଣିଲେ। ସଂଗୀତ ଗୁରୁ ତାଙ୍କ ଭଉଣୀକୁ ଗୋଟିଏ ଗୀତକୁ ପ୍ରାୟ ସାତ ଦିନ ଶିଖାଇବା ପରେ ବି ସେ ଗାଇ ପାରୁନଥିଲେ,



କିନ୍ତୁ ବିକାଶ ଦାସ ସେପାଖରେ ବସି ଶୁଣି ଶୁଣି ଗୀତଟିକୁ ଗାଇଦେଇଥିଲେ। ଗୀତଟି ଥିଲା ବନ ମୟୁରୀ ଭୁଲନା.....। ସେଦିନଠୁ ସେ ବିକାଶଙ୍କୁ ଗୀତ ଶିଖାଇଲେ। ଏହା ପରେ ସେ ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ଠାରୁ ଶାସ୍ତ୍ରୀୟ ସଂଗୀତ କଳାବିକାଶ କେନ୍ଦ୍ରରେ ଶିକ୍ଷା ଆରମ୍ଭ କରିଥିଲେ। ସେହି ସମୟରେ ଭିକାରୀ ବଳଙ୍କ ଠାରୁ ମଧ୍ୟ କିଛି ଶିକ୍ଷା ପାଇଥିଲେ। କିଛି ଦିନ ପରେ ସେ ବାପଙ୍କୁ ଗୀଟାର କିଣିବାକୁ କହିଲେ। ବାପା ଗୀଟାର କିଣିବା ପରେ ସେ ଡ.ତପନ ରାୟଙ୍କଠାରୁ ଗୀଟାର ଶିଖିଲେ। ସେହି ସମୟରେ ସେ ସେକେଣ୍ଡେରୀ ବୋର୍ଡ ହାଇସ୍କୁଲରୁ ମାଟ୍ରିକ୍ ପାସ କରିବା ପରେ ସେ ଜେ.କେ.ବି.କେ କଲେଜରେ ପଢିଲେ। କିଛି ଦିନ ପରେ ସେ ରେଭେନସା କଲେଜରେ ପଢିଲେ। କଲେଜରେ ପଢିବା ବେଳେ ସେ ବାଲୁବଜାରରେ ଥିବା କେସୋରା ଅର୍କେଷ୍ଟା ଗ୍ରୁପ୍‌ରେ ଗୀଟାର୍ ଶିଖିବା ସହିତ ଗୀତ ମଧ୍ୟ ଶିଖିଲେ। ତାଙ୍କ ବାପା ଏସବୁକୁ ପସନ୍ଦ କରୁନଥିଲେ ସବୁବେଳେ ପାଠ ପଢିବାକୁ କହୁଥିଲେ। ଗୀଟାର ଓ ସଂଗୀତ ନିଶାରେ ଥରେ ବିକାଶ ଦାସ ଘର ଛାଡି କଲିକତା ଚାଲିଗଲେ, ସେଠାରେ ସେ ବହୁ କଷ୍ଟରେ ଚଳି ଗିଟାର ବଜାଇବ ଶିଖିଥିଲେ। ବାପା ତାଙ୍କ ପଛରେ ପୋଲିସ୍ ଲଗାଇଲେ। ପୋଲିସ୍ ଦ୍ୱାରା ସେ ହାୱଡାର ଚିନ୍ତାମଣି ଦେ ରୋଡରୁ ଧରା ପଡିଲେ। ଘରକୁ ଆସିବା ପରେ ବାପା ତାଙ୍କୁ ବହୁ ବୁଝାବୁଝି କରି ଗ୍ରାଜୁଏସନ୍ କାରାଇଲେ। ସେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ଓ କୁଣ୍ଡଳ ଆଦି ନାରାୟଣଙ୍କଠାରୁ ଖିଆଲ ସଂଗୀତ ଶିକ୍ଷା ଗ୍ରହଣ କରିଛନ୍ତି। ଗ୍ରାଜୁଏସନ କରିବା ପରେ ପୁଣି ସେ କଲିକତା ଯାଇ ରବିନ୍ଦ୍ର ଭାରତୀ ୟୁନିଭର୍ସିଟିରେ ପ୍ରାଚୀନ ଶାସ୍ତ୍ରୀୟ ସଂଗୀତ ଧୀପଦ ଧମାର ଶିଖିଲେ। ସେଠାରେ ସେ ପାଞ୍ଚ ବର୍ଷରେ ପିଜି ଶେଷ କରି ୱେଷ୍ଟର୍ଣ୍ଣ ମ୍ୟୁଜିକ ପାଇଁ କଲିକତା ସ୍କୁଲ ଅଫ୍ ମ୍ୟୁଜିକରେ ଯୋଗ ଦିଅନ୍ତି। ସେଠାରେ ସେ ଗୁରୁ ବ୍ୟାଙ୍ଗସ୍ ଓ ପାଲଟନ କିଟୋଙ୍କଠାରୁ ସଂଗୀତ ଶିଖି ୧୯୮୨ ମସିହାରେ ଓଡିଶା ଫେରିଲେ। ସେ ଓଡିଶାର ଜଣେ ଭଲ ଗୀଟାର ବାଦକ ଅଟନ୍ତି।

ବିକାଶ ଦାସ ୧୯୮୨ ମସିହାରେ ଦୂରଦର୍ଶନରେ ଯୋଗ ଦେଇ ସଂଗୀତର ପ୍ରଚାର କ୍ଷେତ୍ରରେ କାମ କରିଛନ୍ତି। ସେ ଅକ୍ଷୟ ମହାନ୍ତିଙ୍କ ସଂଗୀତ ନିର୍ଦ୍ଦେଶିତ ନାଗଫାଶ ଚିତ୍ରରୁ ଅନେକ ଚିତ୍ରରେ ତାଙ୍କ ସହିତ କାମ କରିଛନ୍ତି। ଅକ୍ଷୟ ମହାନ୍ତିଙ୍କ ଠାରୁ ସେ ଓଡିଆ ଗୀତ ସମ୍ପର୍କରେ ବହୁତ କିଛି ଶିଖିଛନ୍ତି। ଏହି ପ୍ରତିଭାବାନ ବ୍ୟକ୍ତିଙ୍କୁ ପ୍ରଥମେ ହର ପଟ୍ଟନାୟକ ଭାଗ୍ୟ ହାତେ ଡୋରି ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ଦେବାକୁ ସୁଯୋଗ ଦିଅନ୍ତି। ଅବଶ୍ୟ ଏହା ପୂର୍ବରୁ ସେ ଠିକଣା ଜବାବ ଚିତ୍ରରେ ଅମରେନ୍ଦ୍ର ମହାନ୍ତିଙ୍କ ସହିତ ମିଶି ସଂଗୀତ ନିର୍ଦ୍ଦେଶନା ଦେଇଥିଲେ, କିନ୍ତୁ ଚିତ୍ରଟି ନିର୍ମାଣ ହୋଇପାରିନଥିଲା। ପ୍ରାୟ ୧୫ ବର୍ଷ ବ୍ୟବଧାନ ପରେ ସେ ସାର୍ଥକ ଫିଲ୍ମସ୍ ଆକାଶେ କି ରଙ୍ଗ ଲାଗିଲା ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ଦେଇ ଓଡିଆ ଚଳଚ୍ଚିତ୍ର ଜଗତକୁ ପ୍ରତ୍ୟାବର୍ତ୍ତନ କରି ଚହଳ ସୃଷ୍ଟି କରିଥିଲେ। ଏହି ଚିତ୍ରର ଗୀତ ଗୁଡିକ ଖୁବ୍ ସ୍ମୃତି ମଧୁର ହୋଇଥିଲା, ଏହି ଗୀତ ଗୁଡିକର ଚାହିଦା ଏବେବି ଅଛି। ଏହା ପରେ ତାଙ୍କ ସଂଗୀତ ନିର୍ଦ୍ଦେଶିତ ଆମ ଭିତରେ କିଛି ଅଛି, କେବେ ତୁମେ ନାହଁ କେବେ ମୁଁ ନାହିଁ, ମୁଁ ଏକା ତୁମର, ଡାଡି, ଗୋଲାପି ଗୋଲାପି, ଲେଖୁ ଲେଖୁ ଦେଲି, ପାଗଳ କରିଛୁ ତୁ, ମୁଁ ତାର କିଏ, ସୁପର ମିଛୁଆ, ରଘୁପତି ରାଘବ ରାଜାରାମ, ଭଲ ପାଏ ତତେ ଶହେରୁ ଶହେ, ତୁଯେ ସେଇ, କ୍ରାନ୍ତିଧାରା, ପ୍ରେମରେ ପ୍ରେମରେ, ବାଇ ବାଇ ଦୁବାଇ , ଆଖି ପଲକରେ ତୁ ତୁ ହି ତୁ, ଅଭିମାନ, ଭୋକ, ଭୋଟ ପ୍ରଭୃତି ଚିତ୍ର ମୁକ୍ତିଲାଭ କରିଛି। ଚଳିତ ବର୍ଷ ମୁକ୍ତିଲାଭ କରିଥିବା କାନ୍ଦ ମାଷ୍ଟ୍ରେ ଚିତ୍ରରେ ସେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। କଳାତ୍ମକ ଚିତ୍ର ଇନ୍ଦ୍ରଧନୁର ଛାଇ ଓ ବିଶ୍ୱ ପ୍ରକାଶ ଚିତ୍ରରେ ମଧ୍ୟ ସେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି।

ବିକାଶ ଦାଶ ଜେ.ଇ କ୍ୟାସେଟ୍ କମ୍ପାନୀର ପ୍ରଥମ କ୍ୟାସେଟ ପାନୁଶାଳା କେବେ ପଚାରି ବୁଝେନା ଗୀତଟିର ସଂଗୀତ ନିର୍ଦ୍ଦେଶନା ଦେଇଥଇଷଲ, ଯାହାକି ଶ୍ରୋତାଙ୍କ ନିକଟରେ ବେଶ୍ ଆଦୃତ ହୋଇଥିଲା। ତାଙ୍କ ସଂଗୀତ ନିର୍ଦ୍ଦେଶିତ କେତୋଟି ଲୋକପ୍ରିୟ ଆଲବମ୍ ହେଲା-ତମେ ଗଲାପରେ, ଯାଯାବର, ପ୍ରିୟା, ଏମିତି ରଙ୍ଗ୍ ଦେ, ତୋ ଚେହେରା ପ୍ରଭୃତ।

ଉପସ୍ଥାପନା: ଗୌରୀ ଶଙ୍କର ପଣ୍ଡା
ଗୁଣପୁର, ଜି-ରାୟଗଡା

ରାବଣ ସମ୍ପୂର୍ଣ୍ଣ ଦୁଷ୍ଟ ନୁହେଁ, ସାଇ ପଲ୍ଲବୀଙ୍କ ବୟାନକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା

ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ରାମାୟଣ'କୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିଥିବା ବେଳେ ଅଭିନେତ୍ରୀ ସାଇ ପଲ୍ଲବୀଙ୍କ ଏକ ବୟାନକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି। ରାବଣଙ୍କୁ ସମ୍ପୂର୍ଣ୍ଣ ଦୁଷ୍ଟ ବୋଲି ବିବେଚନା ନକରି ନିଜ ଭିତରେ ଥିବା ଖରାପ ଗୁଣକୁ ଚିହ୍ନିବା ଓ ସୁଧାରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ତାଙ୍କର ଏହି ମନ୍ତବ୍ୟକୁ ନେଇ କେତେକ ସୋସିଆଲ ମିଡିଆ ବ୍ୟବହାରକାରୀ ଆପତ୍ତି ଉଠାଇଥିବା ବେଳେ ଅନ୍ୟ କେତେକ ତାଙ୍କ ସମର୍ଥନରେ ମତ ରଖୁଛନ୍ତି।

ଅକ୍ଟୋବର ୨୭ ତାରିଖରେ ଆମେରିକାରେ 'ରାମାୟଣ'ର ଏକ ସ୍କ୍ରିନିଂ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସାଇ ପଲ୍ଲବୀ ଚଳଚ୍ଚିତ୍ର ସମ୍ପର୍କରେ ନିଜର ମତ ରଖିବା ସହ ରାବଣଙ୍କ ଚରିତ୍ରକୁ ନେଇ ମଧ୍ୟ ପ୍ରତିକ୍ରିୟା ଦେଇଥିଲେ। ତାଙ୍କର ଏହି ମନ୍ତବ୍ୟ ପରେ ସୋସିଆଲ ମିଡିଆରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି।



ସାଇ ପଲ୍ଲବୀ କହିଥିଲେ ଯେ ଧାର୍ମିକ ଗ୍ରନ୍ଥରେ ବିଶ୍ୱାସ ରଖୁଥିବା ବ୍ୟକ୍ତି ନିଜକୁ ଆତ୍ମନିରୀକ୍ଷଣ କରିବା ଉଚିତ। ନିଜ ଭିତରେ ଥିବା ଭଲ ଓ ଖରାପ ଗୁଣକୁ ଚିହ୍ନିବା ସହ ଖରାପ ଗୁଣରେ ସୁଧାର ଆଣିବା ଆବଶ୍ୟକ। ରାବଣ ସମ୍ପୂର୍ଣ୍ଣ ଦୁଷ୍ଟ ନଥିଲେ ବୋଲି ମତ ରଖି ସେ ନିଜ ଭିତରେ ଥିବା ରାବଣକୁ ଚିହ୍ନିବା ଏବଂ ସମୟ ସହ ନିଜକୁ ପରିବର୍ତ୍ତନ କରିବାର ଗୁରୁତ୍ୱ ବୁଝାଇଥିଲେ। ସାଇଙ୍କ ଏହି ମନ୍ତବ୍ୟକୁ ନେଇ ସୋସିଆଲ ମିଡିଆରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ଜଣେ ବ୍ୟବହାରକାରୀ ମନ୍ତବ୍ୟ ଦେଇଛନ୍ତି ଯେ ଜଣେ ମହିଳା ନିଜ ଅପହରଣକାରୀଙ୍କୁ ପ୍ରଶଂସା କରୁଛନ୍ତି। ଅନ୍ୟ ଜଣେ ଏଭଳି ବୟାନ ବିବାଦ ସୃଷ୍ଟି କରିପାରେ ବୋଲି କହିଛନ୍ତି। ତେବେ ଆଉ କେତେକ ବ୍ୟବହାରକାରୀ ସାଇଙ୍କ ସମର୍ଥନରେ ମତ ରଖି ତାଙ୍କୁ ଅଯଥାରେ ଟ୍ରୋଲ୍ ନକରିବାକୁ କହିଛନ୍ତି। ସାଇଙ୍କ ମନ୍ତବ୍ୟର ଉଦ୍ଦେଶ୍ୟ ନିଜ ଭିତରେ ଥିବା ଖରାପ ଗୁଣକୁ ଚିହ୍ନି ସେଥିରେ ସୁଧାର ଆଣିବା ବୋଲି କେତେକ ମତ ଦେଇଛନ୍ତି। ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ଦୁଇଟି ଭାଗରେ ମୁକ୍ତିଲାଭ କରିବ। ନମିତ ମଲହୋତ୍ରା ଏହାର ପ୍ରଯୋଜନା କରୁଛନ୍ତି। ଚଳଚ୍ଚିତ୍ରରେ ରଣବୀର କପୁର ପ୍ରଭୁ ଶ୍ରୀରାମ ଏବଂ ସାଇ ପଲ୍ଲବୀ ମାତା ସୀତାଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ୟଶ ରାବଣ ଓ ସନି ଦେଓଲ ହନୁମାନଙ୍କ ଭୂମିକାରେ ନଜର ଆସିବେ। ଏହା ବ୍ୟତୀତ ଚଳଚ୍ଚିତ୍ରରେ ରବି ଦୁବେ, ରାକୁଲ ପ୍ରୀତ ସିଂହ, ଅରୁଣ ଗୋଭିଲ, ବିବେକ ଓବେରୟ ଓ ଲାରା ଦତ୍ତାଙ୍କ ଭଳି କଳାକାର ଅଭିନୟ କରୁଛନ୍ତି। 'ରାମାୟଣ'କୁ ନେଇ ଦର୍ଶକଙ୍କ ଉତ୍ସୁକତା ମଧ୍ୟରେ ସାଇ ପଲ୍ଲବୀଙ୍କ ଏହି ବୟାନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ବଲିଉଡ ଅପେକ୍ଷା ସାଉଥ୍‌ରେ ଅଦିତିଙ୍କୁ ମିଳିଛି ଅଧିକ ସଫଳତା



ଆଜି ହେଉଛନ୍ତି ବଲିଉଡ ଓ ଦକ୍ଷିଣ ଭାରତୀୟ ସିନେମା ଜଣାଶୁଣା ନାୟିକା ଅଦିତି ରାଓ ହାଇଦରୀଙ୍କ ଜନ୍ମଦିନ। ବଲିଉଡରେ ୧୭ ବର୍ଷ ପୂରଣ କରିଲେଣି ଅଦିତି ରାଓ ହାଇଦରୀ, କିନ୍ତୁ ଏଠି ତାଙ୍କୁ ଖାସ୍ ସଫଳତା ମିଳିନାହିଁ। ଅଦିତି ରାଓ ହାଇଦରୀ ୨୦୦୯ରେ ରିଲିଜ୍ ହୋଇଥିବା ଫିଲ୍ମ 'ଦିଲ୍ଲୀ-୬' ରୁ ବଲିଉଡରେ କ୍ୟାରିଅର ଆରମ୍ଭ କରିଥିଲେ। ଏହାପରେ ସେ ୟେ ଶାଲି ଜିନ୍ଦେଗି, ରକ୍‌ଷ୍ଟାର, ଖୁବ୍‌ସୁରତ୍, ୱାଜିର, ଭୂମି ଏବଂ ପଦ୍ମାବତ୍ ଆଦି ଲୋକପ୍ରିୟ ହିନ୍ଦୀ ସିନେମାର ଅଭିନୟ କରିଛନ୍ତି। ଏଯାବତ୍ ଅଦିତିଙ୍କୁ ଜଣେ ଟପ୍ ହିରୋଇନ୍‌ର ମାନ୍ୟତା ମିଳି ନାହିଁ, କି ତାଙ୍କୁ କୌଣସି ବିଗ୍ ଷ୍ଟାରଙ୍କ ଅପୋଜିଟ୍‌ରେ ହିରୋଇନ୍ ରୋଲ ପାଇଁ ଅଫର୍ ମିଳୁ ନାହିଁ।

ଏହାକୁ ଲକ୍ଷ୍ୟ କରି ଅଦିତି ସନ୍ନି ଲିଓନଙ୍କ ରାସ୍ତାରେ ଯିବାର ନିଷ୍ପତ୍ତି ନେଇଥିଲେ। ହଁ ସେ ବି ସନ୍ନି ଲିଓନଙ୍କ ଭଳି ଦକ୍ଷିଣ ଭାରତୀୟ ସିନେମାକୁ ମୁହାଁଇଥିଲେ। ଅଦିତି ତେଲୁଗୁ ସିନେମା 'ସମ୍ମୋହନମ୍'ରେ ଡେବ୍ୟୁ କରିଥିଲେ। ଏହା ଏକ ବ୍ଲକବଷ୍ଟର ଫିଲ୍ମ ସାବ୍ୟସ୍ତ ହୋଇଥିଲା। ଏହାପରେ ଅଦିତି ହେ ସିନାମିକା, ମହାସୁନ୍ଦରମ୍, ଭି, ସାଇକୋ, ଅନ୍ତରୀକ୍ଷମ୍ ଆଦି ତେଲୁଗୁ ଓ ତାମଲ ସିନେମାରେ ନଜର ଆସିଛନ୍ତି। ସତ କହିବାକୁ ଗଲେ ବଲିଉଡ ଅପେକ୍ଷା ସାଉଥ୍‌ରେ ତାଙ୍କୁ ମିଳିଛି ଅଧିକ ସଫଳତା।

ନବିକାଙ୍କ ନିର୍ବନ୍ଧ ଭାଙ୍ଗିଲା!



'ୟେରିଷ୍ତା କ୍ୟା କେହେଲାତା ହେ' ଧାରାବାହିକର ଅଭିନେତ୍ରୀ ଭାବେ ପ୍ରସିଦ୍ଧ ନବିକା କୋଟିଆଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ବଡ଼ ସୂଚନା ଆସିଛି। ଚଳିତବର୍ଷ ଜାନୁଆରିରେ ନବିକାଙ୍କର ପୁଣେର ବ୍ୟବସାୟୀ ମାଜେନ୍ ମୋଡ଼ିଙ୍କ ସହ ନିର୍ବନ୍ଧ ହୋଇଥିବା ବେଳେ ଏବେ ସେମାନଙ୍କ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା ଖବର ସାମ୍ନାକୁ ଆସିଛି। ଆସନ୍ତାବର୍ଷ ଦୁହିଁଙ୍କ ବିବାହ ହେବାର ଯୋଜନା ରହିଥିଲା। ମାତ୍ର ବିବାହ ପୂର୍ବରୁ ହିଁ ସେମାନଙ୍କ ସମ୍ପର୍କରେ ଏହି ନୂଆ ମୋଡ଼ ଆସିଛି।

ରିପୋର୍ଟ ଅନୁସାରେ, ଦୁହିଁଙ୍କ ଚିନ୍ତାଧାରା, ଜୀବନର ପ୍ରାଥମିକତା ଏବଂ ଭବିଷ୍ୟତକୁ ନେଇ ଯୋଜନା ପରସ୍ପର ସହ ମେଳ ଖାଉ ନଥିବାରୁ ଉଭୟ ଅଲଗା ହେବାର ନିଷ୍ପତ୍ତି ନେଇଛନ୍ତି। ସବୁଠାରୁ ବଡ଼ କଥା ହେଉଛି, ଦୁହିଁଙ୍କ ସହମତିରେ ହିଁ ଏହି ନିର୍ବନ୍ଧ ଭଙ୍ଗାଯାଇଛି। ଏହି ଖବର ସାମ୍ନାକୁ ଆସିବା ପରେ ନବିକାଙ୍କ ପ୍ରଶଂସକଙ୍କ ମଧ୍ୟରେ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ନିର୍ବନ୍ଧ ଭାଙ୍ଗିବା ନେଇ ନବିକା କିମ୍ବା ମାଜେନ୍ ମୋଡ଼ିଙ୍କ ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା ହୋଇନାହିଁ। ଉଲ୍ଲେଖଯୋଗ୍ୟ, ହିନ୍ଦୀ ଟେଲିଭିଜନ୍ ଦୁନିଆର ଜଣାଶୁଣା ଅଭିନେତ୍ରୀ ନବିକା ବହୁ ଧାରାବାହିକରେ ଅଭିନୟ କରିଥିବା ବେଳେ ବିଦ୍ୟା ବାଲନ୍‌ଙ୍କ ଅଭିନୀତ ହିନ୍ଦୀ ଚଳଚ୍ଚିତ୍ର 'ଭୁଲ୍ ଭୁଲେୟା'ରେ ଶିଶୁ କଳାକାର ଭାବେ ନଜର ଆସିଥିଲେ। ଏହାପରେ ୨୦୧୨ରେ ମୁକ୍ତିଲାଭ କରିଥିବା 'ଇଂଲିସ୍ ଭିଂଲିସ୍' ଚଳଚ୍ଚିତ୍ରରେ ଖ୍ୟାତନାମା ଅଭିନେତ୍ରୀ ଶ୍ରୀଦେବୀଙ୍କ ଝିଅ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ। ଏହା ବ୍ୟତୀତ ବିଭିନ୍ନ ଓଟିଟି ପ୍ଲାଟଫର୍ମରେ ଷ୍ଟ୍ରିମିଂ ହୋଇଥିବା ୱେବ୍ ସିରିଜ୍‌ରେ ମଧ୍ୟ ତାଙ୍କ ଅଭିନୟ ଦେଖିବାକୁ ମିଳିଛି।

ସାହିତ୍ୟ ଓ କଳା ସଂସ୍କୃତିର ପ୍ରିୟ ମଣିଷ ମନୋଜ ପାଣିଗ୍ରାହୀ

ଓଡ଼ିଶାର ସାହିତ୍ୟ ଓ କଳା ସଂସ୍କୃତି କ୍ଷେତ୍ରରେ ଜଣେ ପରିଚିତ ମଣିଷ ହେଉଛନ୍ତି ମନୋଜ କୁମାର ପାଣିଗ୍ରାହୀ। ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ୧୯୭୬ ମସିହାରେ ଶ୍ରୀ ପାଣିଗ୍ରାହୀ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା ବିମ୍ବାଧର ପାଣିଗ୍ରାହୀ ଓ ମାତା ତାରାମଣି ପାଣିଗ୍ରାହୀ। ୨୦୦୬ ମସିହାରୁ ମନୋଜ ସାହିତ୍ୟ ଜଗତରେ ପ୍ରବେଶ କରନ୍ତି। ପ୍ରଥମେ ତାଙ୍କର ଗଳ୍ପ ଲେଖା ଆରମ୍ଭ ହୁଏ। ତାଙ୍କର ପାଠକୀୟ ରୁଚି ରହିଛି କବିତା,ଗଳ୍ପ ଓ ସ୍ତମ୍ଭ ସାହିତ୍ୟ ରେ। ଓଡିଆ ଚଳଚ୍ଚିତ୍ର, ଯାତ୍ରା ଜଗତର ନାଟକ, ରଙ୍ଗମଞ୍ଚ, ସିରିଏଲ୍ ପ୍ରଭୃତି ର କଥା ସେ ଆଲୋଚନା କରନ୍ତି, ଶୁଣନ୍ତି କିନ୍ତୁ ମନୋଜ ଙ୍କ ପାଇଁ ସାହିତ୍ୟ ହେଉଛି ଜୀବନ ଓ ଜୀବନ ହେଉଛି ସାହିତ୍ୟ। ତିହିଡି ବଜାରରେ ଦୀର୍ଘ ଅଣି ବର୍ଷର ଲୁଗା ଦୋକାନ ପାଣିଗ୍ରାହୀ ପରିଧାନରେ ମନୋଜ ପ୍ରୋପାଇଟର ଅଛନ୍ତି। କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ମାଟିରେ ଜନ୍ମ ଗ୍ରହଣ କରି ସେ ଖୁବ୍ ଖୁସି ଓ ଆନନ୍ଦିତ। ତାଙ୍କର ପ୍ରିୟ ପୁରାତନ ସାହିତ୍ୟିକ ବ୍ୟାସ କବି ଫକୀର ମୋହନ ସେନାପତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଉତ୍କଳମଣି ଗୋପବନ୍ଧୁ ଦାସ, ସନ୍ଥକବି ଭୀମଭୋଇ। ଆଧୁନିକ ଲେଖକ ମାନଙ୍କ ମଧ୍ୟରେ କବି ବିଷ୍ଣୁ ସେଠୀ,ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଅରବିନ୍ଦ ଦାସ, ଗାଳ୍ପିକ ଅରବିନ୍ଦ ରୟ, ପରେଶ ପଟ୍ଟନାୟକ,କବି ସୁରେଶ ନାୟକ, କବି ସଞ୍ଜିତ ବଳ, କବି ସରୋଜ ବଳ, କବି ଚିତ୍ତ ରଞ୍ଜନ ନାୟକ, ଗୀତିକାର ପଞ୍ଚାନନ ନାୟକ,କବି ବିପ୍ଳବ ରଞ୍ଜନ ପତି, ନେତାଜୀ ଅଭିନନ୍ଦନ, ସଞ୍ଜୟ ପଣ୍ଡା ପ୍ରମୁଖଙ୍କୁ ଗାଳ୍ପିକ ମନୋଜ କୁମାର ପାଣିଗ୍ରାହୀ ପସନ୍ଦ କରନ୍ତି। ଶ୍ରୀ ପାଣିଗ୍ରାହୀ ଙ୍କ ପ୍ରିୟ ଗୀତ ହେଉଛି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ବନ୍ଦେ ଉତ୍କଳ ଜନନୀ, ପ୍ରିୟ ପୁସ୍ତକ ବିଶିଷ୍ଟ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ଦୂର ଦିଗନ୍ତ, ଅରବିନ୍ଦ ରାୟଙ୍କ ବାଟ ବସାଘର, ଓ କବି ବିଷ୍ଣୁ ସେଠୀଙ୍କ କବିତା ପୁସ୍ତକ ନିଃସ୍ୱ ମାଟିର ସ୍ୱର। ଓଡ଼ିଶାର ଅନେକ ଖବର କାଗଜ ଓ ସାହିତ୍ୟ ପତ୍ରିକାରେ ଶ୍ରୀ ପାଣିଗ୍ରାହୀଙ୍କ ଉଚ୍ଚ କୋଟିର ଲେଖା ପ୍ରକାଶିତ। ସାହିତ୍ୟ ବ୍ୟତୀତ ଅନେକ ସମାଜସେବା ମୂଳକ କାର୍ଯ୍ୟ ସେ କରିଥାନ୍ତି। ତିହିଡି ଯୁବ ମଞ୍ଚ ପକ୍ଷରୁ ଶ୍ରୀ ପାଣିଗ୍ରାହୀ ସଂଯୋଜକ ଅଛନ୍ତି। ଅନେକ ସମୟରେ ଶ୍ରୀ ପାଣିଗ୍ରାହୀ ତିହିଡି ଯୁବ ମଞ୍ଚ ପକ୍ଷରୁ ବିଭିନ୍ନ ସଦସ୍ୟ ମାନଙ୍କ ସହାୟତାରେ



ବୃକ୍ଷ ରୋପଣ କରିବା ସହିତ ବନ୍ୟା ବାତ୍ୟା ସମୟରେ ଲୋକ ମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେଇଥାନ୍ତି। ସାହିତ୍ୟର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ କଣ ପଦକ୍ଷେପ ନିଆ ଯାଇଛି ଏହି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ବର୍ତ୍ତମାନର ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ତଥା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଅନେକ ଉଦ୍ୟମ ଜାରି ରଖିଛନ୍ତି। ଶ୍ରୀ ପାଣିଗ୍ରାହୀ କୁହନ୍ତି ପ୍ରତ୍ୟେକ ମଣିଷ ମାନବିକତା ଓ ମୌଳିକତା କୁ ଗୁରୁତ୍ୱ ଦେବା ଉଚିତ୍। ସାହିତ୍ୟ କ୍ଷେତ୍ରରେ ଓ ନାଟକ କ୍ଷେତ୍ରରେ ସର୍ବଦା ମୌଳିକ କାହାଣୀର ଆବଶ୍ୟକତା ରହିଛି। ଜଣେ ସରଳ ଚିନ୍ତାଧାରା ଓ ଆଧାତ୍ମିକ ଚିନ୍ତାଧାରାର ପ୍ରିୟ ମଣିଷ ମନୋଜ ପାଣିଗ୍ରାହୀଙ୍କ ସମସ୍ତ ସ୍ୱପ୍ନ ଓ ଲକ୍ଷ୍ୟ ପୂରଣ ହେଉ। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଶ୍ରୀ ପାଣିଗ୍ରାହୀଙ୍କ ଭବିଷ୍ୟତର ଚଳାପଥ କୁସୁମିତ ହେଉ। ଆମର ଏହାହିଁ କାମନା।

ଉପସ୍ଥାପନା ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ,ବାସୁଦେବପୁର, ଭଦ୍ରକ
ମୋ: ୯୯୩୭୯୭୬୩୫୧

ଝାରସୁଗୁଡ଼ାରେ 'ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍ ୨୦୨୭' ସାଂସ୍କୃତିକ ପ୍ରତିଯୋଗିତା ନଭେମ୍ବର ୬ରୁ

ଝାରସୁଗୁଡ଼ା,୨୯/୧୦ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ 'ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍ ୨୦୨୭' ଅନ୍ତର୍ଗତ ଜିଲ୍ଲାସ୍ତରୀୟ ସାଂସ୍କୃତିକ ଟ୍ରାକ୍ ପ୍ରତିଯୋଗିତା ଆସନ୍ତା ନଭେମ୍ବର ୬ ଓ ୭ ତାରିଖରେ ସ୍ଥାନୀୟ ଏମ୍ସିଏଲ୍ ଅଡିଟୋରିୟମ୍ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ଜିଲ୍ଲା ମଙ୍ଗଳ ଅଧିକାରୀ ଜୟଶ୍ରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମୃତ ଆଚାର୍ଯ୍ୟଙ୍କ ସମେତ ମାଇଁ ଭାରତର କର୍ମକର୍ତ୍ତା ଏବଂ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷା ବିଭାଗ ଓ ପ୍ରଶାସନିକ ପଦାଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ।

'ନିଶା ମୁକ୍ତ ଯୁବ ହିଁ ବିକଶିତ ଭାରତ' ବିଷୟବସ୍ତୁକୁ ଆଧାର କରି ଜିଲ୍ଲାର ୧୫ରୁ ୨୯ ବର୍ଷ ବୟସ୍କ ଯୁବପିଢ଼ିଙ୍କୁ ଏକତ୍ରିତ ତଥା ଉତ୍ସାହିତ କରିବା ପାଇଁ ଏହି ମଞ୍ଚ ପ୍ରସ୍ତୁତ କରାଯାଇଛି। ଏଥିରେ ମୋଟ ୫ଟି ବିଭାଗ— ଲୋକନୃତ୍ୟ, ଲୋକଗୀତ, ଚିତ୍ରାଙ୍କନ, ନୁକ୍କଡ଼ ନାଟକ ଏବଂ କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗୀମାନେ 'ମାଇଁ ଭାରତ' ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରିବା ବାଧ୍ୟତାମୂଳକ କରାଯାଇଛି। ପ୍ରତିଯୋଗିତା ପରିଚାଳନା ଓ ସଠିକ୍ ମୂଲ୍ୟାୟନ ନିମନ୍ତେ ୧୫ ଜଣିଆ ବିଚାରକ ମଣ୍ଡଳୀ ଚୟନ କରାଯିବ।

ପ୍ରତିଯୋଗିତାରେ ବିଜେତାମାନଙ୍କୁ ଉତ୍ସାହିତ କରିବା ପାଇଁ ନଗଦ ପୁରସ୍କାର ରାଶି ପ୍ରଦାନ କରାଯିବ। ଦଳଗତ ବର୍ଗରେ (ଲୋକନୃତ୍ୟ, ଲୋକଗୀତ ଓ ନୁକ୍କଡ଼ ନାଟକ) ପ୍ରଥମ ସ୍ଥାନ ହାସଲକାରୀଙ୍କୁ ୧୦,୦୦୦/-, ଦ୍ୱିତୀୟଙ୍କୁ ?୭,୫୦୦/- ଏବଂ ତୃତୀୟଙ୍କୁ ୫,୦୦୦/- ପ୍ରଦାନ କରାଯିବ। ସେହିପରି ବ୍ୟକ୍ତିଗତ ବର୍ଗରେ (ଚିତ୍ରାଙ୍କନ ଓ କବିତା ଲିଖନ) ପ୍ରଥମ ବିଜେତାଙ୍କୁ ୩,୦୦୦/-, ଦ୍ୱିତୀୟଙ୍କୁ ୨,୦୦୦/- ଏବଂ ତୃତୀୟଙ୍କୁ ୧,୦୦୦/- ପୁରସ୍କାର ରାଶି ମିଳିବ। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରୁ ଲୋକନୃତ୍ୟ, ଲୋକଗୀତ, ଚିତ୍ରାଙ୍କନ ଓ କବିତା ଲିଖନର ଶ୍ରେଷ୍ଠ ଦୁଇଟି ଲେଖାଏଁ ଦଳ/ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବେ, ଏବଂ ନୁକ୍କଡ଼ ନାଟକ କ୍ଷେତ୍ରରେ କେବଳ ପ୍ରଥମ ସ୍ଥାନ ଅଧିକାର କରିଥିବା ଶ୍ରେଷ୍ଠ ଗୋଟିଏ ଦଳ ରାଜ୍ୟସ୍ତରକୁ ପ୍ରତିନିଧିତ୍ୱ କରିବେ। ଜିଲ୍ଲାର ସମସ୍ତ ଯୁବ ପ୍ରତିଭା ଏହି ସୁଯୋଗର ଲାଭ ଉଠାଇ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଇସିଡିଏସ୍ ସମୀକ୍ଷା ବୈଠକ

ଝାରସୁଗୁଡ଼ା,୨୯/୧୦ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି ଏକ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ନାୟକ, ଉପଖଣ୍ଡ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣକେଶୀ ବଳିୟାରସିଂହ, ଜିଲ୍ଲାର ସମସ୍ତ ସିଡିପିଓ, ସୁପରଭାଇଜର, ଡିପିସି ମମତା, ଡିସି ପୋଷଣ ଏବଂ ଡିସି ହବ୍ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ପୁଷ୍ଟିହୀନତା ଦୂରୀକରଣ ତଥା ଶିଶୁ ଏବଂ ମହିଳାମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

ବୀରନରସିଂହପୁର ମା' ଦକ୍ଷିଣକାଳୀଙ୍କ କାଳୀପୂଜା ପାଇଁ ମାଟି ଅନୁକୂଳ

ପୁରୀ,୨୯/୧୦ (ନି.ପ୍ର): ପୁରୀ ଚନ୍ଦନପୁର ନିକଟସ୍ଥ ବୀରନରସିଂହପୁର ସ୍ଥିତ ମା ଦକ୍ଷିଣକାଳୀଙ୍କ କାଳୀପୂଜା ପାଇଁ ମାଟି ଅନୁକୂଳ ହୋଇଯାଇଛି। ନଭେମ୍ବର ୮ ତାରିଖ ଓ ୯ ତାରିଖ କାଳୀପୂଜା ପାଇଁ ମୃଣ୍ମୟୀ ପ୍ରତିମା ପାଇଁ ଏହି ମାଟି ଅନୁକୂଳ ହୋଇଥିଲା। ମାଟି ଅନୁକୂଳ ପାରମ୍ପରିକ ବିଧିବିଧାନ ଅନୁଯାଇ ମନ୍ଦିରରୁ ଆଜ୍ଞାମାଳ ଧରି ମୁଖ୍ୟ ପୂଜକ ହାରାଧନ ବାର୍ନାଜୀ (ତାରୁ ଭାଇନା) ପାରମ୍ପରିକ ବାଦ୍ୟ ଓ ଘଣ୍ଟ ଘଣ୍ଟା କାହାଳୀରେ ଶୋଭାଯାତ୍ରାରେ ଭଗବାନପୁର ମଶାଣି ନିକଟକୁ ଯାଇଥିଲେ। ପାରମ୍ପରିକ ବାଦ୍ୟ ଓ ଘଣ୍ଟ ଘଣ୍ଟା ଶବ୍ଦରେ ପ୍ରକମ୍ପିତ ହୋଇଥିଲା ପୂଜା ପରିସର। ପଣ୍ଡିତ ବିଶ୍ୱମ୍ଭର ଦାଶ ଶାସ୍ତ୍ରୀୟ ବିଧି ଅନୁଯାଇ ପୂଜାର୍ଚ୍ଚନା କରି ମାଟି ଉଠାଇଥିଲେ। ଏହି ମାଟିକୁ ମୁଖ୍ୟ ପୂଜକ ତାରୁ ଭାଇନା ଧରି ମାଙ୍କ ମନ୍ଦିରକୁ ଫେରିଥିଲେ। ଧୂପଦୀପ ଓ ସୁଗନ୍ଧିତ ପୁଷ୍ପର ବାସ୍ନାରେ ମହକୁଥିଲା ମଶାଣି ପରିସର। ମନ୍ତ୍ର ପାଠ ଉଚ୍ଚାରଣରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ମାଟି ଅନୁକୂଳ ସମୟରେ ଚଣ୍ଡିପ୍ରସାଦ ବାନାର୍ଜୀ,ଭବାନୀ ପ୍ରସାଦ ବାନାର୍ଜୀ,କାଳୀ ପ୍ରସାଦ ବାନାର୍ଜୀ,ଅନିକେତ ବାନାର୍ଜୀଙ୍କ ସମେତ ମନ୍ଦିର ସହଯୋଗି ପୂଜକ ମାନେ ଉପସ୍ଥିତ ଥିଲେ। ଏହି ମାଟି ଅନୁକୂଳ ଦେଖିବା ପାଇଁ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ମା ଦକ୍ଷିଣକାଳୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା।

ପଟ୍ଟାମୁଣ୍ଡାଇରେ ଅର୍ଣ୍ଣବ ଫେଲ୍: ଚାଷୀ ଆଶ୍ୱସ୍ତ

ପଟ୍ଟାମୁଣ୍ଡାଇ ,୨୯/୧୦ (ନି.ପ୍ର): ଅର୍ଣ୍ଣବ ଆଶଙ୍କାରେ ଭୟଭୀତ ହୋଇ ପଡିଥିବା ପଟ୍ଟାମୁଣ୍ଡାଇ ବ୍ଲକର ଚାଷୀ କୁଳ ଏବେ ଆଶ୍ୱସ୍ତ ଲାଭ କରିଛନ୍ତି। ସୂଚନା ଅନୁସାରେ, ଅତି ଭୀଷଣ ବାତ୍ୟା ଅର୍ଣ୍ଣବ ଗତକାଲି ବିଳମ୍ବିତ ରାତି ୨ଟାରୁ ସକାଳ ୮ଟା ମଧ୍ୟରେ ଆନ୍ଧ୍ର ଉପକୂଳ ଅତିକ୍ରମ କରିଛି। ଏହାର ପ୍ରଭାବରେ ଓଡିଶାର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ସହ ବଡ ବଡ ଗଛ ଉପୁଡି ପଡିବା ଏବଂ ସୁଉଚ୍ଚ ତୋରଣ ଭାଙ୍ଗିଯିବା ଘଟଣା ସାମ୍ନାକୁ ଆସିଛି। ଗଜପତି ଜିଲ୍ଲା ମହେନ୍ଦ୍ରଗଡରେ ସର୍ବାଧିକ ୨୫ ସେମି ବର୍ଷା ରେକର୍ଡ କରାଯାଇଛି। ମାତ୍ର ପଟ୍ଟାମୁଣ୍ଡାଇ ବ୍ଲକରେ ଅର୍ଣ୍ଣବର ପ୍ରଭାବ ନଗଣ୍ୟ ରହିଛି। ସେପରି ଅଧିକ ବର୍ଷା ହୋଇ ନାହିଁ। ଯଦ୍ୱାରା ବର୍ତ୍ତମାନ ପାଚିବାକୁ ଆରମ୍ଭ କରୁଥିବା ଧାନ ଫସଲ ବଡ ଧରଣର କ୍ଷୟ କ୍ଷତିରୁ ବଂଚି ଯାଇଛି। ଗତ କିଛି ଦିନ ହେବ ଚାଷୀମାନେ ଫସଲ ନଷ୍ଟ ଆଶଙ୍କାରେ ଚିନ୍ତିତ ଥିବା ବେଳେ ଏବେ ଫସଲ ସୁରକ୍ଷିତ ଥିବାରୁ ସେମାନଙ୍କ ମୁହଁରେ ହସ ଫୁଟିଛି।

ଗଛମୂଳେ ପାଠ ପଢୁଛନ୍ତି କୋଟିଆର ଛାତ୍ରଛାତ୍ରୀ

ଜୟପୁର,୨୯/୧୦ (ନି.ପ୍ର): କୋରାପୁଟ ଜିଲ୍ଲା ର ସୀମାନ୍ତ କୋଟିଆର ବିକାଶ ନେଇ ସରକାରୀ ସ୍ତରରେ ଅନେକ ଯୋଜନା ଓ ପ୍ରତିଶ୍ରୁତି ଦିଆଯାଉଛି। ହେଲେ ଏହି ଅଞ୍ଚଳର କେତେକ ଗ୍ରାମରେ ମୌଳିକ ସୁବିଧାର ଅଭାବ ଏବେ ବି ବିକାଶର ବାସ୍ତବ ଚିତ୍ରକୁ ପଦାରେ ପକାଇଛି। ଏହାର ଏକ ନଗ୍ନ ଉଦାହରଣ ହେଉଛି କୋଟିଆ ପଞ୍ଚାୟତର ବଡ଼ ବାରାବନ୍ଧ ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ୧୯୭୦ ମସିହାରୁ ଏହି ବିଦ୍ୟାଳୟ ସ୍ଥାପିତ ହୋଇଥିଲେ ମଧ୍ୟ ପ୍ରାୟ ୫୦ ବର୍ଷରୁ ଅଧିକ ସମୟ ପରେ ବି ପିଲାଙ୍କ ପାଇଁ ଆବଶ୍ୟକ ଶ୍ରେଣୀଗୃହ ନିର୍ମାଣ ହୋଇପାରିନାହିଁ। ଫଳରେ କୁନି କୁନି ପିଲାଙ୍କୁ ବିଦ୍ୟାଳୟ ବାରଣ୍ଡା ଓ ଗଛମୂଳେ ବସି ପାଠ ପଢ଼ିବାକୁ ପଡୁଛି।

ବିଦ୍ୟାଳୟରେ ଶିଶୁବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୨ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଏତେ ସଂଖ୍ୟକ ପିଲାଙ୍କ ପାଇଁ ରହିଛି ମାତ୍ର ଗୋଟିଏ ୧୦ ଫୁଟ୍ ଗୁଣନ ୧୨ ଫୁଟ୍ର ଛୋଟ ଶ୍ରେଣୀଗୃହ। ଏହି ସଂକୀର୍ଣ୍ଣ କୋଠରିରେ ସମସ୍ତ ପିଲାଙ୍କୁ ବସାଇ ପାଠ ପଢ଼ାଇବା ସମ୍ଭବ ହେଉନାହିଁ। ତେଣୁ କେତେକ ପିଲା ଶ୍ରେଣୀଗୃହ ଭିତରେ, ଆଉ କେତେକ ବାରଣ୍ଡାରେ ଏବଂ ଅନ୍ୟମାନେ ଗଛମୂଳେ ବସି ପାଠ ପଢୁଛନ୍ତି। ପିଲାଙ୍କ ଭବିଷ୍ୟତ ଗଢ଼ିବାର ପ୍ରମୁଖ ସ୍ଥାନ ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥା ଶିକ୍ଷା ବ୍ୟବସ୍ଥା ପ୍ରତି ଅନେକ ପ୍ରଶ୍ନ ଉଠାଇଛି।

କେବଳ ଶ୍ରେଣୀଗୃହର ଅଭାବ ନୁହେଁ, ଶିକ୍ଷକ ସମସ୍ୟା ମଧ୍ୟ ଏହି ବିଦ୍ୟାଳୟର ଶିକ୍ଷାଦାନକୁ ପ୍ରଭାବିତ କରୁଛି। ୪୨ ଜଣ ପିଲାଙ୍କୁ ପଢ଼ାଇବା ପାଇଁ ମାତ୍ର ଦୁଇ ଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି। ସେଥିମଧ୍ୟରୁ ଜଣେ ଶିକ୍ଷକ ଏସ୍ଆଇଆର୍ ତାଲିମ ପାଇଁ ଯାଇଥିବାରୁ ବର୍ତ୍ତମାନ ଜଣେ ଶିକ୍ଷୟିତ୍ରୀଙ୍କ ଉପରେ ସମସ୍ତ ପିଲାଙ୍କୁ ପାଠ ପଢ଼ାଇବାର ଦାୟିତ୍ୱ ରହିଛି। ସେ ଗଛମୂଳେ, ବାରଣ୍ଡାରେ ଓ ଛୋଟ ଶ୍ରେଣୀଗୃହରେ ପିଲାଙ୍କୁ ପଢ଼ାଉଥିବା ଦେଖିବାକୁ ମିଳୁଛି। ବିଭିନ୍ନ ଶ୍ରେଣୀର ପିଲାଙ୍କୁ ଏକାସାଙ୍ଗରେ ପଢ଼ାଇବା ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି।

ଏହି ବିଦ୍ୟାଳୟକୁ ବଡ଼ ବାରାବନ୍ଧ, ତଳ ବାରାବନ୍ଧ ଓ ଆଖପାଖ ଗ୍ରାମର ପିଲାମାନେ ପଢ଼ିବାକୁ ଆସୁଛନ୍ତି। ଦୁର୍ଗମ ଅଞ୍ଚଳର ଏହି ପିଲାମାନଙ୍କ ପାଇଁ ବିଦ୍ୟାଳୟ ହିଁ ଶିକ୍ଷାର ପ୍ରମୁଖ ଆଶ୍ରୟସ୍ଥଳ। କିନ୍ତୁ ଶ୍ରେଣୀଗୃହ ଅଭାବରୁ ସେମାନଙ୍କୁ ଉପଯୁକ୍ତ ପରିବେଶରେ ପାଠ ପଢ଼ିବାର ସୁଯୋଗ ମିଳୁନାହିଁ। ବର୍ଷା, ଖରା ଓ ଅନ୍ୟ ପ୍ରତିକୂଳ ପାଗରେ ଗଛମୂଳେ କିମ୍ବା ବାରଣ୍ଡାରେ ପାଠ ପଢ଼ିବା କେତେ ଅସୁବିଧାଜନକ, ତାହା ସହଜରେ ଅନୁମେୟ।

ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥା ମଧ୍ୟ ଚିନ୍ତାଜନକ। ସ୍କୁଲ ପାର୍ଶ୍ୱରେ ଖାଲ ରହିଥିବା ବେଳେ ଏଯାଏଁ ପାଚେରି ନିର୍ମାଣ ହୋଇନାହିଁ। ଏହା ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ପିଲାଙ୍କ ପାଇଁ ସୁରକ୍ଷିତ ଶ୍ରେଣୀଗୃହ, ପର୍ଯ୍ୟାପ୍ତ ଶିକ୍ଷକ ଓ ଆବଶ୍ୟକ ଭିତ୍ତିଭୂମି ଯୋଗାଇଦେବା ଶିକ୍ଷା ବିଭାଗର ପ୍ରାଥମିକ ଦାୟିତ୍ୱ ହୋଇଥିବା ବେଳେ ଏହି ବିଦ୍ୟାଳୟର ଚିତ୍ର ତାହାର ବିପରୀତ କାହାଣୀ କହୁଛି।

ବିଦ୍ୟାଳୟ ପରିଚାଳନା କମିଟିର ବିନୋଦ କୁମାର ପାଙ୍ଗି, ଫୁଲମଣି ଗେମେଲଙ୍କ ସମେତ ଗ୍ରାମବାସୀ ଏହି ସମସ୍ୟା ନେଇ ଉଦ୍ବେଗ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ବିଦ୍ୟାଳୟର ଦୁରବସ୍ଥା ସମ୍ପର୍କରେ ବ୍ଲକ୍ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଏଯାଏଁ କୌଣସି ସୁଫଳ ମିଳିନାହିଁ। ବିଦ୍ୟାଳୟରେ ନୂତନ ଶ୍ରେଣୀଗୃହ ନିର୍ମାଣ ସହ ପାଚେରି ବ୍ୟବସ୍ଥା ଏବଂ ଆବଶ୍ୟକ ଶିକ୍ଷକ ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି।

କୋଟିଆ ଅଞ୍ଚଳର ବିକାଶ ଓ ଆଦିବାସୀ ପିଲାଙ୍କ ଶିକ୍ଷାକୁ ନେଇ ସରକାରଙ୍କ ପ୍ରତିବଦ୍ଧତା ମଧ୍ୟରେ ବଡ଼ ବାରାବନ୍ଧ ବିଦ୍ୟାଳୟର ଏହି ଅବସ୍ଥା ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ଦଶନ୍ଧି ଦଶନ୍ଧି ଧରି ଗୋଟିଏ ଶ୍ରେଣୀଗୃହରେ ଶିକ୍ଷାଦାନ ଚାଲିଥିବା ବେଳେ ଆଉ କେତେଦିନ ଏହି ପିଲାମାନେ ଗଛମୂଳେ ବସି ପାଠ ପଢ଼ିବେ? ଏବେ ଏହି ପ୍ରଶ୍ନର ଉତ୍ତର ଅପେକ୍ଷାରେ ଅଛନ୍ତି ଅଭିଭାବକ ଓ ଗ୍ରାମବାସୀ। ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ତୁରନ୍ତ ହସ୍ତକ୍ଷେପ କରି ଏହି ବିଦ୍ୟାଳୟର ଭିତ୍ତିଭୂମି ସୁଧାରିବା ସହ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ପରିବେଶ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କ ରେ ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ କୁ ଯୋଗାଯୋଗ କରିବାରେ ସେମାନେ ଏହି ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ପଟାଙ୍ଗି ବ୍ଲକ କୁ ଜଣାଇ ଦିଆ ଯାଇଛି ସେମାନେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ପଟାଙ୍ଗି ବିଡିଓ ରାମ କୃଷ୍ଣ ନାୟକ ଙ୍କୁ ପଚାରିବାରେ ଅତି ଶିଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

ଜୟପୁରରେ ଅଖିଳ ଭାରତୀୟ ସହ-ମହାମନ୍ତ୍ରୀ ବନବାସୀ କଲ୍ୟାଣ ଆଶ୍ରମର ବୁଦ୍ଧିଜୀବି ସମ୍ମିଳନୀ

ଜୟପୁର,୨୯/୧୦ (ନି.ପ୍ର): ଜୟପୁର ବକସୀ ସାହି ସ୍ଥିତ ତ୍ରିନାଥ ସେବା ପରିଷଦ ଅର୍ଣ୍ଣପୂର୍ଣ୍ଣା ଭବନଠାରେ ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି।

ନଗର ସଭାପତି ଶଶୀଭୂଷଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ପ୍ରଦେଶ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଆଞ୍ଚଳିକ ମୁଖ୍ୟ ମହେନ୍ଦ୍ର ପ୍ରସାଦ ମିଶ୍ର ସମ୍ମାନିତ ଅତିଥିରୁପେ ଯୋଗ ଦେଇଥିଲେ। ବନବାସୀ ସଂସ୍କୃତି ଗବେଷକ,ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରଥମ ଟିଭି ସାମ୍ବାଦିକ ତଥା ସମାଜସେବୀ ଡ଼ ପରେଶ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେବା,ଶିକ୍ଷା ଓ ସହଯୋଗ କୁ ପାଥେୟ କରି ବନବାସୀ କଲ୍ୟାଣ ଆଶ୍ରମ ଅପହଞ୍ଚ ଅଂଚଳରେ ଜାରି ହରଖିଥିବା ଅନବରତ ପ୍ରୟାସକୁ ଭୂୟିୟସୀ ପ୍ରଶଂସା କରିଥିଲେ। ବନବାସୀ କଲ୍ୟାଣ ଆଶ୍ରମର ଅଖିଳ ଭାରତୀୟ ସହ-ମହାମନ୍ତ୍ରୀ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ପ୍ରଚାରକ ବିଷ୍ଣୁକାନ୍ତ ଜୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ଜନଜାତି ସମାଜର ଧର୍ମ ଓ ସଂସ୍କୃତି ରକ୍ଷା ସହ ସେମାନଙ୍କ ସର୍ବାଙ୍ଗୀନ ବିକାଶ କରିବା ସଂଗଠନର ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତାପ ପଟ୍ଟନାୟକ, ପ୍ରଭୁଦାନ ପରଜା, ଅରୁଣ କୁମାର ପାଳ ପ୍ରମୁଖଙ୍କ ଦ୍ୱାରା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ପ୍ରାନ୍ତ ଯୁବା ଆୟାମ ସଂଯୋଜକ ରତିକାନ୍ତ ସାହୁ,ସହପ୍ରାନ୍ତ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ର,ବିଭାଗ ସଂଗଠନ ମନ୍ତ୍ରୀ କୋରା ରଇତ, ପ୍ରକଳ୍ପ ସଂଯୋଜକ ସଦା ଭୂମିଆ,ନରେନ୍ଦ୍ର କୁମାର ସାହୁ, ଅମର ପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ମିଳନୀ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭ ଓ ଶେଷରେ ପ୍ରାତ୍ୟାଶା ମିଶ୍ର, ମଧୁଛନ୍ଦା ପଣ୍ଡାଙ୍କ ଦ୍ୱାରା ରାଷ୍ଟ୍ର ସଂଗୀତ ବନ୍ଦେ ମାତରଂ ଓ ଜାତୀୟ ସଂଗୀତ ଗାନ କରାଯାଇଥିଲା।

ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର

ସମ୍ବଲପୁର,୨୯/୧୦ (ନି.ପ୍ର): ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ, ସମ୍ବଲପୁର ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ 'ଜନଗଣନା-୨୦୨୭'ର ଦ୍ୱିତୀୟ ପର୍ଯ୍ୟାୟ ଜନସଂଖ୍ୟା ଗଣନା ପାଇଁ ଏକ ଜିଲ୍ଲା ସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ ହୋଇଛି। ସମ୍ବଲପୁର ମହାନଗର ନିଗମ ସମ୍ମିଳନୀ କକ୍ଷ ପରୀସରରେ ଅନୁଷ୍ଠିତ ଏହି କର୍ମଶାଳା ୨୮ ଓ ୨୯ ଅକ୍ଟୋବର ଦୁଇ ଦିନ ଧରି ଚାଲିବ ବୋଲି ଜଣାପଡିଛି।

ଆଗାମୀ ଜନଗଣନାକୁ ସଠିକ୍, ସୁବ୍ୟବସ୍ଥିତ ତଥା ତ୍ରୁଟିଶୂନ୍ୟ ଭାବେ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ ମୁଖ୍ୟତଃ ଜନସଂଖ୍ୟା ଗଣନାର ମୌଳିକ ଧାରଣା ଓ ପରିଭାଷା: ଜନଗଣନା ନିୟମାବଳୀ ଓ ବିଭିନ୍ନ ପରିଭାଷାର ସଠିକ୍ ଅନୁପାଳନ, ତଥ୍ୟ ସଂଗ୍ରହ ବେଳେ ପଚରାଯିବାକୁ ଥିବା ପ୍ରଶ୍ନ ଏବଂ ତାହାର ସଠିକ୍ ଲିପିବଦ୍ଧ ପ୍ରଣାଳୀ,ଗଣନା ବ୍ଲକ୍ ଗଠନ, ପ୍ରତ୍ୟେକ ଅଂଚଳକୁ ତ୍ରୁଟିଶୂନ୍ୟ ଭାବେ ବ୍ଲକରେ ବିଭକ୍ତ କରିବା ଓ ପରିସୀମା ନିର୍ଦ୍ଧାରଣ, ସିଏମ୍ଏମ୍ଏସ୍ ବ୍ୟବସ୍ଥାର ବ୍ୟବହାର: ତଦାରଖ ଏବଂ ତଥ୍ୟ ପରିଚାଳନା ପାଇଁ ମେନ୍ସ ମ୍ୟାନେଜମେଂଟ ଆଣ୍ଡ ମନିଟରିଙ୍ଗ ସିଷ୍ଟମର ପ୍ରୟୋଗ, କ୍ଷେତ୍ର ସ୍ତରରେ ଜନଗଣନାକୁ ଶାନ୍ତିଶୃଙ୍ଖଳା ଓ ସଫଳତାର ସହ ପରିଚାଳନା କରିବା ପାଇଁ ପ୍ରଶାସନିକ ସଜବାଜ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ଓ ପ୍ରଶିକ୍ଷଣ ଦିଆଯାଉଛି।

ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ବିକାଶ ତଥା ଭବିଷ୍ୟତ ଯୋଜନା ପ୍ରସ୍ତୁତି ପାଇଁ ଜନଗଣନା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଏଣୁ ଏହି ମହତ୍ କାର୍ଯ୍ୟକୁ ସଫଳ କରିବା ନିମନ୍ତେ ଗଣନାକାରୀ କର୍ମଚାରୀମାନଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରି ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଅନୁରୋଧ କରାଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ସମସ୍ତ କର୍ମଚାରୀଙ୍କୁ ସହକାରୀ ନିର୍ଦ୍ଦେଶକ, ଜନଗଣନା ପରିଚାଳନା ନିର୍ଦ୍ଦେଶାଳୟ ଶ୍ରୀ ଲକ୍ଷ୍ମଣ ମୁଖୀ, ପରିସଂଖ୍ୟାନ ଅନୁସନ୍ଧାନକାରୀ ଅଭିଷେକ ମିଶ୍ର ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, କୁଚିଣ୍ଡା ଉପଜିଲ୍ଲାପାଳ ସି. ସର୍ବାନନ ଓ ସମ୍ବଲପୁର ସଦର ଉପଜିଲ୍ଲାପାଳ ଡ ପୁଷ୍ପାଞ୍ଜଳି ପଣ୍ଡା, ଜିଲ୍ଲା ଯୋଜନା ଓ ସମନ୍ୱୟ ଏକକର ଉପ ନିର୍ଦ୍ଦେଶକ, ରେଙ୍ଗାଲି ଓ ବାମରା ବ୍ଲକ ଉନ୍ନୟନ ଅଧିକାରୀ, ସମସ୍ତ ବିଜ୍ଞାପିତ ଅଂଚଳ ପରିଷଦ ଅଧିକାରୀଙ୍କ ସମେତ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ଡେପୁଟି କଲେକ୍ଟର ମାନେ ଉପସ୍ଥିତ ଥିଲେ।

ରସୁଲପୁର ବ୍ଲକ କଳଣଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା: ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ

ଧର୍ମଶାଳା,୨୯/୧୦ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ କଳଣସ୍ଥିତ ମଧୁପୁର ସରକାରୀ ନୋଡାଲ ହାଇସ୍କୁଲ ଖେଳ ପଡିଆରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରସୁଲପୁର ବ୍ଲକ ଉନ୍ନୟନ ଅଧିକାରୀ ସତ୍ୟାନନ୍ଦ ଦାସ, ସମ୍ମାନିତ ଅତିଥିଭାବେ ଜିଲା ମତ୍ସ୍ୟ ସମ୍ପଦ ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି, ଅତିରିକ୍ତ ଜିଲା ଅଧିକାରୀ ଡକ୍ଟର ସୁଶାନ୍ତ ବେହେରା, ରାଜ୍ୟ ନୋଡାଲ ଅଧିକାରିଣୀ ରଞ୍ଜିତା ବେହେରା, ଓ ୟୁ ଟି ର ପ୍ରଫେସର ରଞ୍ଜିତ ନାୟକ ଯୋଗଦେଇ ମେଳାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଚାକିରୀ ପଛରେ ନ ଧାଇଁ ଓ ଦାଦନ ନ ଯାଇ ନିଜେ ଆତ୍ମ ନିର୍ଭରଶୀଳ ହୋଇ ଏକ ସୁସ୍ଥ ସମାଜ ପାଇଁ ପଶୁ ସମ୍ପଦର ଉପକାରିତା ଏବଂ ଏହା ଦ୍ୱାରା ବ୍ୟକ୍ତି ତଥା ପରିବାରର ଅର୍ଥନୈତିକ ଦୃଢ଼ତା ସଂପର୍କରେ ଆଲୋକପାତ କରିବା ସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଗୋସମ୍ପଦ ଯୋଜନାରେ ଦିଆ ଯାଉଥିବା କୁକ୍କୁଡ଼ା, ଗାଇ, ଛେଳି, ମଇଁଷି, ଘୁଷୁରୀ ପାଳନ ,ଘାଷ ଚାଷ କରି କିପରି ଉପକୃତ ହୋଇ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସୂଚନା ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ତୀର୍ଥରାଜ ପଣ୍ଡା, କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା ,ଯାଜପର ସାଂସଦଙ୍କ ବ୍ଲକ ପ୍ରତିନିଧି ଲକ୍ଷ୍ମୀଧର ପତି ଓ ଗୀତାଞ୍ଜଳି ଦାସ, ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ମତ୍ସ୍ୟ ଓ ଗୋ - ପାଳନ କରି ଆତ୍ମନିର୍ଭରଶୀଳ ହେଇଥିବା ରଶ୍ମିତା ଦାସ, ଶ୍ରୀକାନ୍ତ ଦାସ , ରାହାବାଳୀ ସାହୁ, ମନୋରମା ରାଉତ, ସୁରେଶ ପୁରୀ, ଦିବାକର ପାଣି, କେଶବ ଚନ୍ଦ୍ର ଜେନା,ଅସ୍ମିତା ମହାନ୍ତି, ଅଶୋକ କୁମାର ବାରିକଙ୍କୁ ବୀମା ରାଶି ପ୍ରଦାନ କରାଯିବା ସହ ମଧୁପୁର ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ କୃଷ୍ଣାରାଣୀ ବେହେରା ଓ ଜିଲା ସ୍ତରୀୟ ଖେଳ କୁଦରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ଜଗତ ଜୀବନ ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ପ୍ରଦ୍ୟୁମ୍ନ ରଞ୍ଜନ ରାଉତଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଶେଷରେ ବ୍ଲକ ପଶୁ ସମ୍ପଦ ଅଧିକାରୀ ମୁନମୁନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରସ୍ତୁତି ପଥେ ସାମାଜିକ ନାଟକ ବିଧାତା ଲେଖିଛି ନୂଆ କାହାଣୀ

ପୁରୀ,୨୯/୧୦ (ନି.ପ୍ର): ପୁରୀଜିଲ୍ଲା ସାକ୍ଷୀଗୋପାଳ ସ୍ଥିତ ସଂସ୍କୃତି ସମ୍ପନ୍ନ ଐତିହ୍ୟ ଗ୍ରାମ ଶ୍ରୀରାମଚନ୍ଦ୍ରପୁର ଶାସନ। ଚଳିତମାସ ୩୧ ତାରିଖ ଶନିବାର ରାତ୍ର ୧୧ ଘଟିକାରେ ଶ୍ରୀରାମଚନ୍ଦ୍ରପୁର ଡ୍ରାମାଟିକ କ୍ଲବ ଦ୍ୱାରା ଆୟୋଜିତ ହସକାନ୍ଦ,ଲହୁଲୁହ ଓ ନୃତ୍ୟ ଛନ୍ଦଭରା ଭିନ୍ନ ସ୍ୱାଦର ସାମାଜିକ ନାଟକ ମଞ୍ଚସ୍ଥ ହେବ ନାଟକ ବିଧାତା ଲେଖିଛି ନୂଆ କାହାଣୀ। ଶ୍ରୀରାମଚନ୍ଦ୍ରପୁର ଡ୍ରାମାଟିକ କ୍ଲବର ସଦସ୍ୟ ମାନେ ନାଟକ କୁ ସରସ ସୁନ୍ଦର କରିବା ପାଇଁ ଯୋରଦାର ପ୍ରସ୍ତୁତି ସହ ରିହଲସେଲ ଚଳାଇଛନ୍ତି। ଏହି ନାଟକକୁ ଲେଖିଛନ୍ତି ନାଟ୍ୟକାର ଅନନ୍ତ ଓଝା ଓ ନିର୍ଦ୍ଦେଶନା ଦେଇଛନ୍ତି ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପ ନିର୍ଦ୍ଦେଶକ ଜିତେନ୍ଦ୍ର ପଟ୍ଟନାୟକ। କ୍ଲବର ସଭାପତି ଅଜିତ୍ ନନ୍ଦ ଓ ସମ୍ପାଦକ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ଅକ୍ଳାନ୍ତ ପରିଶ୍ରମରେ ପ୍ରସ୍ତୁତି ଆଗେଇ ଚାଲିଛି। ଅଂଶଗ୍ରହଣ କରିଥିବା କଳାକାର ମାନେ କିଭଳି ନାଟକ ଜୀବନ୍ତ ହେବ ସେଥିପାଇଁ ଦିନ ରାତି ଅଭ୍ୟାସରେ ଲାଗି ପଡିଛନ୍ତି। ଆଖପାଖ ଅଞ୍ଚଳର ଦର୍ଶକ ମାନଙ୍କୁ ଏହି ନାଟକ ଦେଖିବା ସହ କଳାକାର ମାନଙ୍କୁ ଉତ୍ସାହିତ କରିବା ପାଇଁ ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାଂସ୍କୃତିକ ପରିଷଦ ଓ ଡ୍ରାମାଟିକ କ୍ଲବ ସଦସ୍ୟ ବୃନ୍ଦ ଅନୁରୋଧ କରିଛନ୍ତି।

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପରୁ ସେଚପାଇଁ ଜଳ ଯୋଗାଣ ଆରମ୍ଭ


ବଲାଙ୍ଗୀର,୨୯/୧୦ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପରୁ ଚାଷଜମିକୁ ଜଳଯୋଗାଣ ଆରମ୍ଭ ହୋଇଛି। ଏହି ପ୍ରକଳ୍ପର ବାମ କେନାଲ ଦ୍ୱାରା ୧୩୧୩୦ ହେକ୍ଟର ଚାଷଜମିକୁ ପାଣି ମାଡୁଥିବା ଜଣାଯାଇଛି। ଲୋଇସିଂହା ବ୍ଲକ ଅନ୍ତର୍ଗତ ୫୨ଟି ଗ୍ରାମ ସମେତ ବଲାଙ୍ଗୀର ବ୍ଲକର ୧୩ଟି ଗ୍ରାମର ଚାଷଜମିକୁ ବାମ କେନାଲ ବାଟେ ଜଳ ଯୋଗାଣ ହେଉଛି। ଏଥିସହିତ ୨୬ ନଂ ଜାତୀୟ ରାଜପଥର ବାମ ପାର୍ଶ୍ୱରେ ସେଚାଂଚଳ ସୀମା ସ୍ଥିର କରାଯାଇଛି। ଲୋଇସିଂହା ଗ୍ରାମ ପଂଚାୟତର ସେଚାଂଚଳ ଆର୍ଏମ୍-୯, ଆର୍ଏମ୍-୧୦, ଏଲ୍ଏମ୍-୫ ବିତରଣ ପ୍ରଣାଳୀର ଅଧିକାଂଶ ଅଂଶ ପ୍ରକଳ୍ପର ନିମ୍ନ ଅଂଶରେ ଅବସ୍ଥିତ। ଆର୍ଏମ୍-୯, ଆର୍ଏମ୍-୧୦ ଏବଂ ଏଲ୍ଏମ୍-୫ ମୁଣ୍ଡରେ ପରୀକ୍ଷା ମୂଳକ ଭାବେ ଜଳସେଚନ କରାଯାଉଛି। ଜଳସେଚନ ପାଇଁ ସୀମିତ କ୍ଷମତା ଥିବାରୁ ଏହି ଅନୁମୋଦିତ ସେଚାଂଚଳ ଉପରେ ଆଧାର କରି ଲୋଇସିଂହା ପଂଚାୟତର ଡୋଲମହୁଲ ମୌଜାର ୪୧.୬୮ ହେକ୍ଟର, ସୁଜିଆ ମୌଜାର ୧୬୨.୬୮ ହେକ୍ଟର ଓ କର୍ଲିପାଟ ମୌଜାର ୧୬୨.୬୮ ହେକ୍ଟର ଚାଷଜମି ଜଳସେଚିତ ହେଉଥିବା ଜଣାଯାଇଛି। ଏଥିସହିତ ହୀରାପୁର ପଂଚାୟତ ଅଧୀନ ମାଣ୍ଡିଆପଦର ଗ୍ରାମର ୧୬୨.୮ ହେକ୍ଟର ଜମିକୁ ପରୀକ୍ଷା ମୂଳକ ଭାବେ ଜଳସେଚନ ପ୍ରକ୍ରିୟା ଚାଲିଛି। ହୀରାପୁର ପଂଚାୟତ ଅନ୍ତର୍ଗତ ହୀରାପୁର, ଟେଭାଡୁଙ୍ଗୁରୀ, ଗୋପାଳପୁର, ବାର୍ଡୋଲ ତଥା ବୁର୍ଦ୍ଧା ପଂଚାୟତର ଗ୍ରାମଗୁଡ଼ିକ ଅନୁମୋଦିତ ସେଚାଂଚଳ ଅଧିନରେ ନଥିବାରୁ ଉପରୋକ୍ତ ଗ୍ରାମଗୁଡ଼ିକୁ ଜଳସେଚନ ହୋଇପାରୁ ନାହିଁ। ଉପରୋକ୍ତ ଗ୍ରାମଗୁଡ଼ିକୁ ଅଙ୍ଗନଦୀର ମେଗାଲିଫ୍ଟ ଯୋଜନା ମାଧ୍ୟମରେ କୁଟାସିଂହା ଠାରେ ପ୍ରସ୍ତାବିତ ଆଇଏସ୍ଏସ୍ରୁ ଜଳସେଚନ କରାଯିବା ସକାଶେ ପ୍ରସ୍ତାବ ରହିଥିବା ଜଣାଯାଇଛି।

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ 'ସିଏମ୍-ସମ୍ପଦା' ଯୋଜନାର ସମୀକ୍ଷା ବୈଠକ

ବିଭିନ୍ନ ଉନ୍ନୟନମୂଳକ ପ୍ରସ୍ତାବ ଓ ପାଣ୍ଠି ଆବଶ୍ୟକତା ନେଇ ବିସ୍ତୃତ ଆଲୋଚନା

ଝାରସୁଗୁଡ଼ା,୨୯/୧୦ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଆଜି ଅଧ୍ୟକ୍ଷତାରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ 'ସିଏମ୍-ସମ୍ପଦା' ଯୋଜନାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ତଥା_ସ୍ତାବିତ ବିଭିନ୍ନ ଜନହିତକର ଓ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ତର୍ଜମା କରାଯାଇ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରାଯାଇଛି। ବୈଠକରେ ପୂର୍ବରୁ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଅନୁମୋଦିତ ହୋଇଥିବା ବିଭିନ୍ନ ବିଭାଗର ପ୍ରସ୍ତାବଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏଥିରେ ବିଦ୍ୟାଳୟ ଛାତ୍ରାବାସଗୁଡ଼ିକର ଉନ୍ନତୀକରଣ, ଟେକ୍-ହୋମ୍ ରାସନ୍ ଏବଂ ଏମଏମଡିପି ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା। ଏହା ସହିତ ଛାତ୍ରବୃତ୍ତି ପ୍ରଦାନ, ସାମାଜିକ ସୁରକ୍ଷା ନେସନ୍ ଏବଂ ଜିଲ୍ଲାର ସମସ୍ତ ଅଞ୍ଚଳକୁ ବିଶୁଦ୍ଧ ।ନୀୟ ଜଳ ଯୋଗାଣ ପଦକ୍ଷେ ଉପରେ ବିଭାଗୀୟ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଦକ୍ଷେ ଅଧୀନରେ ଆବଶ୍ୟକ ହେଉଥିବା ପାଣ୍ଠି ମଞ୍ଜୁରୀ ପାଇଁ ସମସ୍ତ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଧାରିତ ଫର୍ମାଟ୍ ରେ ତୁରନ୍ତ ପ୍ରସ୍ତାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। 'ସିଏମ୍-ସମ୍ପଦା' ଯୋଜନା ଅଧୀନରେ ଆଗାମୀ କାର୍ଯ୍ୟନ୍ୱାକୁ ତ୍ୱରାନ୍ୱିତ କରିବା ନିମନ୍ତେ ସମସ୍ତ ବିଭାଗ ଧାର୍ଯ୍ୟ ସମୟ ସୀମା ଭିତରେ ସଠିକ୍ ତଥ୍ୟ ଓ_ସ୍ତାବ ପ୍ରଦାନ କରିବା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱାରୋ କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଶକ୍ତି ପ୍ରସାଦ ପାଢ଼ୀ, ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବେତଡାରେ ଲକ୍ଷ୍ମୀପୂଜା ମହାସମାରୋହରେ ଅନୁଷ୍ଠିତ



ବାସୁଦେବପୁର, ୨୯/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡା ବଜାରରେ ଲକ୍ଷ୍ମୀ ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ପୂଜା ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ସମୁଦାୟ ଆଠଟି ଅନୁଷ୍ଠାନରେ ଆଠଟି ମଣ୍ଡପରେ ମା ଲକ୍ଷ୍ମୀ ପୂଜା ପାଉଛନ୍ତି । ସର୍ବ ପୁରାତନ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମହା ସମାରୋହରେ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇ ଯାଇଛି । ୧୯୪୭ ମସିହାରୁ ପୂଜା ଆରମ୍ଭ ହୋଇଛି ସର୍ବ ପୁରାତନ ଲକ୍ଷ୍ମୀ କମିଟି ଓ ଦୀର୍ଘ ଅଶି ବର୍ଷ ହେଲା ପୂଜା ଚାଲିଛି । ଧଳା ମାର୍ବଲ ପଥରରେ ମୂର୍ତ୍ତି ପୂଜା ପାଉଛନ୍ତି । ଏହି ସର୍ବ ପୁରାତନ ଲକ୍ଷ୍ମୀ ପୂଜା କମିଟିର ସଭାପତି ଅଛନ୍ତି ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଓ ସମ୍ପାଦକ ସୁରେନ୍ଦ୍ର ପ୍ରସାଦ ବେଜ । ସେହିପରି ଗୋରୁ ହାଟ ପଡ଼ିଆରେ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇ ଯାଇଛି । ଏହି କମିଟିର ସଭାପତି ଅଛନ୍ତି ରାଜେନ୍ଦ୍ର ସାହୁ ଓ ସମ୍ପାଦକ ଅଛନ୍ତି ମନ୍ମଥ ନାୟକ । କଚେରୀ ବଜାର ମାଆ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇ ଯାଇଛି । ଏହି କମିଟିର ସଭାପତି ଅଛନ୍ତି ବୈକୁଣ୍ଠ ପାକଳ ଓ ସମ୍ପାଦକ ଅଛନ୍ତି ପ୍ରଭାକର ବେହେରା । ସେହିପରି ଶୁଭଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇ ଯାଇଛି । ଏହି କମିଟିର ସଭାପତି ଅଛନ୍ତି ଶଙ୍କର୍ଷଣ ବେହେରା ଓ ସମ୍ପାଦକ ଅଛନ୍ତି ସତ୍ୟ ନାରାୟଣ ପଣ୍ଡା । ସେହିପରି ମା ଲକ୍ଷ୍ମୀ ଠାକୁରାଣୀ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇ ଯାଇଛି । ଏହି କମିଟିର ସଭାପତି ଅଛନ୍ତି କୃଷ୍ଣ ଚନ୍ଦ୍ର ସାହୁ ଓ ସମ୍ପାଦକ ଅଛନ୍ତି ଗୋବିନ୍ଦ ଚନ୍ଦ୍ର ମଲ୍ଲିକ । ସେହିପରି ମା ଧନ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇ ଯାଇଛି । ଏହି କମିଟିର ସଭାପତି ଅଛନ୍ତି ସତ୍ୟବ୍ରତ ଶତପଥୀ ଓ ସମ୍ପାଦକ ଅଛନ୍ତି ସନ୍ତୋଷ ବିଶ୍ୱାଳ । ସେହିପରି ବିଜୟା ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇ ଯାଇଛି । ଏହି କମିଟିର ସଭାପତି ଅଛନ୍ତି ସନ୍ତୋଷ ଗାହାଣ ଓ ସମ୍ପାଦକ ଅଛନ୍ତି ଅଶୋକ ଗାହାଣ । ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇ ଉଠିଛି ବେତ ଡା ଲକ୍ଷ୍ମୀ ପୂଜା । ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତ ମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ । ଏହି ଲକ୍ଷ୍ମୀ ପୂଜା ଦେଖିବା ପାଇଁ ବିଭିନ୍ନ ଜିଲ୍ଲାରୁ ଜନ ସାଧାରଣ ଯୋଗ ଦେଇଛନ୍ତି । ଏହି ଅବସରରେ ଯାତ୍ରା ପାର୍ଟି ସ୍ୱର୍ଣ୍ଣ ମହଲ, ସିଂହ ବାହିନୀ, ଯାତ୍ରା ଦୁର୍ଗା ମନ୍ଦିର ଓ ଅପେରା ଶ୍ରୀ ମନ୍ଦିର ଏହି ଲକ୍ଷ୍ମୀ ପୂଜାରେ ନାଟକ ମଞ୍ଚସ୍ଥ କରୁଛନ୍ତି ।

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଇସ୍ପାତ ଜେନେରାଲ୍ ହସ୍ପିଟାଲରେ 'ଆନ୍ତର୍ଜାତୀୟ ସଂକ୍ରମଣ ପ୍ରତିରୋଧ ସପ୍ତାହ-୨୦୨୬' ପାଳିତ



ରାଉରକେଲା, ୨୯/୧୦ (ନି.ପ୍ର): ସେଲ୍ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର.ଏସ.ପି) ର ଇସ୍ପାତ ଜେନେରାଲ ହସ୍ପିଟାଲ ପକ୍ଷରୁ ନର୍ସିଂ ଅଫିସର, ପାରାମେଡିକାଲ କର୍ମଚାରୀ ଏବଂ ନର୍ସିଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂକ୍ରମଣ ପ୍ରତିରୋଧ ଏବଂ ନିୟନ୍ତ୍ରଣ ଅଭ୍ୟାସ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏବଂ ରୋଗୀଙ୍କ ସୁରକ୍ଷା ତଥା ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନକୁ ଗୁରୁତ୍ୱ ଦେଇ ନିକଟରେ ସଂକ୍ରମଣ ପ୍ରତିରୋଧ ସପ୍ତାହ ୨୦୨୬ ପାଳନ କରାଯାଇଛି । ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବାର ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାରୀ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମାଇକ୍ରୋବାୟୋଲୋଜିଷ୍ଟ ଡାକ୍ତର ରାଜୀବ କୁମାର ସେଠ; ଭୂତାଣୁ ବିଜ୍ଞାନୀ ତଥା ସଂକ୍ରମଣ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ଆଶିତ ଭୂଷଣ ଏକ୍କେସ୍; ହସ୍ପିଟାଲ ପ୍ରଶାସନର ପରିଚାଳକ ଡାକ୍ତର ଶ୍ରବଣ ସାଇ କୁମାର ଏବଂ ଅନ୍ୟାନ୍ୟ ବରିଷ୍ଠ ଡାକ୍ତରମାନେ ଉପସ୍ଥିତ ଥିଲେ । ଆର୍.ଏସ୍.ପି.ର ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବାର ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାରୀ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ ତାଙ୍କ ଅଭିଭାଷଣରେ ରୋଗୀମାନଙ୍କୁ ସୁରକ୍ଷା ଦେବା, ସ୍ୱାସ୍ଥ୍ୟସେବା ଜନିତ ସଂକ୍ରମଣକୁ ହ୍ରାସ କରିବା ଏବଂ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ତଥା ସୁରକ୍ଷାର ଉଚ୍ଚ ମାନ ବଜାୟ ରଖିବାରେ ସଂକ୍ରମଣ ପ୍ରତିରୋଧର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଆର୍.ଏସ୍.ପି. ର ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବାର ଉପ-ପ୍ରାଧାରାପତି ତଥା ନର୍ସିଂ ଶିକ୍ଷାର ଇନ୍-ଚାର୍ଜ ଡାକ୍ତର ନବନୀତା ଜେନା ସଂକ୍ରମଣ ପ୍ରତିରୋଧ ଏବଂ ନିୟନ୍ତ୍ରଣ ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ । ସେ ମାନକ ସତର୍କତା ଅବଲମ୍ବନ କରିବା, ନିରାପଦ ସ୍ୱାସ୍ଥ୍ୟସେବା ଅଭ୍ୟାସକୁ କାର୍ଯ୍ୟକାରୀ କରିବା ଏବଂ ସ୍ୱାସ୍ଥ୍ୟସେବା ଜନିତ ସଂକ୍ରମଣକୁ ପ୍ରତିରୋଧ କରିବାରେ ସ୍ୱାସ୍ଥ୍ୟସେବା ବୃତ୍ତିଜୀବୀମାନଙ୍କର ମିଳୁତ ଦାୟିତ୍ୱର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଆଇ.ଜି.ଏଚ୍. ର ସଂକ୍ରମଣ ନିୟନ୍ତ୍ରଣ ନର୍ସ କୁମାରୀ ରାହିଲ ଟପ୍ପୋ ସଂକ୍ରମଣ ପ୍ରତିରୋଧ ସପ୍ତାହ ୨୦୨୬ ର ବିଷୟବସ୍ତୁ, 'ଜେନେରେସନ୍ସ ଅଫ୍ ଇନଫେକ୍ସନ ପ୍ରିଭେନସନ୍: ପାଷ୍ଟ. ପ୍ରେଜେଣ୍ଟ. ପ୍ରୋଟେକ୍ଟେଡ୍' ଉପସ୍ଥାପନ କରିଥିଲେ । ଏହି ବିଷୟବସ୍ତୁ ବର୍ଷ ବର୍ଷ ଧରି ସଂକ୍ରମଣ ପ୍ରତିରୋଧ ଅଭ୍ୟାସର ବିକାଶକୁ ଆଲୋକିତ କରିଥିଲା ଏବଂ ଏକ ନିରାପଦ ସ୍ୱାସ୍ଥ୍ୟସେବା ପରିବେଶ ସୁନିଶ୍ଚିତ କରିବା ପାଇଁ ସଂକ୍ରମଣ ନିୟନ୍ତ୍ରଣ ପଦକ୍ଷେପଗୁଡ଼ିକୁ ମଜବୁତ କରିବାର ନିରନ୍ତର ଗୁରୁତ୍ୱକୁ ଦର୍ଶାଇଥିଲା । ଆଇ.ଜି.ଏଚ୍. ର ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀମତୀ ମୀରା ପତିଙ୍କ ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମଟି ଶେଷ ହୋଇଥିଲା । ନର୍ସିଂ ଅଫିସର, ପାରାମେଡିକାଲ କର୍ମଚାରୀ ଏବଂ ନର୍ସିଂ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରାୟ ୮୦ ଜଣ ଅଂଶଗ୍ରହଣକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଏବଂ ସଂକ୍ରମଣ ପ୍ରତିରୋଧ ଏବଂ ନିୟନ୍ତ୍ରଣ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦୃଢ଼ କରିଥିଲେ । ଏହି କାର୍ଯ୍ୟକ୍ରମକୁ କୁମାରୀ ରାହିଲ ଟପ୍ପୋ ପରିଚାଳନା କରିଥିଲେ । ଏହି ପାଳନ ସଂକ୍ରମଣ ପ୍ରତିରୋଧ ଏବଂ ନିୟନ୍ତ୍ରଣ ଅଭ୍ୟାସକୁ ମଜବୁତ କରିବା ଏବଂ ସମଗ୍ର ଅନୁଷ୍ଠାନରେ ରୋଗୀ ସୁରକ୍ଷା, ବୃତ୍ତିଗତ ଉତ୍ତରଦାୟିତ୍ୱ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଏକ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଇସ୍ପାତ ଜେନେରାଲ ହସ୍ପିଟାଲର ପ୍ରତିବଦ୍ଧତାକୁ ପୁନଃପ୍ରମାଣିତ କରିଛି ।

ତପସ୍ୟା ଭବନ ବ୍ରହ୍ମାକୁମାରୀଜ ପକ୍ଷରୁ ଚୈତନ୍ୟ ଦେବୀ ମଣ୍ଡପ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୨୯/୧୦ (ନି.ପ୍ର): କେନ୍ଦ୍ରାପଡ଼ା ସହରରେ ଶାରଦୀୟ ଗଜଲକ୍ଷ୍ମୀ ପୂଜାର ଚଳିତ ବର୍ଷ ଶତବାର୍ଷିକୀ ପାଳନ କରାଯାଉଥିବା ବେଳେ ବଡ଼ହାଟ ସ୍ଥିତ ତପସ୍ୟା ଭବନ ବ୍ରହ୍ମା କୁମାରୀଜ୍ ସଂସ୍ଥା ପକ୍ଷରୁ ଚୈତନ୍ୟ ଦେବୀ ମଣ୍ଡପ ଉଦଘାଟିତ ହୋଇଯାଇଛି । କାକଟମଙ୍ଗଳା ପୂଜା ମଣ୍ଡପ ସାମ୍ନାରେ ଏହି ନିଆରା ପାରମ୍ପରିକ ଝାଙ୍କି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷା ସରିତା ସାହୁ, ମୁଖ୍ୟବକ୍ତା ଭାବେ ସମବାୟବିତ ଇଂ ଅକ୍ଷୟ କୁମାର ପାଣି ଓ ସମ୍ମାନିତ ଅତିଥିଭାବେ କାଉନସିଲର ଉମେଶ ଚନ୍ଦ୍ର ନାୟକ,ବିକେ ପ୍ରତିଭା ପ୍ରମୁଖ ଯୋଗଦେଇ ସାଂପ୍ରତିକ ସମାଜରେ ଆଧାତ୍ମିକ ଜୀବନ ଚର୍ଯ୍ୟା ହିଁ ମଣିଷ ଜୀବନରେ ଦିବ୍ୟତା ଓ ଶୁଦ୍ଧତା ଆଣିବା ସହ ଶାନ୍ତିର ମାର୍ଗକୁ ପ୍ରଶସ୍ତ କରିପାରିବ ବୋଲି ବକ୍ତବ୍ୟ ପ୍ରସଙ୍ଗରେ କହିଥିଲେ । କେନ୍ଦ୍ର ମୁଖ୍ୟ ସଂଚାଳିକା ବିକେ ରାନୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ବିକେ ଧରଣୀଧର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ରାଜଯୋଗ ଦ୍ୱାରା ଆତ୍ମା ଓ ପରମାତ୍ମାଙ୍କ ଦିବ୍ୟ ମିଳନ ଉଦ୍ଦେଶ୍ୟରେ ବ୍ରହ୍ମାକୁମାର ଭାଇ ଓ ଭଉଣୀମାନଙ୍କ ଦ୍ୱାରା ଜୀବନ୍ତ ଲକ୍ଷ୍ମୀ, ଶଙ୍କର ପାର୍ବତୀ, ଗଣେଷ ଆଦିଙ୍କର ଝାଙ୍କି ଦେଖିବାକୁ ଜନଗହଳି ବେଶ୍ ବୃଦ୍ଧି ପାଇଥିଲା ।

୨୪ ଘଣ୍ଟା ଭିତରେ ସୁଧୁରିବ ରେଲୱେ ଟ୍ରାକ ସ୍ଥିତି: ସିପିଆରଓ

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ବାତ୍ୟା ଯୋଗୁ ପ୍ରଭାବିତ ହୋଇଥିବା ଟ୍ରେନ ଚଳାଚଳ ଉପରେ ପ୍ରତିକ୍ରିୟା ରଖିଛନ୍ତି ପୂର୍ବତଟ ରେଳବାଇ ସିପିଆରଓ ଦୀପକ ରାଉତ । ସେ କହିଛନ୍ତି ଯେ, ୨୪ ଘଣ୍ଟା ଭିତରେ ସୁଧୁରିବ ରେଲୱେ ଟ୍ରାକ ସ୍ଥିତି । ଆଜି ସନ୍ଧ୍ୟା ସୁଦ୍ଧା ପାଣି କମିଲେ ଟ୍ରେନ ଚଳାଚଳ ସ୍ୱାଭାବିକ ନେଇ ଯାହା କହିହେବ । ଅର୍ଣ୍ଣବ ଯୋଗୁଁ ଗଞ୍ଜାମ ଜିଲ୍ଲା ବାଘଲତି ଡ୍ୟାମରେ ପାଣି ବିପଦ ସଂକେତ ଉପରେ ପ୍ରବାହ କରୁଛି । ତେଣୁ ଇଚ୍ଛାପୂରମ ରେଳ ଓଭରବ୍ରିଜ ଉପରେ ପାଣି ବିପଦ ସଂକେତ ଉପରେ ଯାଉଛି । ପଲାସାକୁ ୩ ଟ୍ରେନ ବାତିଲ, ପଲାସାକୁ ୪ ଟ୍ରେନ ସର୍ଟ ଟର୍ମିନେସନ, ଲୋକେସନ କଣ୍ଟ୍ରୋଲ ୮ ଟି ଟ୍ରେନ ଓ ୬ ଟି ଟ୍ରେନ ଦିଗ ପରିବର୍ତ୍ତନ ହୋଇଛି । ମୁଖ୍ୟ ଶାସନ ସଚିବଙ୍କ ସହ ସମନ୍ୱୟ ରଖାଯାଇଛି । ଫସିଥିବା ଯାତ୍ରୀଙ୍କ ଖାଦ୍ୟ ପାଇଁ ଅଲଗା ଷ୍ଟାଫ ଦିଆଯାଇଛି ।

'ସେଲ୍, ରାଉରକେଲା ଇସ୍ପାତ କାରଖାନା ନିଜର ସିଏସଆର୍ ପଦକ୍ଷେପ ଅଧୀନରେ ଲାଠିକଟାଠାରେ କମ୍ୟୁନିଟି ସେଣ୍ଟର ନିର୍ମାଣ କଲା



ରାଉରକେଲା, ୨୯/୧୦ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି) ନିଜର କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ (ସି.ଏସ.ଆର) ର ଏଣ୍ଟରପ୍ରାଇଜ୍ ସୋସିଆଲ୍ କମିଟମେଣ୍ଟ ପଦକ୍ଷେପ ଅଧୀନରେ ଲାଠିକଟା ବ୍ଲକ୍ ଅନ୍ତର୍ଗତ ବିରୁଆଲ୍ ଗ୍ରାମରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ କରିଛି । ୨୮ ଅକ୍ଟୋବର, ୨୦୨୬ ରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଆରଏସପି ର ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପ୍ରବନ୍ଧନ) ଶ୍ରୀ ଅନିଲ କୁମାରଙ୍କ ଦ୍ୱାରା ଏହି ନବନିର୍ମିତ ସାମୁଦାୟିକ କେନ୍ଦ୍ରର ଉଦଘାଟନ ହୋଇଯାଇଛି । ଏହି ଅବସରରେ ସିଏସଆରର ମହାପ୍ରବନ୍ଧକ ଶ୍ରୀ ବିଭାବସୁ ମଲ୍ଲିକ, ଉପ-ମହାପ୍ରବନ୍ଧକ ଶ୍ରୀ ଆର. ବାରା, ସହ-ମହାପ୍ରବନ୍ଧକ ଶ୍ରୀ ବିନାୟକ ଜେନା, ଉପ-ପ୍ରବନ୍ଧକ ଶ୍ରୀ ଏସ. କେ. ଶୁକ୍ଲା, ସିଏସଆର ବିଭାଗର କର୍ମଚାରୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଓ ସମ୍ପ୍ରଦାୟର ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଅଭିଭାଷଣ ରଖି ଶ୍ରୀ ଅନିଲ କୁମାର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ରହୁଥିବା ଲୋକଙ୍କ ଜୀବନଧାରଣର ମାନରେ ସୁଧାର ଆଣିବା ପାଇଁ ଆର.ଏସ.ପି ର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଉପସ୍ଥିତ ସମାବେଶକୁ ସ୍ୱାଗତ କରି ଶ୍ରୀ ମଲ୍ଲିକ ସାମୁଦାୟିକ କେନ୍ଦ୍ରର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ଏହା ଗ୍ରାମସଭା, ସାମାଜିକ ସମାବେଶ ଏବଂ ଅନ୍ୟାନ୍ୟ ସାମୁଦାୟିକ କାର୍ଯ୍ୟକଳାପ ପାଇଁ ଏକ ସାଧାରଣ ସ୍ଥାନ ପ୍ରଦାନ କରିବ । ଶ୍ରୀ ବିନାୟକ ଜେନାଙ୍କ ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା, ଯିଏକି ମାନ୍ୟଗଣ୍ୟ ବ୍ୟକ୍ତି, ଅଧିକାରୀ ଏବଂ ଗ୍ରାମବାସୀଙ୍କ ଉପସ୍ଥିତି ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ । ନବନିର୍ମିତ ସାମୁଦାୟିକ କେନ୍ଦ୍ରରେ ଏକ ପ୍ରଶସ୍ତ ହଲ୍, ଦୁଇଟି ଘର ଏବଂ ସାମ୍ନା ବାରଣ୍ଡା ରହିଛି । ସାମାଜିକ, ସାଂସ୍କୃତିକ ଏବଂ ଅନ୍ୟାନ୍ୟ ସାମୁଦାୟିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥାନୀୟ ସମ୍ପ୍ରଦାୟର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ସୁବିଧା ବିକଶିତ କରାଯାଇଛି, ଯାହାଦ୍ୱାରା ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ସାମାଜିକ ଭିତ୍ତିଭୂମି ସୁଦୃଢ଼ ହୋଇପାରିବ । ସାମୁଦାୟିକ କେନ୍ଦ୍ରର ଉଦଘାଟନ ଏବଂ ହସ୍ତାନ୍ତର ସାମୁଦାୟିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସ୍ଥାନୀୟ ସୁବିଧାଗୁଡ଼ିକର ସୁଧାର ଦିଗରେ ଆଉ ଏକ ପଦକ୍ଷେପ ଅଟେ । ଏହି କେନ୍ଦ୍ର ବିରୁଆଲର ଅଧିବାସୀଙ୍କ ପାଇଁ ଏକ ମୂଲ୍ୟବାନ ମିଳିତ ସ୍ଥାନ ଭାବରେ କାର୍ଯ୍ୟ କରିବ ଏବଂ ବିଭିନ୍ନ ସାମୁଦାୟିକ କାର୍ଯ୍ୟକଳାପରେ ସହାୟକ ହେବ ବୋଲି ଆଶା କରାଯାଉଛି ।'

ଗଞ୍ଜାମରେ ଏତେ ବର୍ଷା ହେବ ବୋଲି ଆକଳନ କରି ନଥିଲୁ: ଇଆଇସି

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଗଞ୍ଜାମରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି ବୋଲି ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ । ଗଣମାଧ୍ୟମକୁ ସୂଚନା ଦେଇ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ଯେ ଗଞ୍ଜାମରେ ଏତେ ବର୍ଷା ହେବ ବୋଲି ଆକଳନ କରି ନ ଥିଲୁ । ବର୍ତ୍ତମାନ ଋଷିକୁଲ୍ୟା ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ପୁରୁଷୋତମପୁରରେ ବିପଦ ସଂକେତ ୧୭ମି. ଉପରେ ଜଳସ୍ତର ୧୯ମି. ରହିଛି । ଆଉ ୩ରୁ ୪ ଘଂଟା ପର୍ଯ୍ୟନ୍ତ ଜଳସ୍ତର ବଢ଼ିବ, ତାପରେ କମିବ । ଆଜି ସନ୍ଧ୍ୟା ପରଠାରୁ ଗଞ୍ଜାମରେ ବନ୍ୟା ସ୍ଥିତିରେ ସୁଧାର ଆସିପାରେ । ଅନ୍ୟପକ୍ଷରେ ବଂଶଧାରା ଜଳସ୍ତର କମିବା ଆରମ୍ଭ କରିଛି ମାତ୍ର ରୁଷିକୁଲ୍ୟା ଉପରେ ନଜର ରହିଛି । ବାହୁଦା ନିକଟରେ ରେଲୱେ ବ୍ରିଜ୍ କୁ ପାଣି ଲାଗି ଯାଇଥିବା ସୂଚନା ମିଳିଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ବାତ୍ୟା ଅର୍ଣ୍ଣବରେ...

ପ୍ରାୟ ୪୨ ହଜାର ୫୦୦ ଲୋକ ପ୍ରଭାବିତ ହୋଇଥିବା ବେଳେ ୧୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପଟେ ପୁରୁଷୋତ୍ତମପୁର ଠାରେ ଋଷିକୁଲ୍ୟା ନଦୀର ଜଳସ୍ତର ବିପଦ ସଙ୍କେତ ଉପରକୁ ଯିବା ଆଶଙ୍କା ରହିଛି । ଅପରାହ୍ନ ୩ଟାରୁ ୪ଟା ମଧ୍ୟରେ ଜଳସ୍ତର ବୃଦ୍ଧି ପାଇବା ନେଇ ଆକଳନ କରାଯାଇଛି । ଫଳରେ ନଦୀକୂଳିଆ ଅଞ୍ଚଳରେ ଚିନ୍ତା ବଢ଼ିଛି । ଜଳବନ୍ଦୀ ଅଞ୍ଚଳରେ ଫସିଥିବା ଲୋକଙ୍କୁ ଉଦ୍ଧାର ପାଇଁ ପ୍ରଶାସନର ଉଦ୍ୟମ ଜାରି ରହିଛି । ଗୋପାଳପୁରର ଗୋଠପାଟଣାକୁ ନୋଡାଲ କେନ୍ଦ୍ର କରାଯାଇ ଉଦ୍ଧାର କାର୍ଯ୍ୟର ଯୋଜନା ହୋଇଛି । ତେବେ ଆକାଶରେ ଘନ ବାଦଲ ଥିବାରୁ ହେଲିକପ୍ଟର ଉଡ଼ାଣ ଓ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ପାଗରେ ସୁଧାର ଆସିଲେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ । ଗଞ୍ଜାମରେ ପୂର୍ବରୁ ୨୭ଟି ଡ଼ଡ଼ଜର ଟିମ୍ ନିୟୋଜିତ ଥିବା ବେଳେ ଏବେ ଟିମ୍ ସଂଖ୍ୟା ୫୨କୁ ବୃଦ୍ଧି କରାଯାଇଛି । ୨୪ଟି ଅଗ୍ନିଶମ ଟିମ୍ ସହ ଆଉ ୧୧ଟି ଟିମ୍ ମୁତୟନ କରାଯାଇଛି । ଏହାସହ ୧୬ଟି ଅତିରିକ୍ତ ବୋଟ୍, ୫ଟି ହାଇପାୱାର ପମ୍ପ ଏବଂ ୨୫ଟି ଘରୋଇ ବୋଟ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛି । ବାତ୍ୟା ଓ ବର୍ଷାକୁ ନେଇ ଗଞ୍ଜାମରେ ସ୍ଥିତି ଚିନ୍ତାଜନକ ରହିଥିବା ବେଳେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଜୋରଦାର କରାଯାଇଛି । ତେବେ ଗଞ୍ଜାମ ଜିଲ୍ଲା ବର୍ଷାଜନିତ ବିପଦ ଜୋନ୍‌ରେ ନାହିଁ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।

ରାଜ୍ୟସଭା କ୍ରସଭୋଟିଂ...

ହାଇକୋର୍ଟ ବା ସୁପ୍ରିମକୋର୍ଟ ଯିବା ପାଇଁ କୌଣସି ପ୍ରତିବନ୍ଧକ ନାହିଁ । ନ୍ୟାୟପାଳିକା ଉପରେ ଦଳର ସମ୍ପୂର୍ଣ୍ଣ ଆସ୍ଥା ରହିଛି ଓ ବିଶ୍ୱାସଘାତକତା କରିଥିବା ବିଧାୟକମାନଙ୍କ ବିରୋଧରେ ହାଇକୋର୍ଟଙ୍କ ଠାରୁ ବିଜେଡିକୁ ନିଶ୍ଚୟ ନ୍ୟାୟ ମିଳିବ ବୋଲି ସେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି । ସୂଚନାଯୋଗ୍ୟ, ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ୮ଜଣ ବିଜେଡି ବିଧାୟକଙ୍କ ସଦସ୍ୟତା ରଦ୍ଦ ପାଇଁ ଦଳ ପକ୍ଷରୁ ବାଚସ୍ପତିଙ୍କ ନିକଟରେ ଆବେଦନ କରାଯାଇଥିଲା । ଯାହାକୁ ପ୍ରକ୍ରିୟାଗତ ତ୍ରୁଟି ଦର୍ଶାଇ ବାଚସ୍ପତି ଖାରଜ କରିଦେବା ପରେ ଶ୍ରୀମତୀ ମଲ୍ଲିକ ହାଇକୋର୍ଟରେ ପୃଥକ ପିଟିସନ ଦାଖଲ କରି ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଛନ୍ତି । ଆବେଦନରେ ତ୍ରୁଟି ଥିଲେ ତାହା ସୁଧାରିବାକୁ ସୁଯୋଗ ନଦେଇ ଏଭଳି ଖାରଜ କରିବା ବେଆଇନ ବୋଲି ବିଜେଡି ଯୁକ୍ତି ବାଢ଼ିଛି । ଏହି ପ୍ରସଙ୍ଗରେ ହାଇକୋର୍ଟ ପୂର୍ବରୁ ବାଚସ୍ପତିଙ୍କୁ ନୋଟିସ କରିଥିବାବେଳେ ଜବାବ ରଖିବା ପାଇଁ ବାଚସ୍ପତି ଅଧିକ ସମୟ ଲୋଡ଼ିଥିଲେ । ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ସମସ୍ତ ୮ଜଣ ଦଳୀୟ ବିଧାୟକଙ୍କୁ ବିଜେଡି ନିଲମ୍ବନ କରିସାରିଛି । ହାଇକୋର୍ଟରେ ଏହି ସମସ୍ତ ୮ଜଣ ବିଧାୟକଙ୍କ ପାଇଁ ବିଜେଡି ପକ୍ଷରୁ ସ୍ୱତନ୍ତ୍ର ପିଟିସନ ବିଚାରାଧୀନ ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୫ଜଣ ବିଧାୟକଙ୍କ ମାମଲାର ନଥିପତ୍ର ଓ ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ଖଣ୍ଡପୀଠ ସମ୍ମୁଖକୁ ଶୁଣାଣି ପାଇଁ ଆସିଥିଲା । କୋର୍ଟ ସେହି ୫ଜଣଙ୍କୁ ନୋଟିସ୍ ଜାରି କରିଥିବା ଜଣାପଡ଼ିଛି ।

୨ ଦିନ ବଦଳରେ...

୨ ଦିନ ବଦଳରେବାଦାମପାହାଡ଼ ଓ ପୁରୀ ମଧ୍ୟରେ ନୂତନ ଦୈନନ୍ଦିନ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ ସହ ରାଇରଙ୍ଗପୁର ଓ ବାଦାମପାହାଡ଼ ଅମୃତ ଭାରତ ରେଳ ଷ୍ଟେସନ୍‌ର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି । ଗସ୍ତର ଶେଷ ଦିନରେ ରାଷ୍ଟ୍ରପତି ସିକିଲ୍ ସେଲ୍ ଆନିମିଆ ରୋଗରେ ପ୍ରଭାବିତ ବ୍ୟକ୍ତିଙ୍କୁ ଭେଟିବା ସହ ସେମାନଙ୍କ ସହ ଆଲୋଚନା କରିବେ । ଏହାପରେ ଦିନ ୧୨ଟାରେ ସଡ଼କ ପଥରେ ପଶ୍ଚିମବଙ୍ଗର କଲାଇକୁଣ୍ଡା ବିମାନବନ୍ଦର ଅଭିମୁଖେ ଯାତ୍ରା କରିବେ । ସେଠାରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ଫେରିଯିବେ ରାଷ୍ଟ୍ରପତି । ରାଷ୍ଟ୍ରପତିଙ୍କ ଏହି ତିନିଦିନିଆ ଗସ୍ତ ମୟୂରଭଞ୍ଜ ସମେତ ରାଜ୍ୟରେ ରେଳ, ସ୍ୱାସ୍ଥ୍ୟ ଓ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ରରେ ନୂଆ ଅଧ୍ୟାୟ ଯୋଡ଼ିବ ବୋଲି ଆଶା କରାଯାଉଛି ।

ଡିଜିଟାଲ୍ ଠକେଇରେ...

ଗିରଫ ହେବାର ଭୟ ଦେଖାଇ ଠକମାନେ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିବା କୁହାଯାଇଥିଲା । ଏହା ଉପରେ ପ୍ରଧାନ ବିଚାରପତି କହିଥିଲେ ଯେ, ମୋବାଇଲ୍ ଫୋନ୍‌ରେ କେହି ଗିରଫ କରିବାକୁ ଧମକ ଦେଲେ ଭୟଭୀତ ହେବାର ଆବଶ୍ୟକତା ନାହିଁ । ଠକଙ୍କ ଦ୍ୱାରା ପଠାଯାଇଥିବା ନକଲି କୋର୍ଟ ଆଦେଶକୁ ନ୍ୟାୟପାଳିକାର ଅଫିସିଆଲ୍ ୱେବସାଇଟ୍‌ରେ ଯାଞ୍ଚ କରାଯାଇପାରିବ । ଗ୍ରାହକଙ୍କ ପୂର୍ବ ଆର୍ଥିକ କାରବାରଠାରୁ ଭିନ୍ନ ତଥା ଅସ୍ୱାଭାବିକ ଟଙ୍କା ନେଣଦେଣ ହେଲେ ବ୍ୟାଙ୍କଗୁଡ଼ିକ ତାହାକୁ କିଛି ସମୟ ପାଇଁ ରୋକିବା ଉଚିତ ବୋଲି କୋର୍ଟ ପରାମର୍ଶ ଦେଇଛନ୍ତି । ଏଥିସହ ସ୍ଥାନୀୟ ପୋଲିସକୁ ସ୍ୱୟଂଚାଳିତ ଆଲର୍ଟ ପଠାଇ ଯାଞ୍ଚ କରିବାର ବ୍ୟବସ୍ଥା ରହିବା ଆବଶ୍ୟକ । ଅନ୍ୟପଟେ, ହ୍ୱାଟ୍ସଆପ୍ ପକ୍ଷରୁ କୋର୍ଟଙ୍କୁ କୁହାଯାଇଛି ଯେ ୯,୪୦୦ଟି ସନ୍ଦେହଜନକ ଆକାଉଣ୍ଟକୁ ବ୍ୟାନ୍ କରାଯାଇଛି । ଠକେଇ ରୋକିବା ପାଇଁ ଡିଭାଇସ୍ ?ରେ 'କିଲ୍ ସ୍ୱିଚ୍' ଏବଂ ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ କରୁଥିବା ସଫ୍ଟୱେର୍ ଭଳି ବ୍ୟବସ୍ଥା ଉପରେ ମଧ୍ୟ ବିଚାର କରାଯାଉଛି । ସୁପ୍ରିମକୋର୍ଟଙ୍କ ଏହି ପଦକ୍ଷେପ ଡିଜିଟାଲ୍ ଠକେଇ ରୋକିବା ସହ ପୀଡ଼ିତଙ୍କ ଟଙ୍କା ସୁରକ୍ଷା ଏବଂ ବ୍ୟାଙ୍କଗୁଡ଼ିକର ଜବାବଦେହିତା ନିର୍ଦ୍ଧାରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ହୋଇପାରେ । ତେବେ କ୍ଷତିପୂରଣ ସମ୍ପର୍କିତ ନିୟମର ଚୂଡ଼ାନ୍ତ ରୂପରେଖ ଆସିବା ପରେ ହିଁ ଏହାର ବିସ୍ତୃତ ପ୍ରଭାବ ସ୍ପଷ୍ଟ ହେବ ।

ଇସ୍ରାଏଲରେ ଆଗାମୀ ...

ପାର୍ଟି ସହ ହାତ ମିଳାଇବାକୁ ନେତାନ୍ୟାହୁ ରୋକଠୋକ୍ ମନା କରିଦେଇଥିଲେ, ତାର ସମର୍ଥନ ଲୋଡ଼ିବେ କି ? ଏ ଦେଶର ଭୋଟିଂ ଇତିହାସ ବି ଭାରି ବିଚିତ୍ର ।୨୦୨୧ରେ ମାତ୍ର ୪ ଆସନ ପାଇଥିବା ଏକ ଆରବ ପାର୍ଟି ଶାସନ କଲା । ହେଲେ ବେଶି ତିନି ଟିକ୍ପିପାରିଲାନି । କିନ୍ତୁ ଧୀରେ ଧୀରେ ଇସ୍ରାଏଲରେ ଆରବ୍ ପାର୍ଟିର ସଂଖ୍ୟା ବଢ଼ିଲା । ଏ କଥା ସ୍ପଷ୍ଟ କରୁଛି ଦେଶରେ ମୁସଲମାନଙ୍କ ସଂଖ୍ୟା ଏବଂ ଶକ୍ତି ବଢୁଛି । ଏବେ ସଂକ୍ଷେପରେ ଜାଣିବା ଇସ୍ରାଏଲର ଇଲେକ୍ସନ୍ ଗଣିତ । ଇସ୍ରାଏଲର ପାର୍ଲାଆମେଣ୍ଟ ନେସେଟ୍ର ମୋଟ ସଂଖ୍ୟା ୧୨୦ ଆସନ, ସରକାର ବନାଇବାକୁ ଦରକାର ୬୧ ସିଟ୍ । ଏବେଯାଏଁ ମିଳିଥିବା ଗଣତି ହିସାବରେ, ୯୦ ପ୍ରତିଶତ ଗଣତି ତ ଜଣାପଡ଼ିଛି । ନେତାନ୍ୟାହୁଙ୍କ ପାର୍ଟି ପାଇଛି ୫୩ ସିଟ୍, ଆଇଜନକଟ୍‌ଙ୍କୁ ମିଳିଛି ୪୮ ଏବଂ ଆରବ୍ ପାର୍ଟି ହାତେଇଛି ୧୮ ସିଟ୍ । ପୂର୍ବଥର ଆରବ୍ ପାର୍ଟି ୧୦ ଆସନ ହାତେଇଥବଲା ହେଲେ ଏଥର ୧୮ ପାଇଛି । ୨୦ରୁ ୧୮ ଆସନ ହାତେଇଥିବା ଆରବ ପାର୍ଟି ଏବେ ଧାର୍ଯ୍ୟ କରିବ ଇସ୍ରାଏଲର ସରକାର ଗଢ଼ିବ କିଏ , ଦେଶର ପ୍ରଧାନମନ୍ତ୍ରୀ ହେବ କିଏ ?ହେଲେ ଯଦି କାହାକୁ ବି ଏ ପାର୍ଟି ସମର୍ଥନ ନଦିଏ ତାହାଲେ କ'ଣ ପୁଣି ଥରେ ହେବ ନିର୍ବାଚନ ? ଗାଜା ଉପରେ ଘନ ଘନ ଆକ୍ରମଣ, ଆମେରିକା ସହ ମିଶି ଇରାନ୍ ଉପରେ ଆକ୍ରମଣ, ବିଶ୍ୱ ଅର୍ଥନୀତି ପ୍ରଭାବିତ ହେବା ଘଟଣା ଦେଶର ଜନତାଙ୍କୁ ଅତିଷ୍ଠ କରିଛି । ଏପଟେ ଆଇଜନକଟ୍ ବି ଜନତାପ୍ରିୟ ନୁହନ୍ତି । ତେଣୁ କାହାକୁ ମିଳିବ ଆରବ୍ ପାର୍ଟିର ସମର୍ଥନ , କିଏ ହେବ ଶାସକ , ଏସବୁ ଏବେ ବଡ଼ ପ୍ରଶ୍ନ ।

କର୍କଟ ଔଷଧ ଦାମ୍‌ରେ ବଡ଼ ..

କର୍କଟ ଔଷଧ ଦାମ୍‌ରେ ବଡ଼ ଅନ୍ୟପଟେ, କେତେକ ଅତ୍ୟନ୍ତ ଜରୁରୀ ଓ ଦାମୀ କର୍କଟ ଔଷଧର ମୂଲ୍ୟରେ କୌଣସି ହ୍ରାସ ହୋଇନାହିଁ । ଏକାଧିକ ପ୍ରକାରର କର୍କଟ ଚିକିତ୍ସାରେ ବ୍ୟବହୃତ ଇମ୍ୟୁନୋଥେରାପି ଔଷଧ 'କିଟ୍ରୁଡା'ର ଦାମ୍ ଏବେ ବି ୨ ଲକ୍ଷ ଟଙ୍କାରୁ ଅଧିକ ରହିଛି । ଟାଗ୍ରିସୋ, ଟେସେଣ୍ଟ୍ରିକ୍ ଓ ରିବୋସାଇକ୍ଲିବ୍ ଭଳି ଔଷଧର ଦାମ୍‌ରେ ମଧ୍ୟ ପରିବର୍ତ୍ତନ ହୋଇନାହିଁ । କର୍କଟ ଔଷଧର ଅଧିକ ଦାମ୍‌କୁ ନେଇ ସୁପ୍ରିମକୋର୍ଟ ମଧ୍ୟ ଚିନ୍ତା ପ୍ରକାଶ କରିଥିଲେ । ସେପ୍ଟେମ୍ବର ୨୯ରେ ଏକ ମାମଲାର ଶୁଣାଣି ବେଳେ ଔଷଧର ମୂଲ୍ୟ ଓ ବଜାର ଦର ମଧ୍ୟରେ ବଡ଼ ପାର୍ଥକ୍ୟକୁ ନେଇ ପ୍ରଶ୍ନ ଉଠାଇଥିଲେ କୋର୍ଟ । ସରକାରଙ୍କ ଟ୍ରେଡ୍ ମାର୍ଜିନ୍ ନିୟନ୍ତ୍ରଣ ନୀତି ଓ ଔଷଧ ବିକ୍ରିରେ ମଧ୍ୟସ୍ଥଙ୍କ ଲାଭକୁ ନେଇ ମଧ୍ୟ ଆଲୋଚନା ହୋଇଥିଲା । ଏବେ ନୂଆ ଦର ନଭେମ୍ବର ୯ରୁ ଲାଗୁ ହେବା ପରେ କର୍କଟ ରୋଗୀ ଓ ସେମାନଙ୍କ ପରିବାରକୁ କେତେ ଆର୍ଥିକ ଆଶ୍ୱସ୍ତି ମିଳୁଛି, ତାହା ଦେଖିବାକୁ ବାକି ରହିଲା ।

ସିପିଏସଇ ପରୀକ୍ଷା ପାଇଁ ତଥ୍ୟ ଯାଂଚ ଅବଧି ...

କରିଥିଲେ, ସେମାନଙ୍କୁ ଆୟୋଗଙ୍କ ୱେବସାଇଟ୍ ଏଚଟିପିପିଏସ୍ :// ଓୟୁଏସଏସଏସସି.ଓଡ଼ିଶା.ଜିଓଭି.ଇନ୍ ରେ ନିଜର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ/ ବୈଧୀକରଣ କରିବାର ଶେଷ ତାରିଖ ଆଉ ୧୦ (ଦଶ) ଦିନ ବୃଦ୍ଧି କରାଯାଇତା୦୮.୧୧.୨୦୨୬ ରିଖ ରାତି ୧୦.୦୦ ଘଟିକା ପର୍ଯ୍ୟନ୍ତଧାର୍ଯ୍ୟ କରାଯାଇଥିବା ଜଣାଇ ଦିଆଯାଇଛି । ସମସ୍ତ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ଆୟୋଗଙ୍କ ୱେବସାଇଟ୍ ରେ ଲଗ୍ ଇନ୍ କରି ଧାର୍ଯ୍ୟ ସମୟସୀମା ମଧ୍ୟରେ ନିଜର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ/ ବୈଧୀକରଣ କରିବାକୁ ପରାମର୍ଶ ଦିଆଯାଇଛି । ଏହି ଅଦ୍ୟତନ/ ବୈଧୀକରଣ କରାଯାଇଥିବା ତଥ୍ୟ ସିପିଏସଇ-୨୦୨୪ ପରୀକ୍ଷାର ପରବର୍ତୀ ସମସ୍ତ ପର୍ଯ୍ୟାୟ ପାଇଁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯିବ । ପ୍ରାର୍ଥୀମାନଙ୍କର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ/ ବୈଧୀକରଣ କରିବା ପାଇଁ ଏହା ଶେଷ ସୁଯୋଗ । କୌଣସି ପରିସ୍ଥିତିରେ ଏହି ସମୟସୀମା ବୃଦ୍ଧି କରାଯିବ ନାହିଁ ।ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହି ପ୍ରକ୍ରିୟା ସମାପ୍ତ ନକରିଥିବା ପ୍ରାର୍ଥୀମାନେ ଏଥିଯୋଗୁଁ ଉପୁଜିବାକୁ ଥିବା ପରିଣାମ ପାଇଁ ନିଜେ ଦାୟୀ ରହିବେ ବୋଲି କମିଶନ ତରଫରୁ ସ୍ପଷ୍ଟ କରାଯାଇଛି । ଶେଷ ମୁହୂର୍ତରେ କୌଣସି ଅସୁବିଧା ଏଡ଼ାଇବା ପାଇଁ ପ୍ରାର୍ଥୀମାନଙ୍କୁ ଧାର୍ଯ୍ୟ ସମୟସୀମା ପୂର୍ବରୁ ଏହି ପ୍ରକ୍ରିୟା ସମାପ୍ତ କରିବାକୁ ପରାମର୍ଶ ଦିଆଯାଉଛି ।ଏ ସଂପର୍କରେ କମିଶନଙ୍କ ନିର୍ଦ୍ଦେଶ କ୍ରମେ ସଚିବ, ଓଡିଶା ୟୁନିଫର୍ମଡ୍ ସେବା କର୍ମଚାରୀ ଚୟନ ଆୟୋଗଙ୍କ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ କରାଯାଇଛି ।

ଧ୍ୱନି ପ୍ରତିଧ୍ୱନି

କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ତନ କର୍କଟ ସଚେତନତା: କର୍କଟ ବିଜୟିନୀ ଛାତ୍ରଛାତ୍ରୀଙ୍କୁ ଦେଲେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ

ବାରିପଦା, ୨୯/୧୦ (ନି.ପ୍ର): ସ୍ତନ କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ, ଲକ୍ଷଣ ସମ୍ପର୍କରେ ଜ୍ଞାନ ଏବଂ ସମୟୋଚିତ ଚିକିତ୍ସାର ଗୁରୁତ୍ୱକୁ ନେଇ ବାରିପଦାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ତନ କର୍କଟ ସଚେତନତା ମାସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷ ଏଲ.ଡି.ଏସ. ଯାଦବ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ପିଜିଟି ଶିକ୍ଷକ ଦେବଜିତ ପୃଷ୍ଟି ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଶ୍ରଦ୍ଧା ଫାଉଣ୍ଡେସନର ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା ତଥା କର୍କଟ ରୋଗ ବିଜୟିନୀ ଅନିତା ବେହେରା ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ସ୍ତନ କର୍କଟର ସାଧାରଣ ଲକ୍ଷଣ, ସ୍ତନରେ ଅସ୍ୱାଭାବିକ ପରିବର୍ତ୍ତନ ଚିହ୍ନିବା, ନିଜେ ପରୀକ୍ଷା କରିବାର ପଦ୍ଧତି, ସ୍କ୍ରିନିଂ ଏବଂ ପ୍ରାରମ୍ଭିକ ଚିହ୍ନଟ ଏବଂ ଚିକିତ୍ସା ଉପରେ ସେ ବିସ୍ତୃତ ଆଲୋଚନା କରିଥିଲେ। କର୍କଟ ରୋଗୀଙ୍କୁ ଚିକିତ୍ସା ସମୟରେ ରହିବା ଓ ଯାତାୟାତ କ୍ଷେତ୍ରରେ ସହାୟତା ଯୋଗାଇ ଦେଉଥିବା ଶ୍ରଦ୍ଧା ଫାଉଣ୍ଡେସନର କାର୍ଯ୍ୟଧାରା ସମ୍ପର୍କରେ ମଧ୍ୟ ସେ ଆଲୋକପାତ କରିଥିଲେ। ଅନିତା ବେହେରାଙ୍କ ବ୍ୟକ୍ତିଗତ ଅନୁଭୂତି ଓ ପ୍ରେରଣାଦାୟୀ ଉପସ୍ଥାପନା କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲା। ଏହି ଅବସରରେ ଇଞ୍ଜିନିୟର ରାମକାନ୍ତ ସାହୁ ଉପସ୍ଥିତ ଥିଲେ। ସଚେତନତା ଓ ଠିକ ସମୟରେ ଚିକିତ୍ସା ଦ୍ୱାରା କର୍କଟ ରୋଗ ମୁକାବିଲା ସମ୍ଭବ ବୋଲି ସେ କହିଥିଲେ।



କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ବନ୍ତ ତହସିଲର ରାଜସ୍ୱ ନିରୀକ୍ଷକ ନିଲମ୍ବିତ

ଭଦ୍ରକ, ୨୯/୧୦ (ନି.ପ୍ର): ସରକାରୀ କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ଭଦ୍ରକ ଜିଲ୍ଲା ବନ୍ତ ତହସିଲ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ ଶ୍ରୀମତୀ ସସ୍ମିତା ମହାପାତ୍ରଙ୍କୁ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ନିଲମ୍ବନ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ବିଭାଗ ପକ୍ଷରୁ ୨୭ ଅକ୍ଟୋବର ୨୦୨୬ ତାରିଖରେ କାର୍ଯ୍ୟାଳୟ ଆଦେଶ ଜାରି କରାଯାଇଛି। ନିଲମ୍ବନ ଅବଧିରେ ତାଙ୍କର ମୁଖ୍ୟାଳୟ ଭଦ୍ରକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାର୍ଯ୍ୟ କରାଯାଇଛି। କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ।

ବାଲେଶ୍ୱରରେ ଦୁଇଦିନିଆ ଯୁବ ଉତ୍ସବ ଉଦ୍ଘାଟିତ: ଲୋକକଳା ଓ ପ୍ରତିଭା ପ୍ରଦର୍ଶନର ଆକର୍ଷଣୀୟ ଆରମ୍ଭ

ବାଲେଶ୍ୱର, ୨୯/୧୦ (ନି.ପ୍ର): ଆଜି ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର ପରିସରରେ ଜିଲ୍ଲା ପ୍ରଶାସନ, ବାଲେଶ୍ୱର ଓ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କର ମିଳିତ ତତ୍ତ୍ୱାବଧାନରେ ଦୁଇଦିନିଆ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। ଏହି ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ, ବାଲେଶ୍ୱର ଅଧ୍ୟକ୍ଷ, ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପୌରପରିଷଦର ଅଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ଉପଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ ଏବଂ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ଉତ୍ସାହିତ କରିଥିଲେ। ଏହି ଦୁଇଦିନିଆ ମହୋତ୍ସବରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବ ପ୍ରତିଭାମାନେ ନିଜର କଳା ପ୍ରଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ: ଲୋକଗୀତ, ଲୋକନୃତ୍ୟ, ନୁକଡ ନାଟକ, କବିତା ଲିଖନ ଏବଂ ଚିତ୍ରକଳା ଭଳି ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ଅନୁଷ୍ଠିତ ହୁଇଯାଇଛି। ସମଗ୍ର କାର୍ଯ୍ୟକ୍ରମଟିକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଜେନା ଏବଂ ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସୁଚାରୁରୂପେ ପରିଚାଳନା କରିଥିଲେ।



ବାତ୍ୟା ପ୍ରଭାବିତ ଅଂଚଳରେ ଉଦ୍ଧାର କାର୍ଯ୍ୟ: ରିଲିଫ ବଂଟନପାଇଁ ଦଳୀୟ କର୍ମକର୍ତ୍ତାଙ୍କୁ ବିଜେପି ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ସମ୍ପ୍ରତି ରାଜ୍ୟରେ ପ୍ରଳୟଙ୍କରୀ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଓଡ଼ିଶାର ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମାଂଚଳର କେତେକ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷ କରି ଗଜପତି, ଗଞ୍ଜାମ, ରାୟଗଡା, କୋରାପୁଟ, କନ୍ଧମାଳ ଏବଂ ମାଲକାନଗିରି ଆଦି ଜିଲ୍ଲାରେ ବାତ୍ୟା ଓ ପ୍ରବଳ ବର୍ଷା ଯାଗୁଁ ବ୍ୟାପକ ଧନଜୀବନ, ଘରଦ୍ୱାର, ବିଦ୍ୟୁତ୍ ସରବରାହ ଏବଂ କୃଷି କ୍ଷେତ୍ର ପ୍ରଭାବିତ ହୋଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ଗୁରୁତ୍ୱର ସହ ଗ୍ରହଣ କରି ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ଏଭଳି ବିପଦର ସମୟରେ ଲୋକଙ୍କ ପାଖରେ ଠିଆ ହେବା ଏବଂ ସେମାନଙ୍କୁ ସବୁପ୍ରକାର ସାହାଯ୍ୟ ଯୋଗାଇ ଦେବା ଆମର ନୈତିକ ଏବଂ ସାମାଜିକ ଦାୟିତ୍ୱ। ତେଣୁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ସମସ୍ତ ଦଳୀୟ ନେତା ଓ କର୍ମକର୍ତା ନିଜ ନିଜ ଅଂଚଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ପ୍ରଶାସନକୁ ସହଯୋଗ କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ଖାଦ୍ୟ, ପାନୀୟ ଜଳ ଏବଂ ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଆଗେଇ ଆସିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ଜନସାଧାରଣଙ୍କ ଜୀବନ ଓ ସମ୍ପତି ସୁରକ୍ଷା ପାଇଁ ପ୍ରତିବଦ୍ଧ ଅଛନ୍ତି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତଙ୍କର ମିଳିତ ସହଯୋଗ ନିହାତି ଆବଶ୍ୟକ। ସରକାରୀ ସ୍ତରରେ ତ୍ୱରିତ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଦଳୀୟ ସ୍ତରରେ ମଧ୍ୟ ପ୍ରଭାବିତ ପରିବାରଗୁଡ଼ିକୁ ସମସ୍ତ ସମ୍ଭବ ସହାୟତା ପ୍ରଦାନ ପାଇଁ ପାର୍ଟି ତରଫରୁ ନିରନ୍ତର ତଦାରଖ କରାଯାଉଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ।

ଗଛଡାଳରେ ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର

ନୀଳଗିରି, ୨୯/୧୦ (ନି.ପ୍ର): ନୀଳଗିରି ବ୍ଲକ ମାଟିଆଳି ଗ୍ରାମର ପୁରୁଣା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପଛପାଖ ସଂରକ୍ଷିତ ଜଙ୍ଗଲରେ ଥିବା ଏକ ଆକାଶିଆ ଗଛଉପରେ ଅଜଣାଲୋକର ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ ଆଜି ଅପରାହ୍ନ ପ୍ରାୟ ୨ଘଟିକା ସମୟରେ ଗ୍ରାମର କିଛିଲୋକ ଉକ୍ତ ଜଙ୍ଗଲକୁ ଯାଇଥିବା ବେଳେ ପଚାଗନ୍ଧ ହେବାରୁ ସେଠାରେ ଥିବା ଆକାଶିଆ ଗଛଉପରେ ଏକ ମୃତଦେହ ଝୁଲୁଥିବାର ଦେଖିବାକୁ ପାଇଥିଲେ। ତୁରନ୍ତ ବରହମପୁର ଥାନାକୁ ଖବର ଦେବାପରେ ଘଟଣାସ୍ଥଳରେ ପୋଲିସ ଓ ନୀଳଗିରି ଦମକଳବାହିନୀ ପହଞ୍ଚି ଗଛଉପରୁ ଉକ୍ତ ମୃତଦେହ ଉଦ୍ଧାର କରିଥିଲେ। ତେବେ ଗଳିତଶବଟି ଦେହର ବିଭିନ୍ନ ଅଂଶରୁ ଚମଡ଼ା ବାହାରି ପଡ଼ିଥିବା ଦେଖିବାକୁ ମିଳିଥିବା ବେଳେ ଉକ୍ତ ଶବଟି ଜୈନିକ ଯୁବକଙ୍କର ହୋଇଥିବା ଅନୁମାନ କରାଯାଇଛି । ତେବେ ଖବରଲେଖା ହେବାବେଳକୁ ସଂପୃକ୍ତ ଶବର ଠିକଣା କିମ୍ବା ପରିଚୟ ମିଳିପାରିନାହିଁ। ଏନେଇ ବରହମପୁର ଥାନାପକ୍ଷରୁ ୧୭/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବାବେଳେ ବ୍ୟବଚ୍ଛେଦ ପାଇଁ ଗଳିତଶବକୁ ବାଲେଶ୍ୱର ମେଡିକାଲକୁ ପଠାଯାଇଥିବା ସୂଚନା ମିଳିଛି।

ଲାଂଚ ମାମଲାରେ ଆରଆଇ ପ୍ରଶାନ୍ତ କୁମାର ନାୟକ ଦୋଷୀ ସାବ୍ୟସ୍ତ: ୪ ବର୍ଷ ଜେଲ୍ ଦଣ୍ଡ

କଟକ/ଭୁବନେଶ୍ୱର, ୨୯/୧୦ (ନି.ପ୍ର): ଲାଂଚ ମାମଲାରେ କଟକ ଜିଲ୍ଲାର ଜଣେ ରାଜସ୍ୱ ନିରୀକ୍ଷକ (ଆରଆଇ) ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଦୋଷୀ ସାବ୍ୟସ୍ତ ଆରଆଇ ପ୍ରଶାନ୍ତ କୁମାର ନାୟକଙ୍କୁ ୪ ବର୍ଷର ସଶ୍ରମ କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ହୋଇଛି। କଟକ ଭିଜିଲାନ୍ସର ସ୍ୱତନ୍ତ୍ର ଅଦାଲତ ଏହି ରାୟ ଶୁଣାଇଛନ୍ତି।ପ୍ରଶାନ୍ତ କୁମାର ନାୟକ କିଶନନଗର ତହସିଲ ଅଧୀନ ସମିତଙ୍ଗ ଆରଆଇ ସର୍କଲରେ ରାଜସ୍ୱ ନିରୀକ୍ଷକ ଥିବାବେଳେ ବର୍ତ୍ତମାନ ସାଲେପୁର ତହସିଲ ଅଧୀନ ସାଲେପୁର ଆରଆଇ ସର୍କଲରେ କାର୍ଯ୍ୟରତ ଥିଲେ। ସରକାରୀ ଜମି ସମ୍ପର୍କିତ ଏକ ଜବରଦଖଲ ମାମଲା ଜାରି ରଖିବା ପାଇଁ ସେ ଜଣେ ଅଭିଯୋଗକାରୀଙ୍କଠାରୁ ଲାଂଚ ଦାବି କରିବା ସହ ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୭ ଏବଂ ୧୩(୨) ସହ ୧୩(୧)(ଡି) ଅନୁଯାୟୀ ଚାର୍ଜସିଟ୍ ଦାଖଲ କରାଯାଇଥିଲା।

ଦୁଇ କାର୍ଯ୍ୟାଳୟରେ ବିଦ୍ୟୁତ ବିଭାଗର ଠିକା କର୍ମଚାରୀଙ୍କ ଆନ୍ଦୋଳନ ତୀବ୍ର

ଛଟେଇ ପ୍ରତିବାଦରେ ୪୦୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ଥାନାରେ ଲିଖିତ ଅଭିଯୋଗ

ଖୋର୍ଦ୍ଧା, ୨୯/୧୦ (ନି.ପ୍ର): ଠିକା କର୍ମଚାରୀଙ୍କ ଛଟେଇକୁ ବିରୋଧ କରି ଖୋର୍ଦ୍ଧା ବିଦ୍ୟୁତ ଡିଭିଜନ ଅଧୀନରେ ଆନ୍ଦୋଳନ ତୀବ୍ର ହୋଇଛି। ଗୁରୁବାର ୪୦୦ରୁ ଉର୍ଦ୍ଧ୍ୱ ଠିକା କର୍ମଚାରୀ ଖୋର୍ଦ୍ଧା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ଦେବା ସହ ଡିଭିଜନ ଅଧୀନରେ ଥିବା ଦୁଇଟି କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ସୂଚନା ଅନୁଯାୟୀ, ଖୋର୍ଦ୍ଧା ବିଦ୍ୟୁତ ଡିଭିଜନ ଅଧୀନରେ ଥିବା ୧୮ଟି ସେକ୍ସନରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ଗତ ୨୬ ତାରିଖରୁ ଛଟେଇ ପ୍ରତିବାଦରେ ଆନ୍ଦୋଳନ ଆରମ୍ଭ କରିଥିଲେ। ସେମାନେ ପଦଯାତ୍ରା କରିବା ସହ ଦଣ୍ଡ ପ୍ରଣାମ ଓ ଘଣ୍ଟ ବଜାଇ ପ୍ରତିବାଦ ଜଣାଇଥିଲେ। ଏହାପରେ ଭୁବନେଶ୍ୱରସ୍ଥିତ ପିଏମଜି ଛକରେ ଧାରଣା ଦେଇଥିଲେ। ଏହି ଆନ୍ଦୋଳନରେ ଓଡ଼ିଶାର ବିଭିନ୍ନ ସେକ୍ସନର ଠିକା କର୍ମଚାରୀ ସାମିଲ ହୋଇଥିଲେ। ଛଟେଇ ପ୍ରସଙ୍ଗରେ ପ୍ରତିବାଦ ଜାରି ରଖି ଗୁରୁବାର କର୍ମଚାରୀମାନେ ଖୋର୍ଦ୍ଧା ଆଦର୍ଶ ଥାନାରେ ସାମୂହିକ ଭାବେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏଥିସହ ଦୁଇଟି କାର୍ଯ୍ୟାଳୟରେ ତାଲା ପକାଇ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଛଟେଇକୁ ନେଇ ଠିକା କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବାବେଳେ ଏହି ଆନ୍ଦୋଳନ ଆଗକୁ କେଉଁ ରୂପ ନେବ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ସାମାଜିକ ସୁରକ୍ଷାରୁ ବଂଚିତ ମାଙ୍କିଡ଼ିଆ ଜନଜାତିର 'ପୂର୍ଣ୍ଣ'

ଉଦଳା , ୨୯/୧୦ (ନି.ପ୍ର): କପ୍ତିପଦା ବ୍ଲକର ଜେ.ଏସ୍. ଜାମଡ଼ିହା ପଂଚାୟତ ଅନ୍ତର୍ଗତ ହିଲ ବ୍ଲକ-୪ରେ ବସବାସ କରୁଥିବା ମନର ମାଙ୍କିଡ଼ିଆଙ୍କ ୧୫ବର୍ଷ ବୟସର ପୁତ୍ର ପୂର୍ଣ୍ଣ ମାଙ୍କିଡ଼ିଆ ପିଲାଟି ଦିନରୁ ଆକାଶମାରି ବାତରେ ପିଡ଼ିତ ଥିବାର କଥା ପରିବାରର ଲୋକେ ଜଣାଇଛନ୍ତି। ଏଥିପାଇଁ ବହୁପ୍ରକାର ଚିକିତ୍ସା ହୋଇ ସେ ଔଷଧ ସେବନ କରୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିନଥିବାର କଥା କହିଛନ୍ତି। ଡ଼ାକ୍ତର ପୂର୍ଣ୍ଣଙ୍କୁ ୪୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। କିନ୍ତୁ ସାମାଜିକ ସୁରକ୍ଷା ଯୋଜନାରେ ସେ ଏପର୍ଯ୍ୟନ୍ତ ଭତା ପାଇପାରିନଥିବାର ଜଣାଇଛନ୍ତି। ପୂର୍ଣ୍ଣ ମାଙ୍କିଡ଼ିଆଙ୍କର ଆଧାର କାର୍ଡ଼ ନାହିଁ। ଆଧାର ପାଇଁ ବାରମ୍ବାର ଫଟୋ ଉଠାଇଥିଲେ ମଧ୍ୟ କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କଥା କହିଛନ୍ତି। ନିକଟରେ ଥିବା ସର୍ବଣାଘାଟି ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି। ବାରମ୍ବାର ଦେହ ଅସୁସ୍ଥ ହେବାରୁ ସେ ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ୍ୟ ହୋଇଥିବାର କଥା କହିଛନ୍ତି। ପୂର୍ଣ୍ଣ ମାଙ୍କିଡ଼ିଆଙ୍କ ଦୁଃଖ ବୁଝି ତାଙ୍କୁ ତୁରନ୍ତ ସରକାର ସହଯୋଗର ହାତ ବଢ଼ାଇବାକୁ ଜନଜାଗୃତି ମଂଚର ସ୍ୱେଚ୍ଛାସେବି ମାନେ ଅନୁରୋଧ ଜଣାଇଛନ୍ତି।



ଧାମରା ପୋର୍ଟ ୟୁନିଅନ ତରଫରୁ ମଦନ ଚରଣ ମାଝୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ

ଭଦ୍ରକ , ୨୯/୧୦ (ନି.ପ୍ର): ଇଚ୍ଛାପୁରସ୍ଥ ଭଟଡିରା ରେଳ ଷ୍ଟେସନ ନିକଟରେ ଆଜି ଏକ ଅଭାବନୀୟ ପରିସ୍ଥିତି ରେ ଧାମରା ପୋର୍ଟ କୁ ଯାଇଥିବା ରେଳ ଲାଇନ ରେ କାର୍ଯ୍ୟ କରୁଥିବା କର୍ମଚାରୀ ମଦନ ଚରଣ ମାଝୀଙ୍କ ର ଗତକାଲି ମୃତ୍ୟୁ ବରଣ କର୍ଥିବାରୁ ଆଜି ଧାମରା ପୋର୍ଟ ୱର୍କର୍ସ ୟୁନିଅନ ତରଫରୁ ଆୟୋଜିତ ଏକ ଶୋକ ସଭା ସଦନ କୁମାର ନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ତାଙ୍କ ଫଟୋ ଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ ସି ଆଇ ଟି ୟୁ ନେତା ଦିବ୍ୟ ସିଂହ ନାୟକ, ସୁବ୍ରତ ସାମଲ, ମୁନା ଘଡ଼େଇ, ପ୍ରମୋଦ ପଣ୍ଡା, ଜ୍ଞାନ ପାତ୍ରୀ, ଅର୍ଜୁନ ନାୟକ, ଅଜୟ ନାୟକ, ସେକ୍ ଜଫିରୁ ଦ୍ଦିନ, ସେକ ରିଆୟ, ପ୍ରଫୁଲ୍ଲ ବାରିକ, ସୁବ୍ରାଂଶୁ ସାମଲ, କୁଳମଣି ମିଶ୍ର, ପ୍ରଦୀପ ନାୟକ, ଅଜୟ ଦାସ । ସ୍ୱର୍ଗତ ମାଝୀ ଜଣେ ଆମାଇକ କର୍ମଚାରୀ ଭାବେ ୧୫ବର୍ଷ ଧରି, ଧାମରା ପୋର୍ଟ ରେ କାର୍ଯ୍ୟ କରୁଥିବା ସମୟରେ ଦୁର୍ଗା ପୂଜା ଅବସରରେ ଘରକୁ ଯାଇ ଥିଲେ, ହଟାତ୍ ମାତ୍ର ୪୨ବର୍ଷ ରେ ମୃତ ହୋଇଥିବାରୁ ସମବେତ କର୍ମଚାରୀ ମାନେ ତାଙ୍କ ପତ୍ନୀ ଙ୍କୁ ୪୫, ୦୦୦ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସମବେତ କର୍ମଚାରୀ ମାନେ ତାଙ୍କ ଆତ୍ମା ର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଛି ଦିବ୍ୟସିଂହ ନାୟକ।



ଜଳେଶପଟା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମ ପରିଦର୍ଶନକଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୁରୁବାର କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧ ସ୍ଥିତ ଜଳେଶପଟା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମ ପରିଦର୍ଶନ କରି ସେଠାରେ ଅଧ୍ୟୟନ କରୁଥିବା ଛାତ୍ରୀମାନଙ୍କ ପାଠ୍ୟକ୍ରମ ଏବଂ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଭୂମି ଏବଂ ଆଦ୍ୟ ସାଧନା ପୀଠ ଭାବେ ପରିଚିତ ଏହି ଆଶ୍ରମରେ ଆଦିବାସୀ କନ୍ୟାମାନଙ୍କର ସଂସ୍କାର, ଶିକ୍ଷା, ନୈତିକ ମୂଲ୍ୟବୋଧ ଏବଂ ସାଂସ୍କୃତିକ ଜାଗରଣ ପାଇଁ କରାଯାଉଥିବା ନିରନ୍ତର ପ୍ରଚେଷ୍ଟା ପ୍ରଶଂସନୀୟ ବୋଲି ମନ୍ତ୍ରୀ କହିଛନ୍ତି।

ବର୍ଷାର ପ୍ରଖର ଝରଣା ଜଳରେ ବୁଡ଼ିଲା ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠ: ସାଧାରଣ ସ୍ପର୍ଶ ଓ ଦର୍ଶନ ବନ୍ଦ

ନୀଳଗିରି, ୨୯/୧୦ (ନି.ପ୍ର): ନୀଳଗିରିର ପ୍ରସିଦ୍ଧ ଶୈବପୀଠ ବାବା ପଂଚଲିଙ୍ଗେଶ୍ୱରଙ୍କ ଶୈବପୀଠର ପୂଜାମଣ୍ଡପ ଲଗାଣବର୍ଷାରେ ବୁଡ଼ିଥିବା ଦେଖିବାକୁ ମିଳିଛି। ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଉପରେ ଝରଣାର ପ୍ରଖରସ୍ରୋତର ଜଳପ୍ରବାହିତ ହେଉଥିବାରୁ ସାଧାରଣଦର୍ଶନ ଓ ସ୍ପର୍ଶ ବନ୍ଦ ରହିଛି।ମଣ୍ଡପଉପରେ ମଧ୍ୟ ଆଣ୍ଠୁଏ ଉଚ୍ଚର ଲଗାଣବର୍ଷାର ଜଳ ପ୍ରବାହିତ ହେଉଛି।ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେରଖି ଉପରେ ଉଚ୍ଚଜାଗାରେ ପୂଜାହେଉଥିବା ବେଳେ, ଲିଙ୍ଗଦର୍ଶନ ଓ ସ୍ପର୍ଶ ବନ୍ଦ କରାଯାଇଛି।

ବାରିପଦା କୋର୍ଟ ପରିସରରେ ଭୁଶୁଡ଼ିଲା ପୁରୁଣା ପାଚେରି

ଅଳ୍ପକେ ବର୍ତ୍ତିଲେ ଲୋକେ, କାର ସହ ୧୦ରୁ ଉର୍ଦ୍ଧ୍ୱ ବାଇକ କ୍ଷତିଗ୍ରସ୍ତ

ବାରିପଦା , ୨୯/୧୦ (ନି.ପ୍ର): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି. ଏହି ବର୍ଷା ମଧ୍ୟରେ ବାରିପଦା କୋର୍ଟ ପରିସରରେ ଥିବା ଏକ ପୁରୁଣା ପାଚେରୀ ଭୁଶୁଡ଼ି ପଡ଼ିଥିବାର ଦେଖାଯାଇଛି. ଭାଙ୍ଗିପଡ଼ିଥିବା ପାଚେରିର ଇଟା ତଳେ ଚାପି ହୋଇ କ୍ଷତିଗ୍ରସ୍ତ ହୋଇଛି ଜଣେ ଆଇନଜୀବୀଙ୍କ କାର ସମେତ ୧୦ରୁ ଉର୍ଦ୍ଧ୍ୱ ବାଇକ। ତେବେ ସୌଭାଗ୍ୟ ବଶତଃ ଏହି ଅଘଟଣରେ କାହାରି ଜୀବନ ଯାଇନାହିଁ କିମ୍ବା କେହି ଆହତ ହୋଇନାହାନ୍ତି। ସୂଚନା ଅନୁଯାୟୀ, କୋର୍ଟ ପରିସରରେ ଆଇନଜୀବୀ ମାନେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ହଠାତ ଶୁଣିବାକୁ ମିଳିଥିଲା ଏକ ବଡ଼ ଶବ୍ଦ। ପ୍ରଥମେ କୌଣସି ପୁରୁଣା କୋଠା ଭାଙ୍ଗିପଡ଼ିଥିବା ଆଶଙ୍କା କରିଥିଲେ ଉପସ୍ଥିତ ଲୋକେ। ମାତ୍ର ବାହାରକୁ ଆସି ଦେଖିବା ବେଳକୁ ଭୁଶୁଡ଼ି ପଡ଼ିଥିଲା କୋର୍ଟର ପୁରୁଣା ପାଚେରି। ପାଚେରି ନିକଟରେ ପାର୍କିଂ ହୋଇଥିବା ଏକ କାର ଉପରେ ପଡ଼ିବାରୁ ଗାଡ଼ିଟି କ୍ଷତିଗ୍ରସ୍ତ ହୋଇଥିଲା। ଏଥିସହ ପାଚେରି ନିକଟରେ ରଖାଯାଇଥିବା ଏକାଧିକ ବାଇକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ, ଏହି ଘଟଣା ପରେ କୋର୍ଟ ପରିସରରେ ଥିବା ପାର୍କିଂ ବ୍ୟବସ୍ଥା ଓ ପୁରୁଣା ପାଚେରିର ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ। ସ୍ଥାନୀୟ ବରିଷ୍ଠ ଆଇନଜୀବୀଙ୍କ ସୂଚନା ଅନୁଯାୟୀ, ପାଚେରି ନିକଟରେ ପ୍ରତିଦିନ ବିଭିନ୍ନ କୋର୍ଟ ଓ କାର୍ଯ୍ୟାଳୟକୁ ଆସୁଥିବା ଅଧିକାରୀ, ଆଇନଜୀବୀ ଏବଂ ସାଧାରଣ ଲୋକେ ନିଜ ଗାଡ଼ି ପାର୍କିଂ କରିଥାନ୍ତି। ଏହି ସ୍ଥାନରେ ଦୈନିକ ପ୍ରାୟ ୪୦ରୁ ୫୦ଟି ବାଇକ ଏବଂ ୮ରୁ ୯ଟି କାର ପ୍ରତିଦିନ ରହିଥାଏ. ତେବେ ପାଚେରୀ ଭୁଶୁଡିବା ବେଳେ ଗାଡି ସହିତ କେହି ଲୋକ ନଥିବାରୁ କେବଳ ଗାଡି ଗୁଡିକ କ୍ଷତିଗ୍ରସ୍ତ ହୋଇଛି. ତେବେ ଏହି ଅଘଟଣ ପରେ କୋର୍ଟ ପରିସରରେ ଥିବା ଅନ୍ୟ ପୁରୁଣା ପାଚେରିର ସ୍ଥିତି ଯାଞ୍ଚ କରିବା ସହ ଆବଶ୍ୟକ ମରାମତି ଏବଂ ସୁରକ୍ଷିତ ପାର୍କିଂ ବ୍ୟବସ୍ଥା କରିବାକୁ ଦାବି ଉଠିଛି। ସମ୍ପୃକ୍ତ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନନେଲେ ଆଗକୁ ଏଭଳି ଅଘଟଣ ପୁନରାବୃତ୍ତି ହେବାର ଆଶଙ୍କା ରହିଛି। ତେଣୁ ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ପାଚେରିର ମରାମତି ଓ ପାର୍କିଂ ବ୍ୟବସ୍ଥାର ସୁଧାର ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବୀ ହେଉଛି।



ମୟୂରଭଞ୍ଜର ପ୍ରସିଦ୍ଧ ଢୋକ୍ରା ଶିଳ୍ପ ଓ ସ୍ଥାନୀୟ କାରିଗରଙ୍କୁ ପ୍ରୋତ୍ସାହନ ଦେବାକୁ ଆହ୍ୱାନ

ବାରିପଦା , ୨୯/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ପ୍ରାଚୀନ ଐତିହ୍ୟ ତଥା ପାରମ୍ପରିକ କଳା ସଂସ୍କୃତିକୁ ବଞ୍ଚାଇ ରଖିବା ସହିତ ସ୍ଥାନୀୟ କାରିଗରମାନଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ ବିଶିଷ୍ଟ ସାମାଜିକ କର୍ମୀ ହେମନ୍ତ ଶାହା ଆହ୍ୱାନ ଜଣାଇଛନ୍ତି। ମୟୂରଭଞ୍ଜର ହସ୍ତକଳା ଢୋକ୍ରା ଆର୍ଟ କେବଳ ରାଜ୍ୟ ନୁହେଁ, ବରଂ ବିଶ୍ୱସ୍ତରରେ ଭାରତୀୟ ସଂସ୍କୃତିର ଏକ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଜିଲ୍ଲାର ନିପୁଣ କାରିଗର ମାନଙ୍କ ଦ୍ୱାରା ନିର୍ମିତ ଏହି ହସ୍ତତନ୍ତ ଓ ଧାତୁ ଶିଳ୍ପକୁ ଆପଣାଇବା ଏବଂ ସେମାନଙ୍କୁ ସମର୍ଥନ ଜଣାଇବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ସ୍ଥାନୀୟ ସାମଗ୍ରୀ ବ୍ୟବହାର ଦ୍ୱାରା କାରିଗରଙ୍କ ଜୀବନଜୀବିକା ସୁରକ୍ଷିତ ହେବା ସହ ଗ୍ରାମୀଣ ଅର୍ଥନୀତି ମଜଭୁତ ହୋଇପାରିବ। ମୟୂରଭଞ୍ଜର ଢୋକ୍ରା କଳାର ଏହି ଐତିହ୍ୟକୁ ଆଗାମୀ ପିଢ଼ି ପାଇଁ ବଞ୍ଚାଇ ରଖି ସ୍ଥାନୀୟ କଳା, ବିଶ୍ୱର ଗର୍ବ ମନ୍ତ୍ରକୁ ସାର୍ଥକ କରିବାକୁ ଶ୍ରୀ ସାହା ଗୁରୁତ୍ୱାରୋପ କରିଛନ୍ତି।



❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida